
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

*The Dhwani Pratidhwani*

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୦ ଫେବୃଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 20 FEBRUARY 2025
Vol.No. 36 ■ No.49 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ମାନିଲେ ବରିଷ୍ଠ ବିଜେଡି ନେତା ଅରୁଣ ସାହୁ: ୫ଟି ପାଇଁ ଆମେ ମଲୁ



ଭୁବନେଶ୍ୱର, ୧୯/୨(ନି.ପ୍ର) : ଓଟିଭି ଫୋରସାଇଟ୍ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ନେତା ଅରୁଣ ସାହୁ ମାନିଛନ୍ତି, ୫ଟି ପାଇଁ ଆମେ ମଲୁ । ସେ କହିଛନ୍ତି, ୫ଟି ଖରାପ କନସେପ୍ଟ ନୁହେଁ । ଆମର ଇମ୍ପଲିମେଣ୍ଟେସନ ଭୁଲ୍ ହୋଇଗଲା । ଯିଏ ଇମ୍ପଲିମେଣ୍ଟ କଲେ ଠିକରେ ଇମ୍ପଲିମେଣ୍ଟେ କରିପାରିଲେନି । ୫ଟିକୁ କିଏ କେଉଁ ଦିଗରେ ନେଲା, କିଏ କେମିତି ଇମ୍ପଲିମେଣ୍ଟ କଲା । ଆମେ ୫ଟି ରେ ମଲୁ । ସେମାନେ ଓଡ଼ିଆ ଅସ୍ମିତାରେ ମରିବେ । ସେଇଠି ମରିବେ । ନ୍ୟାରେସନ କ୍ରିଏଟ୍ କରିଦେଲେ ଆମେ ଗାଧେଇଗଲୁ । ସେମାନେ ଓଡ଼ିଆ ଅସ୍ମିତାରେ ମରିବେ ବୋଲି କହିଛନ୍ତି ଅରୁଣ । ଆମେ ଏବେ ପ୍ରତି କଥାରେ ଓଡ଼ିଆ ଅସ୍ମିତା କଥା ଉଠେଇବୁ । ମହାନଦୀରେ କାହିଁକି ପାଣି ଆସୁନି ? ପୋଲାଭରମର ଉଚ୍ଚତା କାହିଁକି ବଢ଼ିଲା ? ଭରତପୁର ଥାନା ଘଟଣାରେ ଓଡ଼ିଆ ଅସ୍ମିତା କେଉଁଠଇ ଅଛି ଦେଖାଅ ? ପ୍ରଧାନମନ୍ତ୍ରୀ ଆସିଥିଲା ବେଳେ ଭୁବନେଶ୍ୱରରେ ସହଦେବ ନାୟକ ହତ୍ୟାକାଣ୍ଡ ହେଲା ଓଡ଼ିଆ ଅସ୍ମିତା କେଉଁଠି ଅଛି ଦେଖା ? ଏମିତି ପ୍ରଶ୍ନ ଉଠାଇବୁ ସିଏ ମରିବେ ବୋଲି କହିଛନ୍ତି ନୟାଗଡ଼ ବିଧାୟକ । ତେବେ ଏହାର ଚଟାପଟ୍ ଉତ୍ତର ଦେଇଥିଲେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । କହିଥିଲେ ଓଡିଶାର ଅସ୍ମିତା ଓ ଐତିହ୍ୟ ପାଇଁ ଆମେ ମରିବାକୁ ପ୍ରସ୍ତୁତ ଅଛୁ । ଅରୁଣ ସାହୁ କହିଥିଲେ, ସେ ଦୃଷ୍ଟିରୁ ମୁଁ କହିନି । ମୁଁ ଜଣେ ସାହିତ୍ୟିକ । ମୁଁ ଲେଖାଲେଖି ଭଲ କରେ । ମୁଁ ବି ଓଡିଆ ଭାଷାକୁ ଭଲ ପାଏ । ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁ ପଚାରିଥିଲେ, କୋଡ୍ ନଥାଇ ଏକ ବିଭାଗ ଥିଲା ୫ଟି । ଏହି ୫ଟି ମଡେଲ୍ ଠିକ୍ ଥିଲା ନା ଭୁଲ୍ ଥିଲା ? ଏ ସଂପର୍କରେ ଉତ୍ତର ଦେଇଥିଲେ ଅରୁଣ ସାହୁ। ବିଧାୟକ ଅରୁଣ ସାହୁଙ୍କୁ ପ୍ରଶ୍ନ କରାଯାଇଥିଲା, ବିଶ୍ୱସ୍ତରରେ କିଟ୍ ନିନ୍ଦିତ ହେଲା । ▶▶ପୃଷ୍ଠା ୭

# ରେଖା ଗୁପ୍ତା ହେଲେ ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀ

## ବିଧାୟକ ଦଳ ବୈଠକରେ ରେଖାଙ୍କ ନାଁରେ ବାଜିଲା ମୋହର



ନୂଆଦିଲ୍ଲୀ, ୧୯/୨ : ଦିଲ୍ଲୀର ମୁଖ୍ୟମନ୍ତ୍ରୀ ହେବେ ରେଖା ଗୁପ୍ତା। ବୁଧବାର ବିଜେପି ବିଧାୟକ ଦଳର ବୈଠକ ପରେ ରେଖାଙ୍କ ନାମରେ ମୋହର ଲାଗିଛି। ସେ ଦିଲ୍ଲୀର ନବମ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିବେ। ଏହା ସହିତ ସେ ଚତୁର୍ଥ ମହିଳା ଭାବରେ ଦିଲ୍ଲୀର ଶାସନ ଗାଦିରେ ବସିବାକୁ ଯାଉଛନ୍ତି। ନୂଆଦିଲ୍ଲୀର ଶାଲିମାର ବାଘ ଅଞ୍ଚଳରୁ ଆସୁଥିବା ରେଖା ୩ ଥରର ବିଧାୟିକା ବନ୍ଦନା କୁମାରୀଙ୍କୁ ୨୯,୫୯୫ ଭୋଟରେ ପରାସ୍ତ କରିଥିଲେ। ଅନ୍ୟ ପକ୍ଷରେ ଜାୟାଣ୍ଟ କିଲର ତଥା ଅରବିନ୍ଦ କେଜ୍ରିୱାଲଙ୍କୁ ହରାଇବା ପ୍ରବେଶ ବର୍ମାଙ୍କୁ ତାଙ୍କର ଡେପୁଟି ଚୟନ କରାଯାଇଛି। ବୁଧବାର ଦିଲ୍ଲୀରେ ବିଜେପି ମୁଖ୍ୟାଳୟରେ ହୋଇଥିବା ବୈଠକରେ ଏହି ଦୁଇ ନାମରେ ମୋହର ବାଜିଥିଲା। ଗୁରୁବାର ଉଭୟ ନେତା ଶପଥ ନେବେ ବୋଲି ଜଣାପଡିଛି। ୧୯୭୪ ମସିହାରେ ହରିଆଣାର ଜୁଲାନାରେ ରେଖାଙ୍କ ଜନ୍ମ। ଛାତ୍ର ରାଜନୀତିରୁ କ୍ୟାରିୟର ଆରମ୍ଭ କରିଥିବା ୫୧ ବର୍ଷୀୟା ରେଖା ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂଘର ସଭାପତି ନିର୍ବାଚିତ ହୋଇଥିଲେ। ୧୯୯୬-୯୭ରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସଭାପତି ହୋଇଥିବା ବେଳେ ଦିଲ୍ଲୀ କାଉନସିଲର ନିର୍ବାଚନରେ ୨୦୦୭ରେ ଭାଗ ନେଇଥିଲେ। ୨୦୦୭ ଓ ୨୦୧୨ରେ ଦୁଇ ଦୁଇ ଥର ସେ ଦିଲ୍ଲୀର କାଉନସିଲର ମଧ ରହିଥିଲେ। ▶▶ପୃଷ୍ଠା ୭

## ଧରାପଡ଼ିଲା ବଡ଼ ରାସନ କେଳେଙ୍କାରୀ: ୩ ଲକ୍ଷ ଭୂତ ନେଉଥିଲେ ରାସନ ଚାଉଳ

ଭୁବନେଶ୍ୱର, ୧୯/୨(ନି.ପ୍ର) : ମୃତ ବ୍ୟକ୍ତିଙ୍କ ନାଁ ରେ ଉଠୁଥିଲା ରାସନ ଚାଉଳ। ଆଜି ବିଧାନସଭାରେ ଲିଖିତ ଉତ୍ତର ଦେଇ ରାସନ କାର୍ଡରେ ଚାଲିଥିବା ଅନିୟମିତତାର ପୋଲ ଖୋଲିଛନ୍ତି ଯୋଗାଣ ମନ୍ତ୍ରୀ । ଇକେୱାଇସି ପ୍ରକ୍ରିୟା ପରେ ୩ ଲକ୍ଷ ୨୮ ହଜାର ୯୩୨ ଜଣ ମୃତ ବ୍ୟକ୍ତିଙ୍କ ନାଁକୁ ବାଦ ଦିଆଯାଇଛି। ମୃତ ବ୍ୟକ୍ତିଙ୍କ ନାଁରେ କେବଳ ଚାଉଳ ଉଠାଯାଉନଥିଲା ଅଯୋଗ୍ୟ ବ୍ୟକ୍ତି ବି ଉଠାଉଥିଲେ ରାସନ ଚାଉଳ । ପ୍ରଶ୍ନ ଉଠୁଛି, କିଏ ଏହି କାରନାମା କରୁଥିଲା ଓ କେତେ ଟଙ୍କାର ଦୁର୍ନୀତି ହୋଇଛି । ସତ ହେଲା କନକ ନ୍ୟୁଜରେ ପ୍ରସାରିତ ଖବର। ଇ-କେୱାଇସି ଅପଡେଟ୍ ବେଳେ ଧରାପଡିଲେ ଲକ୍ଷ ଲକ୍ଷ ଭୂତ ହିତାଧିକାରୀ। ମରି ଯାଇଥିଲେ ବି ସେମାନଙ୍କୁ ଜୀବିତ ଦର୍ଶାଇ ଲୁଟ୍ ହେଉଥିଲା ରାସନ ଚାଉଳ।






## କିଟ୍ କାଣ୍ଡକୁ ନେଇ ବଢୁଛି ତାତି: ମୁହଁ ଖୋଲୁନାହାନ୍ତି ମୁଖିଆ ଅଚ୍ୟୁତ




ଭୁବନେଶ୍ୱର, ୧୯/୨(ନି.ପ୍ର) : ସୋସିଆଲ୍ ମିଡ଼ିଆରେ ଭାଇରାଲ୍ ହେଉଥିବା ନୂଆ ନୂଆ ଭିଡ଼ିଓ କିଟ୍ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତାକୁ ନେଇ ପ୍ରଶ୍ନ ଉଠାଉଛି । କିଟ୍ କ୍ୟାମ୍ପସ-୬, କୁଇନ୍ସ ହଷ୍ଟେଲର ୧୮ ନମ୍ବର ରୁମରେ ନେପାଳୀ ଛାତ୍ରୀ ଆତ୍ମହତ୍ୟା କରିଥିବା ଜାଣିବା ପରେ କର୍ମଚାରୀମାନେ କବାଟ ଭାଙ୍ଗି ପଶିବାର ଭିଡିଓ ଭାଇରାଲ ହୋଇଛି । କିଟ୍ କାଣ୍ଡକୁ ନେଇ ତାତି ଥମିବାର ନାଁ ନେଉନି । କ୍ୟାମ୍ପସରୁ ବିଧାନସଭା , ଓଡ଼ିଶାରୁ ନେପାଳ । ସବୁଠି ଅସନ୍ତୋଷ, ସବୁଠି ବିରୋଧ । ଏପରିକି କିଟ୍ ମୁଖ୍ୟ ତଥା ପୂର୍ବତନ ବିଜେଡି ସାଂସଦ ଅଚ୍ୟୁତ ସାମନ୍ତଙ୍କ ଗିରଫଦାରି ଦାବି କରିଛନ୍ତି ବିଭିନ୍ନ ଛାତ୍ର ସଂଗଠନ । ▶▶ପୃଷ୍ଠା ୭

## ଖରାରୁ ମିଳିବ ଆଶ୍ୱସ୍ତି: କାଲିଠୁ ୨୩ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୯/୨(ନି.ପ୍ର) : ୨୪ ଘଣ୍ଟା ପାଇଁ ୩ ଜିଲ୍ଲାକୁ ଅରେଞ୍ଜ ଏବଂ ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହିପରି ଆସନ୍ତାକାଲି ପାଇଁ ୭ ଜିଲ୍ଲାକୁ ଅରେଞ୍ଜ ଏବଂ ୧୨ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଆସୁଛି ବର୍ଷା, ଖରାରୁ ତାତିରୁ ମିଳିପାରେ ଆଶ୍ୱସ୍ତି । ଏନେଇ ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର । କାଲିଠୁ ରାଜ୍ୟର ବିଭିନ୍ନ ସ୍ଥାନରେ ୪ ଦିନ ପର୍ଯ୍ୟନ୍ତ ଝଡ଼ ବର୍ଷା ହେବାର ସମ୍ଭାବନା ରହିଛି। ଅର୍ଦ୍ଧାଧିକ ଜିଲ୍ଲାରେ ଝଡ଼ ବର୍ଷା ନେଇ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି । ୨୪ ଘଣ୍ଟା ପାଇଁ ୩ ଜିଲ୍ଲାକୁ ଅରେଞ୍ଜ ଏବଂ ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହିପରି ଆସନ୍ତାକାଲି ପାଇଁ ୭ ଜିଲ୍ଲାକୁ ଅରେଞ୍ଜ ଏବଂ ୧୨ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ▶▶ପୃଷ୍ଠା ୭

## ରାଜ୍ୟରେ ନାରୀ ନିର୍ଯାତନା ବଢ଼ିଚାଲିଛି- କଂଗ୍ରେସ

ଭୁବନେଶ୍ୱର, ୧୯/୨ (ନି.ପ୍ର): ରାଜ୍ୟରେ ମା ସୁରକ୍ଷିତ ନାହାନ୍ତି । ୩୬ ହଜାର ମହିଳା ଓ ୮ ହଜାର ଶିଶୁ ନିଖୋଜ । ନାରୀ ନିର୍ଯାତନା ବଢ଼ି ବଢ଼ି ଚାଲିଛି । ମିଶନ ଶକ୍ତି ମହିଳା ରାଜରାସ୍ତାରେ ବସିଛନ୍ତି । ପୂର୍ବ ସରକାର ଅଧା ରାସ୍ତାରେ ମିଶନ ଶକ୍ତି ମହିଳାଙ୍କୁ ଛାଡି ପଳେଇଲେ ଏବେ ସରକାର ଶୁଣୁ ନାହାନ୍ତି ବୋଲି କହିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ । କଂଗ୍ରେସ ପ୍ରତିବାଦ କରି ମହିଳାଙ୍କ ସୁରକ୍ଷା ଓ ନ୍ୟାୟ ଦାବି କରିଥିଲା । ହେଲେ ସରକାର ଜାଣିଶୁଣି ଗୃହ ବନ୍ଦ କରିଛନ୍ତି ସେ କହିଛନ୍ତି । ମହିଳା ଓ ଶିଶୁ ସୁରକ୍ଷିତ ନ ହେଲେ ରାଜ୍ୟ କେମିତି ଚାଲିଛି ବୋଲି ରାମଚନ୍ଦ୍ର କାଡାମ କହିଛନ୍ତି ।

## କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀଙ୍କୁ କ୍ଲିନଚିଟ୍ : ମୁଦା ମାମଲାରେ ପର୍ଯ୍ୟାପ୍ତ ପ୍ରମାଣ ନଥିବା କହିଲେ ଲୋକାୟୁକ୍ତ



ନୂଆଦିଲ୍ଲୀ, ୧୯/୨ : କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀଙ୍କ ବଡ଼ ଆଶ୍ୱସ୍ତି । ମୁଦା ମାମଲାରେ ସିଦ୍ଦରମୈୟାଙ୍କୁ ମିଳିଲା କ୍ଲିନଚିଟ୍। ମାମଲାର ତଦନ୍ତ କରୁଥିବା ଲୋକାୟୁକ୍ତ ସିଦ୍ଦରମୈୟା ଓ ତାଙ୍କ ପତ୍ନୀ ଏବଂ ସମ୍ପର୍କୀୟଙ୍କୁ କ୍ଲିନଚିଟ ଦେଇଛନ୍ତି। ମହୀଶୁର ଅର୍ବାନ ଡେଭଲପମେଣ୍ଟ ଅଥରିଟି ଅଧୀନସ୍ଥ କୋଟି କୋଟି ଟଙ୍କାର ଜମି ସିଦ୍ଦରମୈୟାଙ୍କ ପତ୍ନୀଙ୍କ ନାଁରେ ହେବା ନେଇ ଅଭିଯୋଗ ରହିଛି। ▶▶ପୃଷ୍ଠା ୭

## ମହାକୁମ୍ଭକୁ ନେଇ ତେଜୁଛି ରାଜନୀତି



ନୂଆଦିଲ୍ଲୀ, ୧୯/୨ : ମହାକୁମ୍ଭରେ ଗୋଟିଏ ପରେ ଗୋଟିଏ ଅଘଟଣ ଘଟୁଛି । କେବେ ଦଳାଚକଟା ତ ପୁଣି କେବେ ଅଗ୍ନିକାଣ୍ଡ । ଆଉ କେବେ ପ୍ରୟାଗରାଜରେ ପହଁଚିବା ପୂର୍ବରୁ ଷ୍ଟେସନରେ ଚାଲିଛି ଶ୍ରଦ୍ଧାଳୁଙ୍କ ଜୀବନ । ଲଗାତାର ଘଟୁଥିବା ଗୋଟିଏ ପରେ ଗୋଟିଏ ଅଘଟଣକୁ ନେଇ ଉତରପ୍ରଦେଶ ସରକାରଙ୍କୁ ଦାୟୀ କରି ଆସୁଛନ୍ତି ବିରୋଧୀ । ଆଜି ଏହାର ଜବାବ ଦେଇ ସମାଲୋଚକଙ୍କ ମୁହଁ ଚୁପ କରିଛନ୍ତି ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ। ଆସ୍ଥାର କାଯ୍ୟକ୍ରମରେ ବଦନାମ କରିବା ଏକ ତୁଚ୍ଛ ରାଜନୀତି ବୋଲି କହିଛନ୍ତି ଯୋଗୀ ଅନ୍ୟପଟେ ତ୍ରିବେଣୀ ସଙ୍ଗମ ଜଳ ପ୍ରଦୁଷିତ ହେଉଥିବା, ବ୍ୟାକ୍ଟେରିଆର ବଢୁଥିବା ନେଇ ଯେଉଁ ରିପୋର୍ଟ ଦେଇଛି କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତାକୁ ଖାରଜ କରିଛନ୍ତି ଉତରପ୍ରଦେଶ ସରକାର । ଏପରିକି ଆଜି ଗୃହରେ ଟେଷ୍ଟ ରିପୋର୍ଟ ଉପସ୍ଥାପନ କରିଛନ୍ତି। ମହାକୁମ୍ଭ ପରି ବିଶାଳ ଓ ଭବ୍ୟ ଆୟୋଜନ ପୂର୍ବ ସରକାର କେବେବି ▶▶ପୃଷ୍ଠା ୭

# ସ୍ୱରସୁଧାର ବାର୍ଷିକ ଉତ୍ସବ ତଥା ଶିଳ୍ପୀ ସମ୍ବର୍ଦ୍ଧନା ସମାରୋହ




ଭୁବନେଶ୍ୱର , ୧୯/୨ (ନି।ପ୍ର): ନିକଟରେ ସାଂସ୍କୃତିକ ଅନୁଷ୍ଠାନ ସ୍ୱରସୁଧା ର୍ ବାର୍ଷିକ ଉତ୍ସବ ତଥା ଶିଳ୍ପୀ ସମ୍ବର୍ଦ୍ଧନା ସମାରୋହ ବୁଦ୍ଧ ମନ୍ଦିର ପରିସରରେ ସଭାପତି ଡ। ରଜନୀ ରଞ୍ଜନ ଦାଶ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି କ୍ଷ ବିଶିଷ୍ଟ ସାମ୍ବାଦିକ ତଥା ପୂର୍ବତନ ସୂଚନା କମିଶନର୍ ଦିଲ୍ଲୀପ ବିଷୋୟୀ ମୁଖ୍ୟ ଅତିଥି ଭାବରେ ଏବଂ ଓଡ଼ିଶା ମିରର ର ସମ୍ପାଦକ ଦିଲ୍ଲୀପ ବିଶ୍ୱାଳ ଅତିଥି ଭାବରେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ସମ୍ପାଦକ ସରୋଜ କୁମାର ମହାନ୍ତି ସ୍ୱାଗତ ଭାଷନ ପ୍ରଦାନ କରିଥିଲେ। ଏହି ଅବସରରେ ବିଶିଷ୍ଟ ସଙ୍ଗୀତ ଗୁରୁ ଶ୍ରୀ କେଶବ ରାଉତ,ଅଭିନେତ୍ରୀ ତଥା ଓଡ଼ିଶୀ ନୃତ୍ୟଗୁରୁ ପ୍ରତିଭା ପଣ୍ଡା, ବାଦ୍ୟଶିଳ୍ପୀ ଶରତ ରଥ, କଣ୍ଠଶିଳ୍ପୀ ପଦ୍ମଜା ଦାସ,ଶରତ ବାରିକ ଏବଂ ଚିତ୍ରଶିଳ୍ପୀ ଜନାର୍ଦ୍ଦନ ପରମଗୁରୁ ପ୍ରମୁଖ ଙ୍କୁ ବିଭିନ୍ନ ଉପାଧି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ପରିଶେଷରେ ଅନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ତହସିଲଦାରଙ୍କ ଜନଶୁଣାଣିକୁ ନେଇ ଅସନ୍ତୋଷ: ଅନ୍ୟ ତାରିଖରେ ଶୁଣାଣି କରିବାକୁ ଦାବି



ନୀଳଗିରି , ୧୯/୨ (ନି।ପ୍ର): ନୀଳଗିରି ଉପଖଣ୍ଡ କୁଳଡିହକ୍ଷ ଅଭୟାରଣ୍ୟ ମଧ୍ୟରେ ଥିବା ବିଭିନ୍ନ ସଂରକ୍ଷିତ ଜଙ୍ଗଲ ଗୁଡିକରେ ଡିଜିଟାଲ ସୀମା ନିର୍ଧାରଣ ନେଇ ନୀଳଗିରି ତହସିଲଦାରଙ୍କ କାର୍ଯ୍ୟାଳୟରେ ଆଜି ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ମାତ୍ର ପ୍ରଶାସନ ତରଫରୁ ଜନଶୁଣାଣି ନେଇ ସଠିକ୍ ଭାବେ ଅଞ୍ଚଳବାସୀଙ୍କ ପାଖରେ ବାର୍ତ୍ତା ପହଞ୍ଚିପାରି ନଥିବାରୁ ଏହି ଜନଶୁଣାଣି ଶିବିରରେ ହେଉଥିବା ଆଲୋଚନା ଓ ବିଷୟବସ୍ତୁକୁ ଅଞ୍ଚଳବାସୀ ତଥା ସ୍ଥାନୀୟ ନେତୃବର୍ଗ ମାନେ ପହଁଞ୍ଚି ଜନଶୁଣାଣିକୁ ବିରୋଧ କରିଥିବା ଦେଖିବାକୁ ମିଳିଛି । ଏହି ଜନଶୁଣାଣିରେ ନୀଳଗିରି ତହସିଲଦାର ସୋନମ ଦାସ ଙ୍କ ସମେତ କୁଳଡିହକ୍ଷ ରେଞ୍ଜର ତଥା ଏସିଏଫ୍ ଓ ସୁବ୍ରତ କୁମାର ବେହେରା ଏବଂ ଓଆରଏସଏସି ମେନେଜର ମୋହନ ଚନ୍ଦ୍ର ମାରାଣ୍ଡି ପ୍ରମୁଖ ପ୍ରଶାସନିକ ଅଧିକାରୀ ତହସିଲଦାରଙ୍କ କାର୍ଯ୍ୟାଳୟରେ ଜନତାଙ୍କ ସହିତ ଆଲୋଚନା କରିଥିଲେ । ଏହି ଜନଶୁଣାଣୀ ଶିବିରରେ ନୀଳଗିରିର ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ବାଉଁଶ ବଣିଆ ସରପଞ୍ଚ ନିରଞ୍ଜନ ବାରିକ, ବରିଷ୍ଠ କୃଷକ ନେତା କୈଳାସ ଚନ୍ଦ୍ର ପଣ୍ଡା, ଗଙ୍ଗାଧର ଦାସ, ଅଶୋକ ଦାସ, ଶିଶିର କୁମାର ରାଉତ , ଶ୍ୟାମସୁନ୍ଦରପୁର ସରପଞ୍ଚ ପୁରଷୋତ୍ତମ ସେଠି, ଅଖିଳଭାରତ କୃଷକସଙ୍ଘ ସଭାପତି ପ୍ରଭାକର ମହାପାତ୍ର, ସ୍ଥାନୀୟ ସାମ୍ବାଦିକ ସତ୍ୟାନନ୍ଦପାତ୍ର, ମିଳିତ ଆଞ୍ଚଳିକ କୃଷକମଞ୍ଚର ସମ୍ପାଦକ ନିହାର ରଞ୍ଜନ ଜେନା , ହରେକୃଷ୍ଣ ପଣ୍ଡିତ, କାଣ୍ଡ ଗରଡ଼ି ପଞ୍ଚାୟତ ଖୁଲିଆଗ୍ରାମରୁ ଦୀନବନ୍ଧୁ ବେହେରା, ଦଳଦଳୀ ଗ୍ରାମରୁ ଜ୍ଞାନରଞ୍ଜନ ଗଜ, ନାରୀନେତ୍ରୀ କୌଶଲ୍ୟା ବେହେରା, ଅବସରପ୍ରାପ୍ତ ସୀମାସୁରକ୍ଷା ବଳ ଇନିସ୍ପେକ୍ଟର ଯୋଗେଶ୍ୱର ବେହେରା, ଅବସରପ୍ରାପ୍ତ ସୈନିକ ପ୍ରସନ୍ନ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତରହି ଏହି ଜନଶୁଣାଣି ଶିବିରକୁ ବିରୋଧ କରିଥିଲେ । ସୂଚନା ମୁତାବକ ନୀଳଗିରି ତହସିଲଦାର ଗତ ଫେବୃଆରୀ ୧୩ ତାରିଖରେ କେବଳ ଶ୍ୟାମସୁନ୍ଦରପୁର ସରପଞ୍ଚଙ୍କୁ ମୋବାଇଲ ଯୋଗେ ଜନଶୁଣାଣି ସମ୍ପର୍କରେ ବାର୍ତ୍ତା ପଠାଇ ମାତ୍ର ୫ ଦିନ ଭିତରେ ଶୁଣାଣି କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ଅନ୍ୟ ଜନଶୁଣାଣି ପରି ସର୍ବନିମ୍ନ ୧୫ ଦିନ ସମୟ ବ୍ୟବଧାନ ନଦେବା ଏବଂ ଜନଶୁଣାଣି ସମ୍ପର୍କରେ ଡାକବାଜି ଯନ୍ତ୍ର ସହାୟତା ରେ ଅଞ୍ଚଳରେ ଘୋଷଣା ନକରିବା କାରଣରୁ ପାହାଡ଼ ପାଦଦେଶରେ ବସବାସ କରୁଥିବା ଜମି ମାଲିକମାନେ ଏନେଇ ଅବଗତ ନଥିବା ବେଳେ ଜନଶୁଣାଣିର ଆଭିମୁଖ୍ୟ ମଧ ସ୍ପଷ୍ଟ ନକରି ବନବିଭାଗ ମନମୁଖୀ କାର୍ଯ୍ୟ କରୁଥିବା କାରଣରୁ ଅନ୍ୟଏକ ତାରିଖ ରେ ଜନଶୁଣାଣି କରିବା ଏବଂ ଅଞ୍ଚଳବାସିଙ୍କୁ ସର୍ବନିମ୍ନ ୧୫ଦିନ ସମୟ ବ୍ୟବଧାନ ଦେବା ସହିତ ବାଲେଶ୍ୱର ବନଖଣ୍ଡ ଅଧିକାରୀ, ଜିଲ୍ଲାପାଳ ଏବଂ ଭୁବନେଶ୍ୱରରୁ ଉପରସ୍ଥ ଅଧିକାରୀଙ୍କ ଉପସ୍ଥିତିରେ ଜନଶୁଣାଣି କରିବାପାଇଁ ଦାବି ହୋଇଥିଲା । ତହସିଲଦାର ଉକ୍ତ ଦାବୀକୁ ଗୁରୁତ୍ୱଦେଇ ଉଚିତ୍ ପଦକ୍ଷେପ ନେବେ ବୋଲି ଉପସ୍ଥିତ ନେତୃବର୍ଗଙ୍କୁ ଆଶ୍ୱାସନା ଦେଇଛନ୍ତି ।

# ଭାରତର ବିଭିନ୍ନ ଜନଜାତିର ଭାଷା ଆଧାରରେ ଜାତୀୟସ୍ତରୀୟ ଅନୂଦିତ କାବ୍ୟପାଠ

## ଅନଲାଇନ୍ କାର୍ଯ୍ୟକ୍ରମରେ କାବ୍ୟ ପାଠ କଲେ ୫ ଟି ରାଜ୍ୟର ୧୫ ଯୁବ କବି ଓ ଅନୁବାଦକ

କଲିକତା , ୧୯/୨ (ନି।ପ୍ର): ଭାରତୀୟ ଅନୁବାଦ ସାହିତ୍ୟ ତରଫରୁ ଅନଲାଇନ୍ ମାଧ୍ୟମରେ ୫ ଟି ରାଜ୍ୟର ୧୫ ଜଣ ଯୁବ କବି ତଥା ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ଖ୍ୟାତିପ୍ରାପ୍ତ ଅନୁବାଦକମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା ଜାତୀୟସ୍ତରର ଅନୂଦିତ କାବ୍ୟପାଠ ଓ ଆଲୋଚନାଚକ୍ର। ' ଶବ୍ଦ ଖୋ ଗୟେ ବସନ୍ତ କେ ଫୁଲୋଁ ମେଁ' ଶୀର୍ଷକ ଏହି କାର୍ଯ୍ୟକ୍ରମରେ , ଅରୁଣାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ନାଗାଲାଣ୍ଡ, ଓଡ଼ିଶା,,ଆସାମ, ରୁ ସାହିତ୍ୟିକମାନେ ପ୍ରତିନିଧିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଉତ୍ତରାଖଣ୍ଡର ବିଶିଷ୍ଟ ଲେଖକ, ଅନୁବାଦକ ଗମ୍ଭୀର ସିଂହ ପଲାନୀ ଯୋଗଦେଇ କହିଥିଲେ-ବର୍ତ୍ତମାନ ସାହିତ୍ୟ ରେ ଅନୁବାଦ ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ଏବଂ ଯୁବ ପିଢୀ ର ଯୋଗଦାନ ଏହି ଆବଶ୍ୟକତାକୁ ସଫଳ କରିପାରିବ। ଭାରତୀୟ ଅନୁବାଦ ସାହିତ୍ୟ ତରଫରୁ ଯୁବ ଅନୁବାଦକମାନଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଅନୁବାଦ ସାହିତ୍ୟ ଆଧାରିତ ବିଭିନ୍ନ କାର୍ଯ୍ୟକ୍ରମରେ ସେମାନଙ୍କୁ ସାମିଲ୍ କରାଯିବା ଏକ ସଫଳ ପଦକ୍ଷେପ। ସମ୍ମାନିତ ଅତିଥି ଭାବେ ଅରୁଣାଚଳ ପ୍ରଦେଶରୁ ଡ।ବର୍ଣ୍ଣାଳୀ ଉପମନ୍ୟୁ ଦାସ, ଉତ୍ତରାଖଣ୍ଡରୁ ପ୍ରଫେସର ପ୍ରିତୀ ଆର୍ଯ୍ୟ ଓ ନିକୀ ପୁଷ୍କର , ଓଡ଼ିଶାରୁ ବରିଷ୍ଠ ଅନୁବାଦକ ମଧୁସୂଦନ ଦାସ ଯୋଗଦେଇ ଅନୁବାଦ ସାହିତ୍ୟ ବିଭିନ୍ନ ସଂସ୍କୃତି, ପରମ୍ପରା, ସାହିତ୍ୟ କୁ ଯୋଡିବାର ପ୍ରମୁଖ ସେତୁ ଭାବେ କାର୍ଯ୍ୟକରେ ବୋଲି ମତପ୍ରକାଶ କରିଥିଲେ। ଭାରତୀୟ ଅନୁବାଦ ସାହିତ୍ୟ ତରଫରୁ ୨୦୨୫ କୁ ଯୁବ ଅନୁବାଦକଙ୍କ ବର୍ଷ ଭାବେ ଗ୍ରହଣ କରାଯିବା ସହ ବର୍ତ୍ତମାନ ସୁଦ୍ଧା ୧୮ ଟି ରାଜ୍ୟର ଯୁବ ଅନୁବାଦକ ଙ୍କୁ ନେଇ ଅନଲାଇନ ମାଧ୍ୟମରେ ଅନୂଦିତ କାବ୍ୟପାଠ, ଆଲୋଚନାଚକ୍ର ଆଦି ଅନୁଷ୍ଠିତ ହୋଇସାରିଛି। ଯୁବ ଅନୁବାଦକଙ୍କ ଦ୍ୱାରା ବିଭିନ୍ନ ଭାଷାର ଅନୁବାଦ ପୁସ୍ତକ ପ୍ରକାଶନ ଦିଗରେ ନିରନ୍ତର ପ୍ରୟାସ କରାଯାଉଛି ବୋଲି ୨୯ ତମ ଅନଲାଇନ୍ ଆଲୋଚନା ଚକ୍ରରେ ଭାରତୀୟ ଅନୁବାଦ ସାହିତ୍ୟର ସଂପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ ପ୍ରକାଶ କରିଥିଲେ। ବନ୍ଦନା ମିଶ୍ର ଏବଂ ସଂଘମିତ୍ରା ଶତପଥୀଙ୍କ ସଂଯୋଜନାରେ ନାଗାଲାଣ୍ଡର ଯୁବ ଅନୁବାଦକ ଚିଙ୍ଗଲୁଙ୍ଗ, ରେପନଗ୍ଲା କିଚୁ, କେଲଭିଲେନିଓ କିଓ, ଉତ୍ତରାଖଣ୍ଡର ଭାରତୀ ଆନନ୍ଦ,ଡ। ଚଞ୍ଚଳ ଗୋସ୍ୱାମୀ, ଅରୁଣାଚଳ ପ୍ରଦେଶର ରିଙ୍ଗୁ ଏଲପ୍ରା, ଓ୍ୱାନଗୁ ସୋସିଆ, ଆସାମର ବିଶ୍ୱଜିତ୍ ରାଜବଂଶୀ ପ୍ରମୁଖ ନିଜ ନିଜ ଆଞ୍ଚଳିକ ଲୋକଭାଷାର ଅନୂଦିତ କାବ୍ୟ ପାଠ କରିଥିଲେ। ବିଶେଷ ଭାବେ ଅରୁଣାଚଳ ପ୍ରଦେଶର ଲୋକ ଭାଷା - ନକତେ,ଇବୁ ମିସମି, ନାଗାଲାଣ୍ଡର - ତେନିଦିଏ, ଆଓ, ଲିଙ୍ଗମାଇ, ଉତ୍ତରାଖଣ୍ଡ ର - କୁମାୟୁନୀ, ଗଡବାଲୀ ଭାଷାରେ ଅନୂଦିତ କାବ୍ୟପାଠ ସମସ୍ତଙ୍କୁ ବିମୋହିତ କରିଥିଲା। ଭାରତୀୟ ଅନୁବାଦ ସାହିତ୍ୟ ର ଏହି ଅଭିନବ ପଦକ୍ଷେପ ପାଇଁ ବିଭିନ୍ନ ରାଜ୍ୟର ଆଞ୍ଚଳିକ ଲୋକଭାଷା ଏବଂ ଜନଜାତିର ମାତୃଭାଷା ପ୍ରଥମ ଥର ପାଇଁ ଶୁଣିପାରିଲୁ ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ମହାରାଷ୍ଟ୍ର,କେରଳ, ପଶ୍ଚିମ ବଙ୍ଗ, ଓଡ଼ିଶା, ରାଜସ୍ଥାନ ଆଦିସ୍ଥାନର କବି,ସାହିତ୍ୟିକ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବରିଷ୍ଠ ଅନୁବାଦକ ସନାତନ ମହାକୁଡ଼ ଧନ୍ୟବାଦ ପ୍ରଦାନ କରିବା ସହ ଆସନ୍ତା ସମୟରେ ତାମିଲ, ତେଲୁଗୁ, ମଲୟାଲମ, କନ୍ନଡ ଭାଷାର ଯୁବ ଅନୁବାଦକମାନଙ୍କୁ ନେଇ ଜାତୀୟସ୍ତରର ସମ୍ମିଳନୀ ଆୟୋଜନ କରାଯିବ ବୋଲି ପ୍ରକାଶ କରିଥିଲେ ।

## ବ୍ଲକସ୍ତରୀୟ ଆଇନ ସଚେତନତା ଶିବିର

ଭୁବନେଶ୍ୱର, ୧୯/୨ (ନି।ପ୍ର): ଖୋର୍ଦ୍ଧା ଜୟୀରାଜଗୁରୁ ଟାଉନ ହଲ ପରିସରରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ କୁସୁମ କୁମାରୀ ପ୍ରହରାଜଙ୍କ ଅଧକ୍ଷତାରେ ଖୋର୍ଦ୍ଧା ବ୍ଲକ ସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରରେ ମୁଖ୍ୟ ଅତିଥି ଭାବରେ ଅତିରକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ବେଉରା ଯୋଗ ଦେଇ ଥିଲେ । ସେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଥିବା ସମସ୍ତ ଆଇନ ଓ ଅଧିକାର ବିଷୟରେ ଆଲୋକପାତ କରିଥିଲେ । ତତ୍‌ସହିତ ଡେପୁଟି ଜିଲ୍ଲାପାଳ ଶ୍ରୀ ଯୁକ୍ତ ମନୋଜ ସେନାପତି, ଜିଲ୍ଲା ମୁଖ୍ୟ ଚିକିସ୍ୟାଳୟର ଡା। ଇନ୍ଦିରା କୁମାରୀ ରଥ , ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ବାଣିଶ୍ରୀ ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀମତି ଜୋସ୍ନାମଇ ଆଚାର୍ଯ୍ୟ, ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ମହିଳା ଆଇନ ସଚେତନତା ସମ୍ବନ୍ଧରେ ନିଜର ବକ୍ତ୍ୟବ ରଖିଥିଲେ । ମହିଳା ଅଧିକାର ଆଇନ ବିଶେଷଜ୍ଞ ଭାବରେ ଆଇନଜୀବୀ ମିସ। ସ୍ନେହାଞ୍ଜଳି ମହାନ୍ତି ଓ ଆକ୍ସନ ଏଡ଼ର ନେସନାଲ ପ୍ରୋଗ୍ରାମ ଲିଡ଼ ଘାସିରାମ ପଣ୍ଡା ଯୋଗ ଦେଇ ମହିଳା ମାନଙ୍କ ସୁରକ୍ଷା ନିମନ୍ତେ ଥିବା ବିଭିନ୍ନ ଆଇନ ଯଥାଲିଙ୍ଗଭ୍ରୂଣ ନିରୁପୂଣ ନିବାରଣ ଆଇନ, ବାଲ୍ୟ ବିଭାହ ନିଷେଧ ଆଇନ, ଯୌତୁକ ନିବାରଣ ଆଇନ, କର୍ମ ସ୍ଥଳରେ ମହିଳାଙ୍କୁ ଯୌନ ଶୋଷଣ ନିବାରଣ ଆଇନ, ଘରୋଇ ହିଂସା ନିବାରଣ ଆଇନ ଇତ୍ୟାଦି ବିଷୟରେ ବିଷଦ ଭାବରେ ଆଲୋଚନା କରିବା ସହିତ ମହିଳା ମାନଙ୍କ ନିମନ୍ତେ ଉଦ୍ଧିଷ୍ଟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ବିଷୟରେ ଉପସ୍ତିତ୍ତ ମହିଳା ମାନଙ୍କୁ ବୁଝାଇ ଥିଲେ । ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବ୍ଲକର ସରପଞ୍ଚ, ସମିତି ସଭ୍ୟ, ଓ୍ୱାର୍ଡ ମେମ୍ବର, ଆଙ୍ଗନବାଡୀ କର୍ମୀ, ଆଶା କର୍ମୀ, ସ୍ୱୟମ ସହାୟକ ଗୋଷ୍ଠୀ ର ସଦସ୍ୟ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ଖୋର୍ଦ୍ଧା ଜିଲ୍ଲାର ସମସ୍ତ ସିଡିପିଓ ପ୍ରମୁଖ ଯୋଗ ଦେଇ ଥିଲେ । ଜିଲ୍ଲା ସମାଜ କଲ୍ୟାଣ ବିଭାଗର ସମସ୍ତ କର୍ମକର୍ତ୍ତମାନେ ଏହି କାଜ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ । ପରିଶେଷରେ ଆକ୍ସନ ଏଡ଼ର ବାଲ୍ୟ ବିବାହ ନିରାକରଣ ଜିଲ୍ଲା ସଂଯୋଜକ ଶ୍ରୀ ଉତ୍କଳ ମାଇତି ଧନ୍ୟବାଦ ଅର୍ପଣ କରି ସଭାସାଙ୍ଗ କରିଥିଲେ ।

## ଖୋର୍ଦ୍ଧା ଜିଲା ସ୍ତରୀୟ ନିଯୁକ୍ତି ମେଳା - ୨୦୨୫

ଖୋର୍ଦ୍ଧା, ୧୯/୨ (ନି।ପ୍ର): ଓଡିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଓ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଏକ ଜିଲା ସ୍ତରୀୟ ନିଯୁକ୍ତି ମେଳା ଶୁକ୍ରବାର ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଏହି ନିଯୁକ୍ତି ମେଳା କୁ ଜିଲାପାଳ ଚଞ୍ଚଳ ରାଣା ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜିଲାପରିଷଦ ମୁଖ୍ୟ ଉନ୍ନୟନ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ,ଖୋର୍ଦ୍ଧା ଉପଜିଲାପାଳ କିଶୋର କୁମାର ପଣ୍ଡା, ନିଯୁକ୍ତି ବିଭାଗ ଆସିଷ୍ଟାଣ୍ଟ ଡାଇରେକଟର ବିଜୟ ପାତ୍ର, ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧକ୍ଷା ଡ଼ ବିନୋଦିନୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ବେସରକାରୀ ଉଦ୍ୟୋଗ ଗୁଡିକ ରେ ନିଯୁକ୍ତି ପାଇଁ ହୋଇଥିବା ଏହି ମେଳାରେ ୨୭୫୬ଜଣ ଉଭୟ ଅନଲାଇନ ଓ ଅଫ ଲାଇନରେ ପଞ୍ଜିକରଣ କରିଥିଲେ । ଏହି ମେଳାରେ ୧୬ଜଣ ଙ୍କୁ ତତ୍କାଳରେ ନିଯୁକ୍ତି ପତ୍ର ଦିଆଯାଇଛି । ରାଜ୍ୟ ଓ ରାଜ୍ୟ ବାହାରର ୨୯ଟି ନିଯୁକ୍ତି ଦାତା ସଂସ୍ଥା ଏହି ମେଳାକୁ ଆସିଥିଲେ । ୧୬୨୨ଜଣଙ୍କୁ ପ୍ରାଥମିକ ଚୟନ କରାଯାଇଛି । ସେହିପରି ରାଜ୍ୟ ସରକାରଙ୍କ ୯ଟି ପ୍ରକଳ୍ପ କାର୍ଯ୍ୟକାରୀଣୀ ସଂସ୍ଥା ଯୋଗ ଦେଇଥିବା ବେଳେ ୪୨୬ ଜଣଙ୍କୁ ଦକ୍ଷତା ଭିତ୍ତିକ ଟ୍ରେନିଂ ନେବାପାଇଁ ଚୟନ କରାଯାଇଛି ।

# ଜିଲ୍ଲା ସ୍ତରୀୟ ନିପୁଣ ଓଡିଶା ମେଳା ଅନୁଷ୍ଠିତ

ପୁରୀ, ୧୯/୨ (ନି।ପ୍ର): ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ପ୍ରତ୍ୟେକ ପିଲାଙ୍କୁ ଦକ୍ଷତା ଓ ପ୍ରତିଭାରେ ନିପୁଣ କରିବ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା। ଆଜି ପୂର୍ବାହ୍ନରେ ଜିଲ୍ଲା ସମଗ୍ର ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଏହା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା, ଯାହା ମାଧ୍ୟମରେ ଶିଶୁ ମାନଙ୍କୁ ମୂଲ୍ୟବୋଧ ଭିତିକ ଶିକ୍ଷା ଓ ପ୍ରତିଭା ପ୍ରଦର୍ଶନର ମଂଚ ଯୋଗାଇ ଥାଏ। ଏହାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରାଙ୍କ ସହ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଉଦଘାଟନ କରିଥିଲେ। ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ବେହେରା ଶିଶୁ ମାନଙ୍କ ମନସ୍ତତ୍ୱକୁ ବୁଝି ଶିକ୍ଷାଦାନ କରାଗଲେ ତାହା ଅଧିକ ଫଳପ୍ରଦ ହୁଏ ବୋଲି କହିଥିଲେ। ବିଭିନ୍ନ ଉଦାହରଣ ଓ ମହାପୁରୁଷଙ୍କ ଜୀବନୀ ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ବେହେରା ପିତାମାତା, ଅଭିଭାବକ ଓ ଶିକ୍ଷକ ମାନେ ଶିଶୁ ପାଇଁ ଉପଯୁକ୍ତ ସମୟ ଦେବା ଓ ସେମାନଙ୍କ ଆଗ୍ରହକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ପିଲାଟି ନିଜ କଥା ବା ଭାବ ନିଜକୁ ସହଜ ହେଉଥିବା ଭାଷାରେ ପରିପ୍ରକାଶ କରିବା, ପ୍ରତିକ୍ରିୟା ଦେବା, ସଂଖ୍ୟା ଜ୍ଞାନ ସମ୍ପର୍କରେ ଅବଗତ ଓ ଅଭ୍ୟସ୍ତ ହେବା ଏହି ନିପୁଣ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହୋଇ ଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଏହାର ଉପଯୋଗ ପାଇଁ ଅନୁରୋଧ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ ନିପୁଣ ଓଡିଶାର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ବିଷଦ ତଥ୍ୟ ଉପସ୍ଥାପନ କରିବା ସହ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ପଂଚସୂତ୍ରର ଉପଯୋଗ, ନିପୁଣ ଓଡ଼ିଶାର ପ୍ରଚାର ପ୍ରସାର, କାର୍ଯ୍ୟାବଳୀ, ଛାତ୍ରଛାତ୍ରୀଙ୍କ ଭୂମିକା, ପିତାମାତାଙ୍କ ଭୂମିକା, ଶିକ୍ଷକ ମାନଙ୍କ ଭୂମିକା, ଗୋଷ୍ଠୀର ଭୂମିକା, ପଂଚାୟତ ପ୍ରତିନିଧିଙ୍କ ଭୂମିକା ଓ ଶିକ୍ଷା ଅଧିକାରୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ପିଲା ମାନଙ୍କ ସୁସ୍ଥ ଓ ସୁରକ୍ଷିତ ଭବିଷ୍ୟତ ପାଇଁ ଆମ ସମସ୍ତଙ୍କ ଦାୟିତ୍ୱ ରହିଛି ଓ ନିପୁଣ ଓଡ଼ିଶା ପିଲାଙ୍କୁ ଅଧିକ ସଶକ୍ତ ଓ ସମୃଦ୍ଧ କରିବ ବୋଲି କହିଥିଲେ। ପ୍ରତିଷ୍ଠାନର ଅଧକ୍ଷ ସନ୍ତୋଷ କୁମାର ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ସମର୍ଥ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଦ୍ୱିତୀକାନ୍ତ ପ୍ରଧାନ, ଶୁଶିଲ କୁମାର ପ୍ରଧାନ, ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ରାମକୃଷ୍ଣ ସାହୁ ସମସ୍ତଙ୍କୁ ନିପୁଣ ଓଡିଶା ଶପଥ ପାଠ କରାଇଥିଲେ। ପରେ ଛାତ୍ରଛାତ୍ରୀ ମାନେ ଶିକ୍ଷାଭିତିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ବଲାଙ୍ଗିର ଜିଲ୍ଲା ନାଗରିକ କମିଟିର ସଦସ୍ୟଙ୍କ ମନୋହରପୁର ୟୁ.ପି. ସ୍କୁଲ ପରିଦର୍ଶନ

ବଲାଙ୍ଗିର, ୧୯/୨ (ନି।ପ୍ର): ବଲାଙ୍ଗିର ଜିଲ୍ଲା ନାଗରିକ କମିଟିର ଶିକ୍ଷା ସବ କମିଟି ର ସଦସ୍ୟଗଣ ମନୋହରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନରେ ଯାଇ ପ୍ରଧାନ ଶିକ୍ଷକ ଭରତ ଚନ୍ଦ୍ର ମହାକୁର ତଥା ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ, ଶିକ୍ଷୟତ୍ରୀଙ୍କ ସହ ସ୍କୁଲ ପରିଚାଳନା ତଥା ଛାତ୍ର ଛାତ୍ରୀଙ୍କ ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଶିକ୍ଷା କମିଟିର ମୁଖ୍ୟ ଧର୍ମବ୍ରତ ରଥ, ପ୍ରଫେସର ତରୁଣ କୁମାର ମିଶ୍ର, ଦିବାକର ହୋତା, କୃଷ୍ଣଚନ୍ଦ୍ର ମହାକୁର, ପୁରୁଷୋତ୍ତମ ପଣ୍ଡା ପ୍ରମୁଖ ପରିଦର୍ଶନ ରେ ଅଂଶଗ୍ରହଣ କରିଥିଲେ । ବିଦ୍ୟାଳୟ ରେ ମୋଟ ୩୦୩ ଜଣ ଛାତ୍ର ଛାତ୍ରୀ ଥିବା ବେଳେ ଜୟନ୍ତୀ ସାହୁ, ଜୟଶ୍ରୀ ନାଥ, ରମନା ସୁନ୍ଦରୀ ଜାଲ, ନଳିନୀ ମଞ୍ଜରି ମିଶ୍ର, ସୁଜାତା ମିଶ୍ର, ତପସ୍ୱିନୀ ଦୋରା, ଜ୍ୟୋସ୍ନାରାଣୀ ପଣ୍ଡା ତଥା ଅନିଲ କୁମାର ମିଶ୍ର ତଥା ପିଇଟି ଜ୍ୟୋସ୍ନାରାଣୀ ନନ୍ଦ ଓ କଳା ଶିକ୍ଷୟତ୍ରୀ ଝରଣା ମିଶ୍ର ଶିକ୍ଷାଦାନ ଦେଉଛନ୍ତି । ସପ୍ତମ ଏବଂ ଅଷ୍ଟମ ଶ୍ରେଣୀ ପାଇଁ ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ନିଯୁକ୍ତି ର ଆବଶ୍ୟକତା ରହିଛି । ଶ୍ରେଣୀ ଓ ପିଲାଙ୍କ ସଂଖ୍ୟା ଅନୁପାତରେ ଆବଶ୍ୟକ ଶ୍ରେଣୀ କୋଠରୀ ର ଅଭାବ ରହିଛି । ମାତ୍ର ୩ଟି କୋଠରୀ ଭଲ ଅବସ୍ଥା ରେ ଥିବାବେଳେ ୬ଟି କୋଠରୀ ମରାମତି ଅଭାବରୁ ବ୍ୟବହାରଯୋଗ୍ୟ ହୋଇପାରୁନାହିଁ । ପାଚେରୀ ଅଭାବରୁ ବିଭିନ୍ନ ସମୟରେ ଅସାମାଜିକ ବ୍ୟକ୍ତିମାନେ ଆସି ବିଦ୍ୟାଳୟରେ ଭଙ୍ଗାରୁଜା କରୁଛନ୍ତି । ବିଦ୍ୟାଳୟ ର ପାଚେରୀ ନିର୍ମାଣ, ଶ୍ରେଣୀ କୋଠରୀ ମରାମତି ତଥା ଅନ୍ୟାନ୍ୟ ଆନୁସାଙ୍ଗିକ ବିଧି ବ୍ୟବସ୍ଥା ପାଇଁ ଜିଲ୍ଲା ଅଧିକାରୀ, ଶିକ୍ଷାଧିକାରୀ ତଥା ମ୍ୟୁନସିପାଲଟି କର୍ତ୍ତୃପକ୍ଷ ଆବଶ୍ୟକୀୟ ପଦକ୍ଷେପ ନେଲେ ଶିକ୍ଷା ଦାନ ବ୍ୟବସ୍ଥା ସୁ ସଂହତ ହୋଇପାରିବ ।

# ବଲାଙ୍ଗୀରରେ ମହିଳା କ୍ରିକେଟ ମହାକୁମ୍ଭ ୨୩ ଓ ୨୪ରେ

ବଲାଙ୍ଗିର, ୧୯/୨ (ନି।ପ୍ର): ଓଡ଼ିଶା ମହିଳା କ୍ରିକେଟରେ ପ୍ରାଧାନ୍ୟ ବିସ୍ତାର କରିଥିବା ବଲାଙ୍ଗୀର ଏ ଦିଗରେ ଆଉ ଏକ ପାଦ ଆଗେଇଛି। ଆସନ୍ତା ଫେବୃଆରୀ ୨୩ ଓ ୨୪ ଦୁଇ ଦିନ ଧରି ଗାନ୍ଧି ଷ୍ଟାଡିୟମରେ ଓଡ଼ିଶାର ବହୁ ଶ୍ରେଷ୍ଠ ମହିଳା କ୍ରିକେଟର ଏକାଠି ହେବେ। ସ୍ଥାନୀୟ ଅଗ୍ରଣୀ ମହିଳା ସଂଗଠନ ନାରୀଶକ୍ତି ଫାଉଣ୍ଡେସନ ଆନୁକୂଲ୍ୟରେ ତଥା ଜିଲ୍ଲା କ୍ରିଡ଼ାସଂସଦ ସହଯୋଗରେ ଦୁଇଦିନ ଧରି ଏକ ରାଜ୍ୟସ୍ତରୀୟ ମହିଳା ଟି-୨୦ ଟୁର୍ଣ୍ଣାମେଂଟ ଆୟୋଜିତ ହେଉଛି। ଏଥିରେ ଆୟୋଜକ ବଲାଙ୍ଗୀର ଏକାଦଶ, ଭୁବନେଶ୍ୱରର ଦୁଇଟି ଦଳ ଓ ରାଉରକେଲାର ଗୋଟିଏ ଦଳ ଭାଗ ନେବେ। ଉଭୟ ଦିନ ସକାଳ ୯ଟାରୁ ଆରମ୍ଭ ହେବାକୁ ଥିବା ଏହି ଦିବସବ୍ୟାପୀ ନକ୍-ଆଉଟ ଟୁର୍ଣ୍ଣାମେଂଟ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହେବା ଆଶା କରାଯାଉଛି। ବିଜେତା, ଉପବିଜେତା, ଶ୍ରେଷ୍ଠ ଖେଳାଳି, ଶ୍ରେଷ୍ଠ ବ୍ୟାଟର, ଶ୍ରେଷ୍ଠ ବୋଲର ଆସି ବିଭିନ୍ନ ଆକର୍ଷଣୀୟ ପୁରସ୍କାର ରହିଥିବା ନେଇ ଫାଉଣ୍ଡେସନର ସଂପାଦିକା ନୂତନ ଦାସ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶାର କ୍ରୀଡ଼ା ମାନଚିତ୍ରରେ, ବିଶେଷ କରି ମହିଳା କ୍ରିକେଟରେ ବଲାଙ୍ଗୀରର ସ୍ୱତନ୍ତ୍ର ପରିଚୟ ରହିଛି। ଓଡ଼ିଶାର ପ୍ରଥମ ଦୁଇଜଣ ମହିଳା କ୍ରିକେଟର ଭାବେ ମାଧୁରୀ ମେହେଟ୍ଟା ଓ ପରେପରେ ରୋସନାରା ପରଓ୍ୱିନ ଅତୀତରେ ଏକାଧିକ ଥର ଜାତୀୟ ସିନିୟର କ୍ରିକେଟ ଦଳର ପ୍ରତିନିଧିତ୍ୱ କରିଥିବା ବେଳେ ସରିତା ମେହେର ପୂର୍ବାଂଚଳ ସିନିୟର ଜୋନାଲ ଦଳର ପ୍ରତିନିଧିତ୍ୱ କରିଛନ୍ତି। ମାଧୁରୀ ମଧ କିଛିକାଳ ରାଜ୍ୟ ଦଳର ଅଧିନାୟିକା ରହିବା ସହ ଦେଶର ଅନ୍ୟତମ ପ୍ରମୁଖ ବ୍ୟାଟର ଭାବେ ଘରୋଇ କ୍ରିକେଟ ଋତୁରେ କ୍ରମାଗତ ସର୍ବାଧିକ ରନ୍-ସ୍କୋରର ତାଲିକାର ଶୀର୍ଷସ୍ଥାନ ମାନଙ୍କରେ ରହିଆସୁଛନ୍ତି। ଗତ ପ୍ରାୟ ଦେଢ଼ଦଶନ୍ଧି ଧରି ଓଡ଼ିଶା ସିନିୟର ଏକାଦଶରେ ବଲାଙ୍ଗୀର ଦଳର ୫-୬ ଜଣ ଖେଳାଳି ନିୟମିତ ସ୍ଥାନ ପାଇଆସୁଛନ୍ତି। ବଲାଙ୍ଗୀର ମଧ ଅନ୍ତଃଜିଲ୍ଲା ସିନିୟର ମହିଳା କ୍ରିକେଟ ଟୁର୍ଣ୍ଣାମେଂଟ ର ଡିଫେଣ୍ଡିଙ୍ଗ ଚାମ୍ପିଅନ। ବିଭିନ୍ନ କନିଷ୍ଠ ବର୍ଗରେ ମଧ ବହୁ ସଂଖ୍ୟାରେ ବାଳିକାମାନେ ଉତମ ପ୍ରଦର୍ଶନ କରିଆସୁଥିବାରୁ ଆଗକୁ ମଧ ମହିଳା କ୍ରିକେଟରେ ବଲାଙ୍ଗୀରର ପ୍ରାଧାନ୍ୟ ଅବ୍ୟାହତ ରହିବା ନେଇ ଡିଏଏ ସାଧାରଣ ସଂପାଦକ ହରିନାରାୟଣ ପୂଜାରୀ ଓ ମହିଳା କ୍ରିକେଟ ପ୍ରଶିକ୍ଷକ ଅରୁଣ ନାଏକ ଆଶାପ୍ରକାଶ କରିଛନ୍ତି।

# ମାନସିକ ସ୍ୱାସ୍ଥ୍ୟ ସେବାରେ ଗୋଷ୍ଠି ଓ ପରିବାରର ଦାୟିତ୍ୱ ବୃଦ୍ଧି ପାଇଁ ସ୍ୱାତୀ କ.ନୂଆଗାଁ ବ୍ଲକରେ କାର୍ଯ୍ୟ ଶୁଭାରମ୍ଭ

କନ୍ଧମାଳ, ୧୯/୨ (ନି।ପ୍ର): ସାମ୍ପ୍ରତିକ ମାନସିକ ଅସୁସ୍ଥ ବ୍ୟକ୍ତି ଏବଂ ପରିବାର ଲୋକ ସମାଜରେ ଅନେକ ସମସ୍ୟାରେ ସମ୍ମୁଖିନ ହେବାକୁ ପଡିଥାଏ । ଯଥା ସମାଜ ଓ ପରିବାରରେ ଅଣଦେଖା, ଅନ୍ଧବିଶ୍ୱାସ, ଅନ୍ୟାନ ପ୍ରତିକୁଳ ପରିସ୍ଥିତିକୁ ଲୋକମାନଙ୍କ ମଧରେ ସଚେତନତା ଓ ମାନସିକ ଅସୁସ୍ଥ ବ୍ୟକ୍ତିଙ୍କୁ ଡାକ୍ତରି ଚିକିତ୍ସା ଆଦି ସୁଯୋଗ ସୃଷ୍ଟି କରିବା ଦିଗରେ ନୂତନ ରୁପେ ପ୍ରକଳ୍ପ ଶୁଭାରମ୍ଭ କ.ନୂଆଗାଁ ବ୍ଲକର ସାରଙ୍ଗଡ ଠାରେ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଅଗ୍ରଣୀ ସ୍ୱଛାସେବୀ ଅନୁଷ୍ଠାନ ସ୍ୱାତୀ ଏବଂ ବେସିକ ନିଡ୍ ଇଣ୍ଡିଆ, ବାଙ୍ଗାଲୋର ର ମିଳିତ ସହାୟତା ରେ ଆଗାମି ୩ ବର୍ଷ ତଥା ୨୦୨୫ ରୁ ୨୦୨୭ ପର୍ଯ୍ୟନ୍ତ କାର୍ଯ୍ୟକରିବ । ଏହି ଉଦଘାଟନି ଉତ୍ସବରେ କ.ନୁଆଗାଁ ପଂଚାୟତ ସମିତି ଅଧକ୍ଷା ସୁଲୋଚନା ଦଳବେହେରା, ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧିକାରୀ ତପସ୍ୱିନି ଆଚାର୍ଯ୍ୟ ଓ ମାଳତି ବେହେରା, ସାରଙ୍ଗଡ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଡା.ଅମିତ କୁମାର ବେହେରା ଓ ସ୍ୱାତୀ ଅନୁଷ୍ଠାନର ଅଧକ୍ଷ ପ୍ରଶାନ୍ତ ଶତପଥୀ ପ୍ରମୁଖ ଯୋଗଦାନ କରିଥିଲେ । ପ୍ରାଥମିକ ସ୍ତରରେ ବ୍ଲକ ର ସାରଙ୍ଗଡ, ବଣ୍ଡଗୁଡା, ଜିରିଡିକିଆ, ଚାଁଚେଡି ଓ ଗାନ୍ଦ୍ରିଗାଁ ଆଦି କାର୍ଯ୍ୟ ପାଂଚ ଗୋଟି ପଂଚାୟତ କାମ କରିବ । ସ୍ୱାତୀ ଅନୁଷ୍ଠାନ ର ଅଧକ୍ଷ ପ୍ରଶାନ୍ତ ଶତପଥୀ ଉପସ୍ଥିତ ରହି ମାନିସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ରେ ସ୍ୱାତୀ ତରଫରୁ ହେବାକୁ ଥିବା କାର୍ଯ୍ୟ ଘୋଷଣା କରିଥିଲେ, ସାରଙ୍ଗଡ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ର ମୁଖ୍ୟ ଲୋକମାନେ କିପରି ମାନସିକ ସ୍ୱାସ୍ଥ୍ୟ ଉପରେ ସଚେତନତା ହେବେ, ଯନ୍ନକାରୀ ମାନେ ନିୟମିତ ଡାକ୍ତରି ଚିକିତ୍ସା କୁ ଆପଣେଇବେ ତାଙ୍କ ମନ୍ତବ୍ୟ ରେ ରଖିଥିଲେ। ପଂଚାୟତ ସମିତି ଅଧକ୍ଷା ନିଜର ଖୁସି ବ୍ୟକ୍ତ ସହିତ ଆସିଥିବା ପଂଚାୟତ ସରପଂଚ କୁ ଅନୁରୋଧ ରଖିଥିଲେ କିପରି ସମାଜର ମୁଖ୍ୟସ୍ରୋତ ରେ ସାମିଲ ହେବେ ସେଥିପ୍ରତି ଧ୍ୟାନ ଦେବେ । ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ରୁ ଆସିଥିବା ଅଧିକାରୀ ଏହି ବିଷୟ କୁ ବ୍ୟାପକ ଓ ବିସ୍ତୃତ ଆଲୋଚନା କରିଥିଲେ । ବ୍ଲକ ସ୍ତରିୟ ମହିଳା ଶିଶୁ ବିକାସ ଅଧିକାରୀ ଅରୁନଧତି ନାୟକ ଚିହ୍ନଟ ପ୍ରକିୟାରେ ତୃଣମୁଳ ସ୍ତରର କର୍ମୀ ଅଙ୍ଗନବାଡୀ ଓ ଆଶା ଦିଦି ଙ୍କୁ ସାମିଲ କରିବାଉପରେ ମତ ରଖିଥିଲେ । ସ୍ୱାତୀ ର ବରିଷ୍ଠ କର୍ମୀ ପ୍ରଦୀପ କୁମାର ସ୍ୱାଇଁ ଏହି କାର୍ଯ୍ୟର ସଂପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ । ତୃଣମୂଳ ସ୍ତରରେ ଏଭଳି ସଚେତନତା କାର୍ଯ୍ୟକ୍ରମ ମାନସିକ ସ୍ୱାସ୍ଥ୍ୟସେବା କୁ ଆହୁରି ମଜଭୁତ କରିବ ବୋଲି ଅନ୍ୟ ନିମନ୍ତ୍ରିତ ଅତିଥି ମତ୍ ରଖିଥିଲେ ।

# ଓଲଟିଲା ପିକଅପ୍ ଭ୍ୟାନ୍ : ୧୬ ଆହତ, ୩ ଗୁରୁତର

ଜୟପୁର, ୧୯/୨ (ନି।ପ୍ର): କୁମ୍ଭୀଖରୀ ଘାଟିରେ ଓଲଟିଲା ପିକଅପ ଭ୍ୟାନ। ଦୁର୍ଘଟଣାରେ ୧୬ ଜଣ ଆହତ ହୋଇଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି । ଗୁରୁତରଙ୍କୁ ଜୟପୁର ସ୍ଥିତ ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ଏଭଳି ଅଘଟଣ ମଙ୍ଗଳବାର ସକାଳ ଦଶଟା ସମୟରେ ବୈପାରୀଗୁଡା ବ୍ଲକ ରାମଗିରି ପଂଚାୟତର କୁମ୍ଭୀଖରୀ ଘାଟିରେ ଘଟିଛି । ସୂଚନା ଅନୁଯାୟୀ, କୁମ୍ଭୀଖରୀ, ମଧୁପୁର, ମାଡୁକୁ,ଆମଗନ୍ଦଲି ଆଦି ଗାଁ ରୁ ପ୍ରାୟ ଷାଠିଏ ଜଣ ଏକ ପିକଅପ ଭ୍ୟାନରେ ରାମଗିରି ସାପ୍ତାହିକ ହାଟକୁ ଆସୁଥିଲେ । କୁମ୍ଭୀଖାରି ଘାଟିରେ ଗାଡିଟି ଭାରସାମ୍ୟ ହରାଇ ଘାଟି ତଳକୁ ଓଲଟି ପଡିଥିଲା ।

## ଧାରାବାହିକ:

ଭାଗ-୪୨

# ସଂକ୍ଷିପ୍ତ ଭାଗବତ କଥାମୃତ



ଡ। ଶ୍ରୀହରି ପଣ୍ଡା



(ପୂର୍ବ ପ୍ରକାଶିତ ଉତ୍ତାରୁ)

**୧୬ଶ ଅଧ୍ୟାୟ**

**॥ ପୟୋବ୍ରତ କରିବାକୁ ଅଦିତିଙ୍କୁ କଶ୍ୟପଙ୍କ ଉପଦେଶ ॥**

ପୁତ୍ରମାନଙ୍କର ଅଦର୍ଶନରେ ଦେବମାତା ଅଦିତି ଅତ୍ୟନ୍ତ ଶୋକାକୁଳା ହେବାରୁ ତାଙ୍କର ସ୍ୱାମୀ ମହର୍ଷି କଶ୍ୟପ ତାଙ୍କୁ ଦେଖିବାକୁ ଆସି କୁଶଳ ଯିଜ୍ଞାସା କରିବାରୁ ଅଦିତି ସାଶ୍ରୁନୟନରେ ସ୍ୱାମୀଙ୍କ ନିକଟରେ ସମସ୍ତ ଘଟଣା ବର୍ଣ୍ଣନା କଲେ ଏବଂ ସ୍ୱାମୀ ଯେ ସପତଣୀଙ୍କର ଅଧାର୍ମିକ ପୁତ୍ରମାନଙ୍କ ପ୍ରତି ଅଧିକ ସ୍ନେହଶୀଳ ହୋଇ ତାଙ୍କର ଧାର୍ମିକ ପୁତ୍ରମାନଙ୍କ ପ୍ରତି ଉଦାସୀନ ଏହା ମଧ କହିବାକୁ ଛାଡିଲେ ନାହିଁ । ସେ ସ୍ୱାମୀଙ୍କୁ ପ୍ରାର୍ଥନା କରି କହିଲେ, ହେ ମହାମହିମ, ଆପଣ ଅସୁର ଓ ଦେବତା ଉଭୟ ପୁତ୍ରମାନଙ୍କୁ ସୁଖଶାନ୍ତିରେ ରଖିବାର ପ୍ରଯତ୍ନ କରନ୍ତୁ । ମହାମୁନି ସାମାନ୍ୟ ହସି କହିଲେ, ଅହୋ ବିଷ୍ଣୁମାୟାର କି ,ମୋହିନୀ ଶକ୍ତି ସ୍ୱୟଂ ଦେବମାତା ଅଦିତି ମଧ ପୁତ୍ରମାନଙ୍କ ପ୍ରତି ସ୍ନେହ ବନ୍ଧନରେ ଏତେ ଯୋର ଆବଦ୍ଧ । ପତି ପୁତ୍ର କନ୍ୟା କିଏ ବା କାହାର ? ଏହି ଭୌତିକ ଜଡ ଦେହର ଅସ୍ୱିତ୍ୱ ବା କେଉଁଠି ? ହେ ଦେବୀ ଅଦିତି, ସେହି ଜଗତଗୁରୁ ବାସୁଦେବଙ୍କୁ ଆରାଧନା କର । ସେ ତୁମର ପ୍ରାର୍ଥନା ପୂରଣ କରିବେ । କାରଣ ଏକମାତ୍ର ଭଗବତ ସେବା ହିଁ କାମନା ପୂର୍ଣ୍ଣ କରିବାରେ ଅବ୍ୟର୍ଥୀ । ତାହା କୌଣସି କାଳରେ କୌଣସି ପରିସ୍ଥିତିରେ ବ୍ୟର୍ଥ ହୁଏ ନାହିଁ । ଅଦିତି କହିଲେ ହେ ଦ୍ୱିଜ ଶ୍ରେଷ୍ଠ ଦୟାକରି ଶ୍ରୀହରି ଆରାଧନା ବିଧି ମୋତେ କୁହନ୍ତୁ । ମୋର ପୁତ୍ରମାନଙ୍କର ମଙ୍ଗଳ କାମନା କରି ମୁଁ ଅବଶ୍ୟ ତାହା ପାଳନ କରିବି । ଶ୍ରୀ କଶ୍ୟପ କହିଲେ, ହେ ଭଦ୍ରେ ମୁଁ ତୁମକୁ ହରିତୋଷଣ ବ୍ରତ ବିଧି ଶିକ୍ଷା ଦେଉଛି । ଏହି ବ୍ରତ ପାଳନ ଦ୍ୱାରା ତୁମ୍ଭର ଅଭିଷ୍ଟ ସିଦ୍ଧି ହେବ । ଫାଲଗୁନ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ଦିନ ହିଁ ପୟୋବ୍ରତ କରିବ । ଯଦି ମିଳେ ତେବେ ବରାହ ଦନ୍ତଖ୍ୟାତ ମଧ୍ୟରୁ ମୃତ୍ତିକା ବାମ ହସ୍ତରେ ନେଇ ଏହି ମନ୍ତ୍ରରେ ଅଭି ମନ୍ତ୍ରିତ କରିବ ।"ତ୍ୱଂ ଦେବ୍ୟାଦି ବରାହେଣ ରସୟା ସ୍ଥାନମମିଛତା ଉଦ୍ଧୃତାସି ନମସ୍ତୁଭ୍ୟଂ ପାପାନାଂ ମେ ପ୍ରଣାଶୟ" ଏହି ମନ୍ତ୍ରରେ ମୃତ୍ତିକା ମନ୍ତ୍ରିତ କରି ସର୍ବାଙ୍ଗରେ ଲେପନ କରି ପ୍ରାତସ୍ନାନ କରିବ । ପରେ ଶୁଦ୍ଧ ଚିତ୍ତରେ ମୂର୍ତ୍ତି, ସୂର୍ଯ୍ୟ, ଜଳ, ଅଗ୍ନି କିମ୍ବା ଗୁରୁଙ୍କଠାରେ ନବ ମନ୍ତ୍ରରେ ବିଷ୍ଣୁର୍ଚ୍ଚନା କରିବ । ମନ୍ତ୍ରରେ ଭଗବାନଙ୍କୁ ପ୍ରାର୍ଥନା କରିବ, ହେ ଭଗବାନ ସର୍ବଭୂତନିବାସୀ, ବାସୁଦେବ, ମହତମ ପୁରୁଷ, ସର୍ବବାସ, ସର୍ବସାକ୍ଷୀ, ଯଜ୍ଞରୂପୀ, ମଙ୍ଗଳମୟ, ରୁଦ୍ରରୂପୀ, ଶକ୍ତିଧର, ସର୍ବବିଦ୍ୟାଧିପତି ଭୂତାଦିପତି ଜଗତାତ୍ମା, ହିରଣ୍ୟଗର୍ଭ, ଯୋଗେଶ୍ୱର, ହେ କେଶବ, ମର୍କତଶ୍ୟାମ, ପୀତବସନ, ହେ ବରେଣ୍ୟେ, ହେ ବରଦଶ୍ରେଷ୍ଠ, ହେ ଲକ୍ଷ୍ମୀଦେବୀ ସେବିତ ଭଗବାନ ବିଷ୍ଣୁ ଆପଣ ମୋ ପ୍ରତି ପ୍ରସନ୍ନ ହୁଅନ୍ତୁ । ପରେ ଗନ୍ଧମାଲ୍ୟ ଦ୍ୱାରା ପୂଜା କରି ଦୁଗ୍ଧ ଦ୍ୱାରା ସ୍ନାନ କରି ବସ୍ତ୍ର, ଉପବିତ, ଅଳଙ୍କାର, ପାଦ୍ୟ ଅର୍ଘ୍ୟ ଗନ୍ଧ ଧୂପାଦି ଅର୍ପଣ କରି ଦ୍ୱାଦଶାକ୍ଷର ମନ୍ତ୍ରରେ ପୂଜା କରିବ । ଯଦି ସମ୍ଭବ ଦୁଗ୍ଧ ପକ୍ୱଶାଲ୍ୟାନ୍ନଘୃତ ଗୁଡମିଶ୍ରିତ ପାୟସ ନିବେଦନ କରିବ । ଉକ୍ତ ପ୍ରସାଦ ଭଗବତ ଭକ୍ତ ଓ ସ୍ୱୟଂ ଗ୍ରହଣ କରିବ । ପରେ ତାମ୍ବୁଳ ନିବେଦନ କରିବ । ଏହିପରେ ସେହି ଦ୍ୱାଦଶାକ୍ଷର ମନ୍ତ୍ର ୧୦୮ଥର ଜପ କରିବ । ପରେ ସ୍ତୁତ୍ରାଦି ଦ୍ୱାରା ସ୍ତବପାଠ କରି ପ୍ରଦକ୍ଷିଣ ଓ ସାଷ୍ଟାଙ୍ଗ ପ୍ରଣାମ କରିବ । ନିର୍ମାଲ୍ୟ ମସ୍ତକରେ ଧାରଣ କରି ଦେବତାଙ୍କୁ ବିସର୍ଜନ କରିବ ଓ ପାୟସାଦି ଦ୍ୱାରା ଅନ୍ୟୁନ ଦୁଇ ମୂର୍ତ୍ତି ବ୍ରାହ୍ମଣ ଭୋଜନ କରାଇବ । ପରେ ବନ୍ଧୁବାନ୍ଧବଙ୍କ ସହ ସ୍ୱୟଂ ଭୋଜନ କରିବ ଓ ନିଷ୍ଠାର ସହ ବ୍ରହ୍ମଚର୍ଯ୍ୟ ପାଳନ କରିବ । ଭୂମିରେ ଶୟନ, ତ୍ରିବାର ସ୍ନାନ, ଯଥାଶକ୍ତି ଦାନ ଓ ଦକ୍ଷିଣା ପ୍ରଦାନ କରିବ । ଦୀନ, ଅନ୍ଧ ଓ କୃପଣଙ୍କୁ ଭୋଜନ ଦେବ । ବ୍ରତକାଳରେ ନୃତ୍ୟଗୀତାଦି ଦ୍ୱାରା ଭଗବାନଙ୍କର ଅର୍ଚ୍ଚନା କରିବ । ଏହିପରି ଦ୍ୱାଦଶ ଦିବସ ପର୍ଯ୍ୟନ୍ତ ପୟୋବ୍ରତ କରିବ । ହେ ଦେବୀ, ତୁମେ ଏହି ବ୍ରତ ସମ୍ୟକ ଭାବରେ ଆଚରଣ କରି ନିଶ୍ଚୟ ଅଭୀଷ୍ଟ ଫଳ ଲାଭ କରିବ ଏଥିରେ ସନ୍ଦେହ ନାହିଁ ।

**୧୭ଶ ଅଧ୍ୟାୟ**

**॥ ଭଗବାନଙ୍କ ପ୍ରାକଟ୍ୟ ଓ ଅଦିତିଙ୍କର ବରଲାଭ ॥**

ଶ୍ରୀ ଶୁକଦେବ କହିଲେ, ହେ ରାଜନ, ନିଜର ସ୍ୱାମୀଠାରୁ ଏହି ଉପଦେଶ ଲାଭ କରି ଅଦିତି ଦ୍ୱାଦଶ ଦିବସ ପର୍ଯ୍ୟନ୍ତ ସଂଯତ ଭାବରେ ପୟୋବ୍ରତ ଯଥାବିଧି ପାଳନ କଲେ । ବ୍ରତ ଶେଷରେ ଭଗବାନ ବିଷ୍ଣୁ ପ୍ରସନ୍ନ ହୋଇ ଅଦିତିଙ୍କ ସମ୍ମୁଖରେ ଆବିର୍ଭୂତ ହେଲେ । ଅଦିତି ପ୍ରଭୁଙ୍କର ଦର୍ଶନ କରି ଆନନ୍ଦାତିଶୟ୍ୟାରେ ଭୂମିରେ ସାଷ୍ଟାଙ୍ଗ ପ୍ରଣାମ କଲେ । ତାଙ୍କର ଅଶ୍ରୁ ବିଗଳିତ ହେବା ସହ ଶରୀର ପୁଲକିତ ହେଲା ଓ କଣ୍ଠରୁ ବାକ୍ୟ ସ୍ଫୁରିଲା ନାହିଁ । କିଛି କ୍ଷଣ ପରେ ଅଦିତି ଭଗବାନଙ୍କ ରୂପକୁ ଚାହିଁ କହିଲେ, ହେ ଯୋଗେଶ୍ୱର ଜଗନ୍ନାଥ, ହେ ଦୁଃଖୀ ଦୁଃଖହାରୀ ଚତୁର୍ବର୍ଗଦାତା, ହେ ଅନ୍ତର୍ଯ୍ୟାମୀ ନାଥ ମୋର ଦୁଃଖ କି ଆପଣଙ୍କୁ ଅଜ୍ଞାତ । ଶ୍ରୀ ଭଗବାନ କହିଲେ ହେ ଦେବମାତା, ସପତ୍ନୀର ପୁତ୍ରମାନେ ତୁମ୍ଭର ପୁତ୍ରମାନଙ୍କର ସମ୍ପଦ ହରଣ କରିଛନ୍ତି ଏବଂ ସେମାନଙ୍କୁ ବାସଚ୍ୟୁତ କରିଛନ୍ତି । ସେଥିପାଇଁ ତୁମେ ମର୍ମାହତ । ଅସୁରମାନେ ଯେଉଁ ବ୍ରହ୍ମତେଜ ଦ୍ୱାରା ପରାକ୍ରମୀ ହୋଇଛନ୍ତି ପୁନର୍ବାର ସେହି ବ୍ରାହ୍ମଣଙ୍କୁ ଅବଜ୍ଞା କରି ତେଜୋହୀନ ହେବେ ଏବଂ ସର୍ବେ ବିନଷ୍ଟ ହେବେ । ମୁଁ ତାହାର ଉପାୟ ଚିନ୍ତା କରୁଛି । ତୁମର ପୟୋବ୍ରତ ପାଳନ ଦ୍ୱାରା ମୁଁ ସନ୍ତୁଷ୍ଟ । ମୁଁ ତୁମର ସ୍ୱାମୀଙ୍କ ତପୋଜନିତ ତେଜରେ ଅବସ୍ଥାନ କରି ତୁମର ପୁତ୍ର ରୂପେ ଜାତ ହେବି ଏବଂ ଦେବତାମାନଙ୍କୁ ରକ୍ଷା କରିବି । ଏହି ଦେବ ରହସ୍ୟ କାହାରି ଆଗରେ ପ୍ରକାଶ କରିବ ନାହିଁ । ଏହା କହି ଭଗବାନ ଅନ୍ତର୍ହିତ ହେବାରୁ ଅଦିତି ସ୍ୱୟଂ ଭଗବାନଙ୍କୁ ପୁତ୍ର ରୂପେ ପ୍ରାପ୍ତ ହେବେ ଏହି ପରମ ଦୁର୍ଲଭ ବରଲାଭ କରି ଅତ୍ୟନ୍ତ ହୃଷ୍ଟ ଚିତ୍ତରେ ପତିଦେବତାଙ୍କର ସେବା କରିବାକୁ ଲାଗିଲେ ।

**୧୮ଶ ଅଧ୍ୟାୟ**

**॥ ବାମନ ଜନ୍ମ ଓ ବଳିଙ୍କ ଯଜ୍ଞଶାଳାକୁ ଗମନ ॥**

ଦେବମାତା ଅଦିତିଙ୍କ ଗର୍ଭରେ ଭଗବାନ ଅବସ୍ଥାନ କଲେ ବୋଲି ଜାଣି ବ୍ରହ୍ମାଦି ଦେବଗଣ ତାଙ୍କର ସ୍ତୁତିପାଠ କଲେ । ଯଥା କାଳରେ ନୀଳ ଜୀମୂତ ବର୍ଣ୍ଣ ଅତ୍ୟୁଜ୍ଜଳ ତନୁ ଧାରଣ କରି ବାମନ ରୂପୀ ଭଗବାନ ଭୂମିଷ୍ଠ ହେବା ସଙ୍ଗେ ସଙ୍ଗେ ତ୍ରିଲୋକର ଆନନ୍ଦ ପ୍ରକାଶ ପାଇଲା । ଭାଦ୍ରବ ମାସ ଶୁୟକ୍ଳପକ୍ଷ ଶ୍ରବଣା ନକ୍ଷତ୍ର ସଂଯୁକ୍ତ ଦ୍ୱାଦଶୀ ତିଥିରେ ମଧାହ୍ନ ସମୟରେ ଭଗବାନ ଶ୍ରୀ ବାମନ ଅବତାର ଗ୍ରହଣ କଲେ । ଏହି ଦ୍ୱାଦଶୀକୁ ବିଜୟା ଦ୍ୱାଦଶୀ ବୋଲି ମଧ କୁହାଯାଏ । ଅଦିତିଙ୍କର ଆଶ୍ରମ ଉପରେ ଆକାଶରୁ କୁସୁମ ବୃଷ୍ଟି ହେଲା ଓ ଅବସନ୍ତରେ ମଳୟ ପବନ ମୃଦୁ ମୃଦୁ ବହିଲା । ବୃକ୍ଷଲତାମାନେ ଫଳପୁଷ୍ପ ଧାରଣ କରି ସୁନ୍ଦର ଦିଶିଲେ । ଦୁନ୍ଦୁଭି ବାଦ୍ୟ ସହିତ ଗନ୍ଧର୍ବ ଓ ଅପସରାମାନେ ନୃତ୍ୟ କଲେ । ସିଦ୍ଧ ବିଦ୍ୟାଧରମାନେ ପ୍ରଭୁଙ୍କର ସ୍ତୁତିଗାନ କଲେ । ଚତୁର୍ଦ୍ଦିଗରେ ଆନନ୍ଦ ଉଲ୍ଲାସ ପ୍ରକାଶ ପାଇଲା । ମାତା ଅଦିତି ନିଜ ନବଜାତ ପୁତ୍ରର ଅଦ୍ଭୂତ ସୁନ୍ଦର ତେଜୋମୟ ମୂର୍ତ୍ତି ଦର୍ଶନ କରି ଆନନ୍ଦରେ ଆତ୍ମହରା ହେଲେ । ମନେ ମନେ ଭଗବାନଙ୍କୁ ପ୍ରଣତି ନିବେଦନ କରି ପୁତ୍ରକୁ ଚୁମ୍ବନ ଦେଲେ । ନଟ ପୁରୁଷ ବେଶ ପରିବର୍ତ୍ତନ କଲାପରି ନବଜାତ ଶିଶୁ ବ୍ରାହ୍ମଣ ବାଳକ ରୂପ ଧାରଣ କଲେ । ସୂର୍ଯ୍ୟଦେବ ତାଙ୍କୁ ସାବିତ୍ରୀ ମନ୍ତ୍ର, ବୃହସ୍ପତି ଯଜ୍ଞୋପବିତ, କଶ୍ୟପ କୋଟିମେଖଳା, ପୃଥିବୀ କୃଷ୍ଣାଜୀନ, ଚନ୍ଦ୍ରଦଣ୍ଡ, ମାତା ଅଦିତି କୌପୀନ ସ୍ୱର୍ଗଛତ୍ର, ବ୍ରହ୍ମା କମଣ୍ଡଳୁ, ସପ୍ତର୍ଷିମାନେ କୁଶ, ସରସ୍ୱତୀ ଅକ୍ଷମାଳା, ଯକ୍ଷରାଜ ଭିକ୍ଷାପାତ୍ର ଏବଂ ଭଗବତୀ ଉମା ଭିକ୍ଷା ପ୍ରଦାନ କଲେ । ବ୍ରହ୍ମର୍ଷିଗଣ ପରିବେଷ୍ଟିତ ଶ୍ରୀ ବାମନଦେବ ସ୍ୱୀୟ ବ୍ରହ୍ମତେଜରେ ଅପୂର୍ବ ଶୋଭା ଧାରଣ କଲେ । ଏହା ପରେ ସେ ଯାଇ ବଳିରାଜଙ୍କର ଯଜ୍ଞସ୍ଥଳରେ ଉପସ୍ଥିତ ହେଲେ । ତାଙ୍କର ପଦକ୍ଷେପରେ ବସୁମାତା ଅନ୍ନରେ ଉତ୍‌ଫୁଲିତ ହୋଇ ମୃଦୁ ପ୍ରକମ୍ପିତ ହେଲେ । ନର୍ମଦା ନଦୀର ଉତ୍ତର ତୀରସ୍ଥ ଗିରିବନ ଶୋଭିତ ପବିତ୍ର ସ୍ଥାନରେ ବଳିରାଜା ଶୁକ୍ର ଗୁରୁ ଓ ଦ୍ୱିଜମାନଙ୍କୁ ନେଇ ଯଜ୍ଞ କରୁଥିଲେ । ଯଜ୍ଞ ସମ୍ପୂର୍ଣ୍ଣ ହେଲେ ସେ ଏକ କଳ୍ପ ପର୍ଯ୍ୟନ୍ତ ନର୍ବିଘ୍ନରେ ସ୍ୱର୍ଗ ଶାସନ କରିବେ । ବାମନ ରୂପୀ ସ୍ୱୟଂ ଭଗବାନ ସେ ସ୍ଥାନରେ ସହସା ଉପସ୍ଥିତ ହେବାରୁ ତାଙ୍କ ଶରୀର ତେଜରେ ନିଜେ ଶୁକ୍ରାଚାର୍ଯ୍ୟ ଏବଂ ଆହୂତି ଦାତା ବ୍ରହ୍ମଜ୍ଞ ଦ୍ୱିଜମାନେ ସମସ୍ତେ ଅତ୍ୟନ୍ତ ମ୍ଳାନ ଓ ନିଷ୍ପ୍ରଭ ଦେଖାଗଲେ । ହଠାତ ସମସ୍ତଙ୍କର ଜ୍ଞାନଲୋପ ହେଲା । ଏହି ବ୍ୟକ୍ତି କିଏ ହୋଇପାରନ୍ତି ବୋଲି ସମସ୍ତେ ଚିନ୍ତା କରିବାକୁ ଲାହିଲେ । ଅପୂର୍ବ ସୁନ୍ଦର ସୁକୁମାର ବାମନ ଦେବ ବାଳ ବ୍ରହ୍ମଚାରୀ ରୂପ ଧାରଣ କରି ବଳି ନୃପତିଙ୍କ ନିକଟରେ ପହଞ୍ଚି ଲଳିତ ଗମ୍ଭୀର ସ୍ୱରରେ ସାମବେଦ ଗାନକଲେ । ବଳିରାଜା ମାୟା ବାମନଙ୍କର ତ୍ରିଭୂବନ ମୋହନ ତେଜୋମୟ ରୂପ ଦର୍ଶନ କରି ସମ୍ମୋହିତ ହେଲେ ଏବଂ ତତ୍‌କ୍ଷଣାତ ଆସନ ତ୍ୟାଗକରି ଅଞ୍ଜଳି ହସ୍ତ ହୋଇ ବାମନ ନିକଟକୁ ଆସିଲେ । ରାଜା ଉଠିବାର ଦେଖି ଶୁକ୍ରାଚାର୍ଯ୍ୟ ଏବଂ ଦ୍ୱିଜମାନେ ମଧ ଆହୂତି ପ୍ରଦାନ ତ୍ୟାଗକରି ଉଠିଲେ । ବଳିରାଜା ବାମନଙ୍କର ଚରଣକୁ ଉତ୍ତମ ଜଳରେ ଧୌତକରି ପାଦଦୋକ ଶିରରେ ଘେନିବା ସହ ଉତ୍ତମ ଆସନରେ ବସାଇ ଚରଣରେ ପ୍ରଣିପାତ କଲେ । ବିନୟ ସହିତ କୁଶଳ ଜିଜ୍ଞାସା କଲେ । ଯାହାଙ୍କର ଚରଣୋଦକ ବ୍ରହ୍ମା ଶିବଙ୍କୁ ମଧ ଦୁର୍ଲ୍ଲଭ ତାହା ବଳିରାଜାଙ୍କର ମସ୍ତକରୁ ଶରୀରର ସମସସ୍ତ ଅବୟବକୁ ବହିଗଲା । ବଳିରାଜା ବାମନଙ୍କୁ ସମ୍ବୋଧନ କରି କହିଲେ, ହେ ବ୍ରହ୍ମନ ! ଆପଣ ଆନନ୍ଦରେ ଆଗମନ କରିଛନ୍ତି ତ ? ମୁଁ ଆପଣଙ୍କଠାରେ ବ୍ରହ୍ମର୍ଷୀଙ୍କ ଅପେକ୍ଷା ଅଧିକ ତେଜ ଦର୍ଶନ କରୁଛି । ଆପଣ ବାଳକ ହେଲେ ହେଁ ସାକ୍ଷାତ୍ ପରମବ୍ରହ୍ମ ରୂପେ ପ୍ରତୀତ ହେଉଛନ୍ତି । ଏବେ ଦୟାକରି ଆପଣଙ୍କର ନାମ ଆଗମନର ଉଦ୍ଦେଶ୍ୟ ପ୍ରକାଶ କରନ୍ତୁ । ଆପଣ ଏଠାକୁ ଆସି ମୋତେ ଓ ମୋର ପିତୃପିତାମହଙ୍କୁ ଧନ୍ୟ କରିଛନ୍ତି । ମୋର ଯଜ୍ଞ ସୁସମ୍ପନ୍ନ ହୋଇଛି । ହେ ପୂଜ୍ୟତମ, ଆପଣଙ୍କର ଯାହା ଇଚ୍ଛା ଏପରି କି ମୋର ପ୍ରାଣମଧ ଗ୍ରହଣ କରି ମୋତେ କୃତାର୍ଥ କରନ୍ତୁ ।

(କ୍ରମଶଃ)

+ ଗୌଡ଼ଗାଁ, କପିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ରଙ୍ଗ

# କୁମୁଦିନୀର ଚିତ୍କାର



ଶ୍ୱେତା ରାଉତ୍

ଜଣେ ଧାର୍ମିକ ବ୍ୟକ୍ତି ତାଙ୍କ ପତ୍ନୀ ଓ କନ୍ୟା ସହ ଏକ ଆଶ୍ରମରେ ରହୁଥିଲେ। ପତି ପତ୍ନୀ ଈଶ୍ୱରଙ୍କ ଉପରେ ପ୍ରଗାଢ଼ ବିଶ୍ୱାସ ରଖି ଖୁବ୍ ସଂସ୍କାର ଓ ଶ୍ରଦ୍ଧାରେ ଝିଅର ଲାଳନ ପାଳନ କରୁଥିଲେ।ଦିନେ ଝିଅଟି ତା ବାପାଙ୍କୁ ପଚାରିଲା 'ଆମେ ଆଶ୍ରମରେ କାହିଁକି ରହୁଛେ,ପାଖ କଲୋନୀରେ ରହିଲେ ହୁଅନ୍ତାନି, ସେଠି ମୋର ଅନେକ ସାଙ୍ଗ ରହୁଛନ୍ତି'। ବାପା, ଝିଅର ମୁଣ୍ଡ ଆଉଁଶି ଦେଇ କହିଲେ'ଆମ ପୂର୍ବ ପୁରୁଷମାନେ ଏଇ ଆଶ୍ରମରେ ସେବା କାର୍ଯ୍ୟରେ ଦିନ କାଟୁଥିଲେ, ସେବା କରି ଈଶ୍ୱର ପ୍ରାପ୍ତ ହେବାର ଆନନ୍ଦ ହିଁ ଆମର ଲକ୍ଷ। ଏଠି ସାଂସାରିକ ଜୀବନର ଭିଡ ବଦଳରେ ଶାନ୍ତି ଅଛି, ଅନ୍ୟଙ୍କୁ ସେବା ମାଧ୍ୟମରେ ଆନନ୍ଦ ଦେଇ ନିଜେ ଆନନ୍ଦ ନେଇ ପାରୁଛେ। ତୁ ଯଦି ସାଙ୍ଗମାନଙ୍କ ସହ ଖେଳିବାକୁ ଚାହୁଁ,କଲୋନୀକୁ ଯାଇ ସାଙ୍ଗମାନଙ୍କ ସହ ଖେଳିପାରିବୁ,କିଛି ଅସୁବିଧା ନାହିଁ, ଆମକୁ ରହିବା ସ୍ଥାନ ବଦଳାଇବା କଣ ଦରକାର'।

ଝିଅଟି ଖୁସି ହୋଇ କଲୋନୀ ଆଡେ ଧାଇଁଲା ସାଙ୍ଗ ମେଳିରେ ଖେଳିବାକୁ।ପ୍ରତିଦିନ ଖେଳିବାକୁ ଯିବା ଭିତରେ ଝିଅଟି ଦେଖିଲା କଲୋନୀରେ ସମସ୍ତେ ମାଛ, ମାଂସ ତରକାରି ଖାଉଛନ୍ତି ଯାହା ସେ କେବେ ଆଶ୍ରମରେ ଦେଖିନଥିଲା କି ଖାଇନଥିଲା। ତା'ର ଜଣେ ସାଙ୍ଗ ଦିନେ ତା ଘରକୁ ଖାଇବାକୁ ଡାକି, ମାଂସ ଭାତ ବାଢିଛି, ଝିଅଟି କହିଲା 'ସାଙ୍ଗ ଆମେ ଏସବୁ ଖାଉନା, ଆମ ଆଶ୍ରମରେ ଆମିଷ ହୁଏନାହିଁ'। ଝିଅଟିର ସାଙ୍ଗ ହସିବାକୁ ଲାଗିଲା'ଆରେ ଏସବୁ ନଖାଇଲେ ତୋ ଶରୀରରେ ଭିଟାମିନ କିଛି ରହିବନି,ଦୁର୍ବଳ ହୋଇଯିବୁ, ଅନେକ ରୋଗ ହେବ, ଆମେ କେମିତି ଖାଉଛୁ, କିଛି ହବନି ଆସେ ଖାଇବା' କହି ଝିଅଟିକୁ ତାର ସାଙ୍ଗ ବାଧ କରି ନିଜ ସାଥିରେ ଖୁଆଇଲା।

ସନ୍ଧ୍ୟାରେ ଝିଅଟି ଆଶ୍ରମକୁ ଫେରି ବାପାଙ୍କୁ ଖୁସି ହୋଇ କହିଲା ଯେ ଆଜି ମୋ ସାଙ୍ଗ ଘରେ ମୁଁ ମାଂସ, ଭାତ ଖାଇଲି। ବାପା ମାଂସ ନଖାଇଲେ ଆମ ଶରୀର ଦୁର୍ବଳ ହୋଇଯିବ ମୋ ସାଙ୍ଗ କହୁଥିଲା, ତାଙ୍କର ସମସ୍ତେ ଖାଉଛନ୍ତି, ଆମେ କାହିଁକି ଖାଉନେ ?ମାଂସ ଖାଇବା କଥା ଶୁଣି ବାପା ଅତ୍ୟନ୍ତ ଦୁଃଖୀ ହୋଇ କହିଲେ 'ମା ତୋର ସେଠି ଖାଇବାର ନଥିଲା'। ବାପା ଦେଖିଥିଲେ ଝିଅଟି ସାଙ୍ଗମାନଙ୍କ ଦ୍ୱାରା ଏତେ ପ୍ରଭାବିତ ଅଛି ଯେ ଏବେ ତାଙ୍କୁ ବୁଝାଇଲେ ବି ସେ କିଛି ବୁଝିବନି। ଅପେକ୍ଷା କଲେ ସମୟ ନେଇ ତାକୁ ସାତ୍ତ୍ୱିକ ଆହାର ଉପରେ ଅବଗତ କରାଇବେ। ପ୍ରଭୁଙ୍କୁ ବିନମ୍ରତାର ସହ ପ୍ରାର୍ଥନା କଲେ କ୍ଷମା କରିଦେବାକୁ। ସେ ଆଲୋଚନାକୁ ଟାଳିବାକୁ ଯାଇ ବାପା କହିଲେ 'ଝିଅ, ତୁ ସବୁଦିନ ଗୁହାଳକୁ ଯାଇ ଗୋମାତାଙ୍କୁ ଖାଇବାକୁ ଦେଉ, ଛେଳିମାନଙ୍କୁ ଲଟା ପତ୍ର ଦେଉ, ପକ୍ଷୀମାନଙ୍କୁ ଦାନା ଦେଉ,ଦୁଇ ଦିନ ହେଲା ତୁ ଗୁହାଳ ଆଡେ ତ ଯାଇନୁ ? ଗଲୁ, ତୋ ନନ୍ଦିନୀ(ଗାଈ)ଓ କୁମୁଦିନୀ(ଛେଳି)କୁ ଖାଇବାକୁ ଦେଇ ଆସିବୁ'। ଝିଅଟି ଦୌଡ଼ି ଦୌଡ଼ି ଗୁହାଳ ଆଡେ ଯାଇ ନନ୍ଦିନୀକୁ ଗେଲ କରିଦେଲା,ବିଡ଼ାଏ ନଡ଼ା ଖୁଆଇ ଦେଇ କୁମୁଦିନୀ(ଛେଳି)ପାଖକୁ ଧାଇଁଲା। ଆଶ୍ରମ ସାରା ଖୋଜିଲା କୁମୁଦିନୀକୁ କୋଉଠି ହେଲେ ପାଇଲା ନାହିଁ। କୁମୁଦିନୀ ଛୋଟ ଛେଳି ଛୁଆଟା,ଝିଅଟି ତାକୁ ବହୁତ ସ୍ନେହ କରେ, କାଖରେ ଯାକି ଧରି ଦିନ ସାରା ବୁଲେ, କୁଆଡେ ଚାଲିଗଲା ଟା ଗେହ୍ଲା କୁମୁଦିନୀ!! ଧାଇଁ ଯାଇ ବାପାଙ୍କୁ ପଚାରିଲା, ବାପା କହିଲେ ମୁଁ ତାକୁ ଦେଖିଥିଲି ତୋ ପଛେ ପଛେ କଲୋନୀ ଆଡେ ଯାଇଥିଲା, ମୁଁ ଭାବିଲି ତୋ ସହିତ ଥିବ'। ଝିଅଟି ଏକା ନିଃଶ୍ୱାସରେ କଲୋନୀକୁ ଧାଇଁଲା,ବହୁତ ଖୋଜିଲା, କୁଆଡେ ପାଇଲା ନାହିଁ କୁମୁଦିନୀକୁ, ମନ ମାରି ଗୋଟେ ସିମେଣ୍ଟ ଚେୟାର ଉପରେ ବସି ପଡ଼ିଲା। ସେତିକିବେଳେ ତା ସାଙ୍ଗ ଆସି ଝିଅଟିକୁ କହିଲା'ସାଙ୍ଗ କାଲି ମାଂସ ତରକାରୀ କେମିତି ହେଇଥିଲା କହ,ବଢିଆ ଲାଗିଲା ନା ?ତୁ ଜାଣିଛୁ ସାଙ୍ଗ ଗୋଟେ ଛେଳି ଛୁଆ ଆମ କଲୋନୀକୁ ପଶି ଆସିଥିଲା, ମୋ ବାବା ଓ ପଡ଼ୋଶୀ ଅଙ୍କଲ ତାକୁ ରଖି ଦେଇଥିଲେ, ଆମ ଘରେ ମାଗଣାରେ ମାଂସ ତରକାରୀ ହୋଇଗଲା, ଝିଅଟି ଅନର୍ଗଳ ଭାବେ ମାଂସ ତରକାରୀ କଥା କହି ଆନନ୍ଦ ନେଉଥିବା ବେଳେ ଝିଅଟି ଜାଣି ସାରିଥିଲା ସେ ଯେଉଁ ମାଂସ କାଲି ଖାଉଥିଲା, ସେଇଟା ତା କୁମୁଦିନୀ(ଛେଳି ଛୁଆ)ର ମାଂସ। ଆଖିରେ ଆଖିଏ ଲୁହ ଓ କଅଁଳ ମନରେ ଗଭୀର ପଶ୍ଚାତାପ ନେଇ ଝିଅଟି ଆଶ୍ରମକୁ ଧଇଲା, ବାପାଙ୍କୁ ଜାବୁଡ଼ି ଧରି ଭୋ ଭୋ ହୋଇ କାନ୍ଦିବାକୁ ଲାଗିଲା। ଝିଅର ଲୁହ ପୋଛି ବାପା ତା'ଠୁ ସବୁ ଘଟଣା ଜାଣି ଝିଅକୁ ସାନ୍ତ୍ୱନା ଦେଲେ ଓ ପ୍ରଭୁଙ୍କୁ କୃତଜ୍ଞତା। କାରଣ ସେ ହୁଏତ ଝିଅକୁ ମାଂସ ନଖାଇବା କଥା ସେମିତି ବୁଝାଇ ପାରିନଥାନ୍ତେ, ଯେମିତି ଈଶ୍ୱର ସାରା ଜୀବନ ପାଇଁ ତାକୁ ବୁଝାଇ ଦେଇଥିଲେ। ଝିଅଟି ଏଥର ମାଂସ ଖାଇବା ବିଷୟରେ ଆଲୋଚନା ତ ଦୂରର କଥା କଲୋନୀ ଆଡେ ବି ଯିବାକୁ ଚାହିଁଲା ନାହିଁ, ସତେ ଯେମିତି ସେ କଲୋନୀ ଆଡୁ କୁମୁଦିନୀର ଚିତ୍କାର ଶୁଭୁଥିଲା। ଝିଅଟି ବାପାଙ୍କ ସହ ମିଶି ଆଶ୍ରମରେ ପୂଜା କରିବା ସହ ସବୁ ପଶୁ ପକ୍ଷୀଙ୍କ ସେବା କରିବାକୁ ଲାଗିଲା।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ଦେଶୀ ଅଣ୍ଡା ନା ଫାର୍ମ ଅଣ୍ଡା ? ଶରୀର ପାଇଁ କେଉଁଟା ଭଲ ?



ଅଣ୍ଡାକୁ ଏକ ସୁପରଫଡ୍ ବୋଲି କୁହାଯାଏ । ଯେଉଁଥିରେ ପ୍ରୋଟିନ୍ , ଭିଟାମିନ୍ ଏବଂ ମିନେରାଲ୍ସର ଭରପୂର ମାତ୍ରାରେ ଥାଏ । ଏହା ନା କେବଳ ସ୍ୱାସ୍ଥ୍ୟ ପାଇଁ ଭଲ ବରଂ ମାଂସପେଶୀକୁ ଶକ୍ତିଶାଳୀ କରିବା ସହ ମସ୍ତିଷ୍କକୁ ମଧ ସୁସ୍ଥ ରଖିଥାଏ ଅଣ୍ଡା । କିନ୍ତୁ ଯେତେବେଳେ ଦେଶୀ ଅଣ୍ଡା ଏବଂ ଫାର୍ମ ଅଣ୍ଡା ଭିତରେ କେଉଁଟା ଭଲ ପ୍ରଶ୍ନ ଆସେ ସେତେବେଳେ ଲୋକ ଦ୍ୱନ୍ଦ୍ୱରେ ପଡ଼ନ୍ତି ଯେ ବାସ୍ତବରେ କେଉଁ ଅଣ୍ଡା ଦେହ ପାଇଁ ଭଲ । ଅଣ୍ଡାକୁ ଏକ ସୁପରଫଡ୍ ବୋଲି କୁହାଯାଏ । ଯେଉଁଥିରେ ପ୍ରୋଟିନ୍ , ଭିଟାମିନ୍ ଏବଂ ମିନେରାଲ୍ସର ଭରପୂର ମାତ୍ରାରେ ଥାଏ । ଏହା ନା କେବଳ ସ୍ୱାସ୍ଥ୍ୟ ପାଇଁ ଭଲ ବରଂ ମାଂସପେଶୀକୁ ଶକ୍ତିଶାଳୀ କରିବା ସହ ମସ୍ତିଷ୍କକୁ ମଧ ସୁସ୍ଥ ରଖିଥାଏ ଅଣ୍ଡା । କିନ୍ତୁ ଯେତେବେଳେ ଦେଶୀ ଅଣ୍ଡା ଏବଂ ଫାର୍ମ ଅଣ୍ଡା ଭିତରେ କେଉଁଟା ଭଲ ପ୍ରଶ୍ନ ଆସେ ସେତେବେଳେ ଲୋକ ଦ୍ୱନ୍ଦ୍ୱରେ ପଡ଼ନ୍ତି ଯେ ବାସ୍ତବରେ କେଉଁ ଅଣ୍ଡା ଦେହ ପାଇଁ ଭଲ । ଯଦି ଆପଣଙ୍କ ମନରେ ବି ଏଭଳି ପ୍ରଶ୍ନ ବେଳେବେଳେ ଉଙ୍କି ମାରେ ତାହେଲେ ଆସନ୍ତୁ ସେ ବିଷୟରେ ବିସ୍ତାର ଭାବରେ ଜାଣିବା ।

*ଦେଶୀ ଅଣ୍ଡା ଏବଂ ଫାର୍ମର ଧଳା ଅଣ୍ଡା ଭିତରେ ଅନ୍ତର କ'ଣ ?*

ବାହାରେ ବୁଲୁଥିବା ଦେଶୀ କୁକୁଡ଼ାଙ୍କଠାରୁ ଦେଶୀ ଅଣ୍ଡା ପ୍ରାପ୍ତ ହୋଇଥାଏ । ଏହି କୁକୁଡ଼ା ବାହାରେ ବୁଲି କୀଟପତଙ୍ଗ,ଶସ୍ୟ ଦାନା,ସବୁଜ ଘାସ,ପୋକ ଆଦି ଖାଇ ପେଟ ପୁରାଇଥାନ୍ତି । ଏହି କାରଣ ଯୋଗୁଁ ଦେଶୀ ଅଣ୍ଡାରେ ଅଧିକ ପୋଷକ ତତ୍ତ୍ୱ ଥାଏ।

*ଫାର୍ମର ଧଳା ଅଣ୍ଡା :* ଧଳା ଅଣ୍ଡାକୁ ଫାର୍ମରେ ପ୍ରସ୍ତୁତ କରାଯାଏ । ଯେଉଁଠାରେ କୁକୁଡ଼ାକୁ କଣ୍ଟ୍ରୋଲ୍ ଡାଏଟ୍ ଦିଆଯାଏ । ଏହି ଅଣ୍ଡା ଦେଖିବାକୁ ବଡ଼ ଏବଂ ଚମକଦାର ହୋଇଥିଲେ ହେଁ ଏଥିରେ ପୋଷକ ତତ୍ତ୍ୱ ବହୁତ କମ୍ ଥାଏ ।

*ସ୍ୱାଦ ଏବଂ ପାର୍ଥକ୍ୟରେ ଅନ୍ତର*

ଦେଶୀ ଅଣ୍ଡା ଅର୍ଗାନିକ୍ ହୋଇଥିବାରୁ ଖାଇବାକୁ ସ୍ୱାଦିଷ୍ଟ ଲାଗେ । ଯାହାର କେସର ଗାଢ ହଳଦିଆରୁ ନେଇ ନାରଙ୍ଗୀ ରଙ୍ଗ ପର୍ଯ୍ୟନ୍ତ ହୋଇଥାଏ । ଯାହା ଶରୀରକୁ ପୋଷକ ତତ୍ତ୍ୱ ଦେଇଥାଏ । ଅନ୍ୟପକ୍ଷରେ ଫାର୍ମ ଅଣ୍ଡାର କେସର ହାଲକା ହଳଦିଆ ହୋଇଥିବା ବେଳେ ଏହାର ସ୍ୱାଦ ଦେଶୀଅଣ୍ଡା ଅପେକ୍ଷା କମ୍ ଥାଏ।



*ସ୍ୱାସ୍ଥ୍ୟ ପାଇଁ କେଉଁ ଅଣ୍ଡା ଭଲ ?*

ସୁସ୍ଥ ହୃଦୟ ଏବଂ ମସ୍ତିଷ୍କ ପାଇଁ ଲାଭଦାୟକ ହୋଇଥାଏ ଦେଶୀ ଅଣ୍ଡା । ଏଥିରେ ଓମେଗା-୩ ଫେଟି ଏସିଡ୍ ଏବଂ ଆଣ୍ଟିଅକ୍ସିଡେଣ୍ଟସ୍ ର ଗୁଣ ଥାଏ । ୨ ଟି ଯାକ ଅଣ୍ଡା ପ୍ରୋଟିନରେ ଭରପୂର । କିନ୍ତୁ ଦେଶୀ ଅଣ୍ଡା ଶରୀରକୁ ଅଧିକ ପ୍ରୋଟିନ୍ ଦେଇଥାଏ । ଖଙ୍କଷ୍ପରଛଭ ଏବଂ ତରବଙ୍ଘବଭଶ୍ପଷସଭ ଅଧିକ ମାତ୍ରାରେ ଥିବାରୁ ଏହା ଆଖି ପାଇଁ ବହୁତ ଭଲ ଦେଶୀ ଅଣ୍ଡା । ଯଦି ଆପଣ ୱେଟ୍ ଲସ୍ କରିବାକୁ ଚାହାଁନ୍ତି ତେବେ ଡାକ୍ତରଙ୍କୁ ପରାମର୍ଶ କରି ଫାର୍ମ ଅଣ୍ଡା ଖାଇପାରିବେ । କାରଣ ଫାର୍ମର ଧଳାଅଣ୍ଡା କମ୍ କ୍ୟାଲୋରୀ ଯୁକ୍ତ ହୋଇଥାଏ। ସବୁକ୍ଷେତ୍ରକୁ ଦେଖିଲେ ଦେଶୀ ଅଣ୍ଡା ବହୁତ ଭଲ କିନ୍ତୁ ଅନେକ କ୍ଷେତ୍ରରେ ଦେଶୀ ଅଣ୍ଡା ସହଜରେ ମିଳେନାହିଁ । ସେହି କ୍ଷେତ୍ରରେ ଫାର୍ମ ଅଣ୍ଡାକୁ ହିଁ ବିକଳ୍ପ ରୂପେ ଖାଇପାରିବା ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସାମାଜିକ ଗଣମାଧ୍ୟମରେ ଅସାମାଜିକତା

ଆଜିକାଲିର ଜୀବନଚର୍ଯ୍ୟାରେ ସାମାଜିକ ଗଣମାଧ୍ୟମ ଏତେ ଅପରିହାର୍ଯ୍ୟ ହୋଇପଡ଼ିଛି ଯେ ତା' ବିନା ଚଳିବା କଷ୍ଟକର। କିନ୍ତୁ ତା'ର ଅପବ୍ୟବହାରକୁ ଦେଖିଲେ ଲାଗେ ଯେ ତା'ଯୋଗୁଁ ଚଳିବା ଅଧିକ କଷ୍ଟକର। ଏକ ଆବଶ୍ୟକତା ଭାବରେ ସୃଷ୍ଟି ହୋଇଥିବା ସୂଚନା ପ୍ରଯୁକ୍ତି ବିଦ୍ୟା ଓ ଡିଜିଟାଲ୍ ଟେକ୍ନୋଲୋଜି କ୍ରମେ ସମସ୍ୟାବହୁଳ ହୋଇ ପଡ଼ିଲାଣି। ବିଶେଷକରି ଲିଙ୍ଗଭିତ୍ତିକ ହିଂସାଚରଣ ଏବେ ଉଦ୍‌ବେଗର କାରଣ ହୋଇଛି। ଅନ୍ ଲାଇନ୍ ଟେକ୍ସଟ୍, ମେସେଜ୍, ମେସେଞ୍ଜର କିମ୍ବା ଆପ୍‌ରେ ବ୍ୟକ୍ତିଗତ ତଥ୍ୟ ପୋଷ୍ଟିଂ କରିବା, ଯୌନ ଉଦ୍ଦୀପକ ତଥ୍ୟ ବା ଫଟୋ ତୃତୀୟ ପକ୍ଷକୁ ବିକ୍ରି କରିବା, ଅଶ୍ଳୀଳ ପ୍ରଶ୍ନୋତ୍ତର, ବିନାନୁମତିରେ ଜଣକର ବ୍ୟକ୍ତିଗତ ବିବରଣୀ ପୃଷ୍ଠା (ପ୍ରୋଫାଇଲ୍ ପେଜ୍) ଖୋଲିବା, ଭୟଭୀତ କରିବା ପାଇଁ ବାର୍ତ୍ତା ପ୍ରେରଣ କରିବା, ଜଣକୁ ଶଙ୍କିତ କରିବାକୁ ଅନ୍ୟ ଲୋକର ଛଦ୍ମନାମରେ ବାର୍ତ୍ତା ପଠେଇବା, ଘୃଣା ଉଦ୍ଦୀପକ ଭାଷଣ(ହେଟ୍ ସ୍ପିଚ୍), ମାନସିକ ଆଘାତ, ସାମାଜିକ ଓ ଅର୍ଥନୈତିକ ବାସନ୍ଦ ଇତ୍ୟାଦି ସାଧାରଣ ଡିଜିଟାଲ୍ ଭାଓଲେନ୍ସର ପ୍ରକାରଭେଦ। ଏହାର ପରିସର ଏତେ ବ୍ୟାପକ ଯେ ପୁରୁଷ ଓ ନାରୀ କେହି ବି ତା'ର ପ୍ରଭାବରୁ ମୁକ୍ତ ନୁହନ୍ତି। ପୁରୁଷଙ୍କ ପାଇଁ ଅଭିପ୍ରେତ ପୋଷ୍ଟିଂ ମଧ୍ୟରେ ମୁଣ୍ଡ ଜାମିନ୍, ଆର୍ଥିକ ସାହାଯ୍ୟ ଭିକ୍ଷା, ବିବାହ ପାଇଁ ନିବେଦନ, ଯୌନ ସମ୍ବନ୍ଧ ପାଇଁ ପ୍ରଲୋଭନ ବା ହନି ଟ୍ରାପିଂ, ଅନ୍ୟର ଯୌନକ୍ରିୟା ଦୃଶ୍ୟ ଉପଭୋଗ କରିବା ଇତ୍ୟାଦି। ସେହିଭଳି ନାରୀଙ୍କ ପାଇଁ ଉଦ୍ଦିଷ୍ଟ ପୋଷ୍ଟିଂଗୁଡ଼ିକ ମୁଖ୍ୟତଃ ଲିଙ୍ଗଭିତ୍ତିକ ଯଥା ଚାଟିଂ ମାଧ୍ୟମରେ ବିବାହର ପ୍ରଲୋଭନ ଦେଖାଇ ଆକୃଷ୍ଟ କରିବା, ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ୍ କରିବାର ଭୟ ଦେଖାଇ ବ୍ଲାକ୍‌ମେଲ୍ କରିବା, ଯୌନ ନିର୍ଯାତନା, ଆପତ୍ତିଜନକ ଫଟୋ ଓ ଭିଡିଓ ଉତ୍ତୋଳନ ବା ଏଡିଟିଂ କରିବା, ଅଜ୍ଞାତରେ ଫଟୋ ସେୟାର କରିବା, ନଗ୍ନ ଫଟୋ ଦେଖାଇବା ଏବଂ ଡକ୍ସିଂ, ବଲ୍ଲିଂ, ଷ୍ଟକିଂ, ଟ୍ରୋଲିଂ, ହ୍ୟାକିଂ, ଗ୍ରୁମିଂ, ଟ୍ରାକିଂ ଭଳି ସାଇବର ଠକେଇର ଶିକାର କରିବା। ଲିଙ୍ଗଭିତ୍ତିକ ହିଂସା ପୃଥିବୀ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଇକୋନମିକ୍ ଇଣ୍ଟେଲିଜେନ୍ସ ୟୁନିଟ୍ ୨୦୨୩ ମସିହାରେ ଦେଇଥିବା ଏକ ରିପୋର୍ଟରୁ ଜଣାପଡ଼େ ଯେ ସମଗ୍ର ବିଶ୍ୱରେ ୩୮% ମହିଳା ଓ ଯୁବତୀ ଅର୍ଥାତ୍ ପ୍ରତି ୫ ଜଣରେ ୨ ଜଣ ଡିଜିଟାଲ୍ ଯୌନ ନିର୍ଯାତନାର ଶିକାର ହୁଅନ୍ତି ଏବଂ ୮୫% ଅଶ୍ଳୀଳ ଚିତ୍ର ଦେଖିବାକୁ ପ୍ରକାରାନ୍ତରେ ବାଧ୍ୟ ହୁଅନ୍ତି। ସେହିପରି ପ୍ଲାନ୍ ଇଣ୍ଟର ନ୍ୟାସନାଲ୍ ସଂଗଠନ ୨୦୨୨ ମସିହାରେ ୩୧ ଟି ଦେଶରେ କରିଥିବା ସର୍ବେକ୍ଷଣ ଅନୁଯାୟୀ ୧୫ ରୁ ୪୫ ବର୍ଷ ବୟସ୍କା ଝିଅ ଓ ମହିଳାମାନଙ୍କ ମଧ୍ୟରେ ୫୮% ବା ପ୍ରତି ୫ ଜଣରେ ୩ ଜଣ ଡିଜିଟାଲ୍ ଯୌନ ନିର୍ଯାତନା ଜନିତ ବ୍ୟଭିଚାରର ସମ୍ମୁଖୀନ ହୁଅନ୍ତି, ଯାହା ପୁରୁଷଙ୍କ ଅପେକ୍ଷା ୨୭ ଗୁଣ ଅଧିକ। ଭାରତୀୟ ପରିପ୍ରେକ୍ଷୀରେ ନିଲ୍ସନ୍ ରିପୋର୍ଟ ୨୦୨୧ର ତଥ୍ୟ ହେଲା ସମଗ୍ର ଦେଶରେ ୧୧୮ କୋଟି ମୋବାଇଲ କନେକ୍ସନ୍ ଉପଭୋକ୍ତା, ୭୦ କୋଟି ଇଣ୍ଟରନେଟ୍ ବ୍ୟବହାରକାରୀ ଓ ୬୦ କୋଟି ସ୍ମାର୍ଟ୍ ଫୋନ୍ ଅଧିକାରୀ ଅଛନ୍ତି। ପ୍ଲାନ୍ ଇଣ୍ଟରନ୍ୟାସନାଲ ୨୦୨୦ ରିପୋର୍ଟରେ ଦର୍ଶାଯାଇଛି ଯେ ଡିଜିଟାଲ୍ ଯୌନ ନିର୍ଯାତନା ଯୋଗୁଁ ଅନେକ ଝିଅ ଓ ମହିଳା ଅଭିଯୋଗ କରନ୍ତି ଯେ ସମାଜରେ ସେମାନେ ସମାନତାର ସୁଯୋଗ ପାଉ ନାହାନ୍ତି ଏବଂ ସେମାନଙ୍କ ଜୀବନଚର୍ଯ୍ୟା ଅସ୍ୱସ୍ତିକର ହୋଇପଡୁଛି। ଏହାର ଏକ ମୁଖ୍ୟ କାରଣ ହେଲା ଅଧିକାଂଶ ମହିଳା ଡିଜିଟାଲ୍ ସାକ୍ଷର ନୁହନ୍ତି, ଏବଂ ତା'ର ବ୍ୟବହାର କୌଶଳ ସହିତ ଠିକ୍ ଭାବରେ ପରିଚିତ ନୁହନ୍ତି। ତେଣୁ ସେମାନେ ଭୋଗୁଥିବା ଅସୁବିଧା ସମ୍ପର୍କରେ କାହାକୁ ଜଣେଇବାର ଉପାୟ ଜାଣନ୍ତିନି। ପରିଣାମ ସ୍ୱରୂପ ସେମାନଙ୍କ ମଧ୍ୟରୁ ପ୍ରାୟ ୧୯% ଆତ୍ମସଂଯମ ହେବା, ୧୨% ସାମାଜିକ ଗଣମାଧ୍ୟମକୁ ଏଡ଼ାଇବା, ୨୦% ଅନ୍‌ଲାଇନ୍ ସମ୍ପର୍କ ବନ୍ଦ କରିବା ଭଳି ପଦକ୍ଷେପ ମାଧ୍ୟମରେ ଡିଜିଟାଲ୍ ଦୁନିଆରୁ ଦୂରେଇ ଯାଇଛନ୍ତି। ଏହି ସମସ୍ୟାର କ୍ରମବର୍ଦ୍ଧିଷ୍ଣୁ ଭୟାବହତା ଉପଲବ୍ଧି କରି ମିଳିତ ଜାତିସଂଘ ଚିନ୍ତାପ୍ରକଟ କରିଛି। ୨୦୨୪ ମସିହାରେ ମିଳିତ ଜାତିସଂଘ ଏକ '୧୬ ଦିନିଆ ଆକ୍ଟିଭିଜିମ୍ ଏଗେନ୍‌ଷ୍ଟ୍ ଜିବିଭି' ପାଳନ କରି ସମଗ୍ର ଜନସମାଜକୁ ସଚେତନତାର ବାର୍ତ୍ତା ପ୍ରେରଣ କରିଛି। ଏହାର ୬୭ତମ ଅଧିବେଶନରେ ମହିଳାଙ୍କର ସାମ୍ପ୍ରତିକ ସ୍ଥିତି ସମ୍ବନ୍ଧରେ ଆଲୋଚନା କରାଯାଇ ସୂଚନା ପ୍ରଯୁକ୍ତି ବିଦ୍ୟାର ପ୍ରାୟୋଗିକତାକୁ ଯଥାସମ୍ଭବ ମହିଳାଭିମୁଖୀ କରିବାକୁ ନିଷ୍ପତ୍ତି ନିଆ ଯାଇଛି। ଏ କ୍ଷେତ୍ରରେ ଭାରତରେ ସୂଚନା ପ୍ରଯୁକ୍ତି ଆଇନ୍ (୨୦୨୦) ପ୍ରଚଳନ କରା ଯାଇଛି। ଭାରତୀୟ ନ୍ୟାୟ ସଂହିତା ୨୦୨୪ ରେ ଏ ସବୁ ବ୍ୟାପାରରେ ତୁରନ୍ତ ନ୍ୟାୟ ପ୍ରଦାନ (ଏପରିକି ବେନାମୀ ଅଭିଯୋଗ ଉପରେ ବି ବିହିତ କାର୍ଯ୍ୟାନୁଷ୍ଠାନ) ପାଇଁ ପ୍ରାବଦାନ କରାଯାଇଛି। ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରାଳୟ ପକ୍ଷରୁ ପ୍ରକାଶିତ ସ୍ଲୋଗାନ୍ 'ଅବ୍ କୋଇ ବାହାନା ନେହିଁ(ନୋ ମୋର ଏକ୍‌ସ୍କ୍ୟୁଜ୍)କୁ ବହୁଳ ପ୍ରସାର କରାଯାଉଛି। ଏହାସତ୍ତ୍ୱେ ଏଭଳି ସମସ୍ୟାର ଲାଘବ ହେଉନାହିଁ। କାରଣ ଏହା ଲୋକଙ୍କ ଦ୍ୱାରା ସୃଷ୍ଟି ହେଉଥିବାରୁ ସେମାନେ ସଚେତନ ନ ହେଲେ ତା'ର ସମାଧାନ ସହଜ ହେବ ନାହିଁ। ଏ କ୍ଷେତ୍ରରେ ଲୋକ ସମ୍ବଳିତ ନିମ୍ନୋକ୍ତ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରା ଯାଇପାରେ।

# ମୋର ସ୍ୱତନ୍ତ୍ର ପୃଥିବୀ



**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ପୃଥିବୀ ତ ଗୋଟିଏ ମାତ୍ର । ସେଥିରେ ମୋର ପୁଣି ଏକ ସ୍ୱତନ୍ତ୍ର ପୃଥିବୀ ଆସିଲା କେଉଁଠୁ ? ତାହା ହିଁ ତ କହିବା ପାଇଁ ଧରିଛି କଲମ, ଯାହାକୁ କାହା ଆଗରେ ପ୍ରକାଶ କରିନାହିଁ ଏଭଳି ସ୍ପଷ୍ଟ ଭାଷାରେ।

ଆମର ଏ ପୃଥିବୀଟି କିଭଳି ବିଚିତ୍ର ଓ ରହସ୍ୟପୂର୍ଣ୍ଣ ତାହା ସମସ୍ତେ ଜାଣନ୍ତି । ଯେଉଁମାନେ ବଞ୍ଚିବାକୁ ଚାହାନ୍ତି ଏକ ସ୍ୱାଧୀନ, ସ୍ୱତନ୍ତ୍ର, ନିଜସ୍ୱ ଜୀବନଟିଏ ସେମାନଙ୍କୁ ହତାଶା ଜର୍ଜରିତ ହୋଇ ଆତ୍ମହତ୍ୟା କରିବାକୁ ପଡ଼େ । ଅନେକେ ଅନ୍ୟତ୍ର ପଳାୟନ କରିବାର ରାସ୍ତା ଖୋଜନ୍ତି । କେହି କେହି ଗୃହତ୍ୟାଗୀ ସନ୍ନ୍ୟାସୀ ହୋଇଯିବାବେଳେ ଆହୁରି କେତେ ଜଣ ମାନସିକ ଭାରସାମ୍ୟ ହରାଇ ଦିଅନ୍ତି । ଏହି ସ୍ୱତନ୍ତ୍ର ହେବାର ଦୁଃଖ ଓ ଯନ୍ତ୍ରଣା ବାସ୍ତବରେ ଅତ୍ୟନ୍ତ ପୀଡ଼ାଦାୟକ । ରାଧାନାଥ ସେଥିପାଇଁ କହିଲେ, "ମୋ ଜୀବନ ଗଢ଼ା ଅନ୍ୟ ଉପାଦାନେ' ବୋଲି। ପ୍ରତ୍ୟେକଙ୍କ ମଧ୍ୟରେ ରହିଥାଏ ଏହି ଭିନ୍ନତା ଓ ସ୍ୱତନ୍ତ୍ରତା। ମାତ୍ର ସେମାନେ ଦେଖନ୍ତି ଯେ ଆମ ସମାଜଟି ଆମ ଇଚ୍ଛା ଅନୁସାରେ ଗଢ଼ା ହୋଇନାହିଁ, ଆମର ହୃଦୟର ଆକାଂକ୍ଷା ଅନୁସାରେ ନିୟମ ପ୍ରଣୟନ ହୋଇନାହିଁ। ସେତେବେଳେ ସମାଜ ଯେଉଁ ରୀତିରେ ପରିଚାଳିତ, ସେଇ ଛାଞ୍ଚରେ ସମସ୍ତେ ଆପଣାକୁ ତିଆରି କରିବା ପାଇଁ ଲାଗିପଡ଼ନ୍ତି ଆନ୍ତରିକ ଭାବରେ । ଏହି କାର୍ଯ୍ୟଟି ଯେଉଁମାନଙ୍କ ଦ୍ୱାରା ନିର୍ଭୁଲ ଭାବରେ ସମ୍ପାଦିତ ହୋଇନପାରେ ସେମାନେ ୦୨ ଯନ୍ତ୍ରଣା ଜର୍ଜରିତ ଜୀବନ ଅତିବାହିତ କରନ୍ତି।

ନିଜ ଭିତରେ ଏପରି ଭିନ୍ନ ଉପାଦାନ ଯେତେବେଳେ ଆବିଷ୍କାର କରିବାକୁ ଲାଗିଲି ମୁଁ, ସେତେବେଳେ ସମାଜ ତାହାରି ଛାଞ୍ଚରେ ମୋତେ ଢାଳିବା ପାଇଁ କ'ଣ କମ୍ ବାଧ କରିଛି ? ମାତ୍ର କିଭଳି କେଜାଣି ଈଶ୍ୱରଙ୍କ ଏକ ମହିମ୍ନ କରୁଣା ବଳରେ ମୁଁ ନିଜେ ନିଜେ ତଆରି କଲି ମୋର ଏକ ସ୍ୱତନ୍ତ୍ର ପୃଥିବୀ। ଏହି ପୃଥିବୀରେ ଅର୍ଥାତ୍ ଆମ ସମାଜରେ ଜାତି-ବର୍ଣ୍ଣ-ଧର୍ମ-ଭାଷା-ଲିଙ୍ଗ-ଦଳ-ଗୋଷ୍ଠୀ ଇତ୍ୟାଦି ନାନା ଭାଗରେ ମଣିଷକୁ ଯେମିତି ଭାଗ ଭାଗ କରିଦିଆଯାଇଛି ଓ ଘୃଣାର ମଞ୍ଜି ପୋତା ଯାଇଛି ମଣିଷ ଜାତିକୁ ଧ୍ୱଂସାଭିମୁଖୀ କରିବା ପାଇଁ ତାହା ମୋ ଭିତରେ ସୃଷ୍ଟି କରିଛି ଗଭୀର ଉଦ୍‌ବେଳନ। ମହାନ୍ କବି ବିନୋଦ ଚନ୍ଦ୍ର ନାୟକ ତାଙ୍କ ରଚିତ 'ଇଳାବୃତ୍ତ' ନାମକ କବିତାଟିରେ ଏହିପରି ଦୃଶ୍ୟମାନ ପୃଥିବୀ ବାହାରେ ବିଦ୍ୟମାନ ଯେଉଁ ସ୍ୱପ୍ନମୟ ବାତାବରଣ ତାହାର ପରିକଳ୍ପନାରେ ଅଧୀର ହୋଇଛନ୍ତି । ଯାହାହେଉ, ଏହି ପରିବାର ଭିତରେ, ସମାଜ ମଧ୍ୟରେ ନୀତିନିୟମର ନିଷ୍ଠୁର ପ୍ରାଚୀର ମଧ୍ୟରେ ଆବଦ୍ଧ ହୋଇ ଜୀବନ ବଞ୍ଚିବାକୁ ପଡ଼ିବ

ଏକଥା ଯେତେବେଳେ ଜାଣିଗଲି, ସେତେବେଳେ ମୁଁ ନିଜେ ନିଜେ ତିଆରି କଲି ମୋର ସ୍ୱତନ୍ତ୍ର ପୃଥିବୀ, ମୋର ସ୍ୱତନ୍ତ୍ର ସ୍ୱଗୃହ, ତିଆରି କଲି ସ୍ୱତନ୍ତ୍ର ଆସନ, ସ୍ୱତନ୍ତ୍ର ଦୁନିଆଟିଏ। ଏହା ଅତ୍ୟନ୍ତ ସଚେତନ ଭାବରେ ମୁଁ କରିନାହିଁ। ମୋର ଅନ୍ତରାତ୍ମାର ଆକାଂକ୍ଷା ଅନୁଯାୟୀ ପରିଚାଳିତ ହେଉଁ ହେଉଁ ଆପେ ଆପେ ସୃଷ୍ଟି ହୋଇଯାଇଛି ଏକ ଅଲଗା ଜଗତ।

ମୋର ଏହି ଜଗତ ମଧ୍ୟରେ ନାହିଁ କୌଣସି ସାମାଜିକ ଭେଦଭାବ। ନାହିଁ କୌଣସି ନିଷ୍ଠୁରତା, ସ୍ୱାର୍ଥପରତା, ଘୃଣା ଓ ଅକୃତଜ୍ଞତାର ନାନା ବିଭ୍ରାନ୍ତିକର

ବିଭାଜନର ବୀଜ। ଯଦି ଏ ସମାଜ ଦେଖେ ମଣିଷ ମଣିଷ ଭିତରେ ଜାତିଭେଦ ତାହାକୁ ଅସ୍ୱୀକାର କରିଛି ମୋ ଅନ୍ତର । ଦେଖିଛି ମୁଁ ଯେତେବେଳେ ଅବିଶ୍ୱାସର ଆବିଳତାପୂର୍ଣ୍ଣ ବାତାବରଣ ସେତେବେଳେ ନିଜକୁ ବିଶ୍ୱାସୀ ଏକ ସୁଦୃଢ଼ ସତ୍ତା ଭାବରେ ଗଢ଼ିବାକୁ ନେଇଯାଇଛି ଚୂଡ଼ାନ୍ତ ନିଷ୍ପତ୍ତି । ବେଳେବେଳେ ଅନେକେ ମୋତେ ପଚାରିଥାନ୍ତି ଯେ – "ଆପଣ କାହିଁକି ଏତିକି ସ୍ନେହଶୀଳ ?" ତାହାର ଉତ୍ତର ଯଥାର୍ଥ ଭାବରେ ଦେବାର ଅବସର ଯଦି ପାଇଛି ତା'ହେଲେ କହିଛି ଯେ ମଣିଷର ସ୍ନେହହୀନ, ଆବେଗବିହୀନ, ଶୁଷ୍କ ଓ ନୀରସ ବାର୍ତ୍ତାଳାପ ଦେଖିଦେଖି ମୁଁ ସ୍ଥିର କରିଛି ଯେ ମୋତେ ହୃଦୟର ସମସ୍ତ ଆନ୍ତରକତା ନେଇ ହେବାକୁ ପଡ଼ିବ ସ୍ନେହପୂର୍ଣ୍ଣ ଜୀବନର ଅଧିକାରୀ। କିଏ ଯଦି ମୋତେ କହେ କଠୋର ଭାଷା, ତେବେ ସର୍ବଦା ମୋ ଅନ୍ତରସ୍ଥ ସତ୍ୟଦୀପ୍ତ ଉଜ୍ଜଳ ବିନ୍ଦୁଟି ତାହାର ଉତ୍ତର ଦେବାକୁ ଚାହିଁଛି ସର୍ବଦା ନମ୍ର ଭାବରେ। ଭଗବାନ ବୁଦ୍ଧଦେବ କହିଲେ ଯେ – 'ତୁମକୁ ଜଣେ ବ୍ୟକ୍ତି ଯଦି ଦେଉଛି ଏକ ଉପହାର ଆଉ ତୁମେ ତାକୁ ଯେତେବେଳେ ଗ୍ରହଣ ନ କର ତାହା ହୁଏ ପୁଣି 'କାହାର'। ଏକଥା ନିନ୍ଦୁରେ କହିପାରିବା ଆମେ ଯେ ତାହା ସେଇମାନଙ୍କର ହୁଏ, ଯେଉଁମାନେ ତାହା ପ୍ରଦାନ କରିଥାଆନ୍ତି। ସେହି ନିୟମରେ ଯଦି କେହି ଆମ ପ୍ରତି ବିରୁଦ୍ଧାଚରଣ କଲା, ଆମେ ତାକୁ ଗ୍ରହଣ ନ କରିବା ଦ୍ୱାରା ତାହା ଫେରିଯାଏ ତା' ପାଖକୁ ପୁଣି। ଜୀବନର ଏହି ସରଳ ଦର୍ଶନଟି ବୁଝିଯିବା ପରେ କାହିଁକି ଆମେ ତାହା ପ୍ରତି ଇଟାର ଜବାବ ପଥରରେ ଦେବା ? ବୁଦ୍ଧଦେବ ପୁନଶ୍ଚ କହିଲେ ଯେ, ଯେଉଁ ଗାଈଆଳ ଟୋକା ଗାଈ ସବୁ ଗଣେ ସେ ତାହାର ମାଲିକ ହୋଇଯାଏ ନାହିଁ। ସେହିପରି ଯେଉଁମାନେ ନୀତିଶାସ୍ତ୍ର କଣ୍ଠସ୍ଥ କରିଥାଆନ୍ତି ସେମାନେ କେବେହେଲେ ତାହାର ଅନୁପାଳନ ଜୀବନରେ କରିପାରନ୍ତି ନାହିଁ।'

ତେଣୁ ଗୋଟିଏ ପକ୍ଷରେ ଯେଉଁମାନେ ଅତ୍ୟନ୍ତ ନିର୍ଦ୍ଦୟ ସେମାନେ ଯେପରି ବିବେକଶୂନ୍ୟ, ସେହିପରି ଯେଉଁମାନେ ଅର୍ଜନ କରିଥାଆନ୍ତି ପାଣ୍ଡିତ୍ୟ – ତାହା ମଧ ସେହିପରି ପ୍ରଭା ଓ ପ୍ରଭାବହୀନ। ସେଥିପାଇଁ ଏହି ଅନ୍ତର୍ନିହିତ ସତ୍ୟ ଉପଲବ୍ଧ କରିବା ପରେ କାହିଁକି ଅବା ମୁଁ ଚାହିଁବି ନିଜକୁ କଠୋର କରିବା ପାଇଁ କିମ୍ବା ଚାହିଁବି କାହିଁକି ପଣ୍ଡିତ ହୋଇ ସୁଖ୍ୟାତି ଅର୍ଜନ କରିବା ପାଇଁ ? ସମସ୍ତ ପ୍ରକାରର ପ୍ରଭେଦକୁ ଆଉ ନିରର୍ଥକ ପାଣ୍ଡିତ୍ୟକୁ ଅତିକ୍ରମ କରି ଯେଉଁ ରାଜ୍ୟଟି ଗଢ଼ିଲି ମୁଁ, ତାହା ହେଲା ଏକ ସ୍ନେହାର୍ଦ୍ର ସହାବସ୍ଥାନର ସଂସାରଟିଏ। ପୃଥିବୀ ଧୀରେଧୀରେ ସ୍ନେହହୀନ ହୋଇଯାଉଛି ବୋଲି ଯଦି ଆମେ ଅନୁଭବ କରିପାରୁଛୁ ତା'ହେଲେ ନିଃସ୍ୱାର୍ଥପର ଭାବରେ କାହିଁକି ସ୍ନେହ ବିତରଣ ନ କରିବା ଅକୁଣ୍ଠିତ ଚିତ୍ତରେ ? ମୋର ନିଜସ୍ୱ ପୃଥିବୀ ମଧକୁ ସ୍ୱତଃସ୍ଫୂର୍ତ୍ତ ଭାବରେ ଯେଉଁମାନେ ପ୍ରବେଶ କଲେ ସେମାନଙ୍କୁ ନେଇ ହିଁ ଗଢ଼ିଉଠିଲା ଏହି ସ୍ନେହାତ୍ମକ ଅଞ୍ଚଳଟିର ପ୍ରତିଟି ଅଂଶ। ତା' ମଧକୁ ପ୍ରବେଶ କରିଛନ୍ତି ରାମକୃଷ୍ଣ ପରମହଂସ, ମା' ଶାରଦା, ସ୍ୱାମୀ ବିବେକାନନ୍ଦ, ମହାତ୍ମା ଗାନ୍ଧୀ, ସନ୍ଥ ବିନୋବା, ଶ୍ରୀ ଅରବିନ୍ଦ, ଶ୍ରୀମା ଓ ଆହୁରି ଅନେକ ଦେବଦୂତ ଓ ଦେବୀସଭା। ଏହି ଦୃଶ୍ୟମାନ ସମାଜର କୁତ୍ସିତ ମନୋବୃତ୍ତିସମ୍ପନ୍ନ ମଣିଷରୂପୀ ଅମଣିଷମାନଙ୍କୁ ନେଇ କାହିଁକି ଅବା ବଞ୍ଚିବି ମୁଁ ମୋର ନିରୀହତାକୁ ବଳିଦେଇ ?

ଯେଉଁ ମଣିଷମାନେ ଆଜି ହୋଇଯାଇଛନ୍ତି ଷ୍ଟାଚ୍ୟୁ ସେମାନେ ମୋ ଆଖିରେ ନିତ୍ୟ ପ୍ରାଣବନ୍ତ। ଅଥଚ ଯେଉଁମାନେ ପ୍ରାଣଧାରଣ କରି ମଧ ନିଶ୍ରାଣ ସେମାନଙ୍କୁ ଅବାସ୍ତବ ଜ୍ଞାନ କରି ହୃଦୟ ଭିତରୁ ନିଷ୍କାସିତ କରିଛି । ଏହି କଥାଟି କାହାକୁ କହିବା ଅତ୍ୟନ୍ତ ପୀଡ଼ାଦାୟକ ହେବ ସେମାନଙ୍କ ପାଇଁ । ସେଥିପାଇଁ ମୁଁ କିଛି ପ୍ରତିକ୍ରିୟା ପ୍ରକାଶ କରେନା। ନୀରବତାର ଶକ୍ତି ବଳରେ ସେମାନଙ୍କୁ ମୋ ରାଜ୍ୟର ପ୍ରବେଶ ଦ୍ୱାର ବାହାରେ ରଖିଦିଏ ଅପେକ୍ଷାରତ ଏକ ଏକ ପ୍ରାଣହୀନ ସତ୍ତା ଭାବରେ। ଆଉ ପ୍ରାର୍ଥନା କରେ ସେମାନେ ଏହି ରାଜ୍ୟଟି ମଧକୁ ପ୍ରବେଶ କରିବା ଲାଗି ମୋ ରାଜ୍ୟର ଦ୍ୱାର ନୁହେଁ ତାଙ୍କ ହୃଦୟରାଜ୍ୟର ଦ୍ୱାର ଉଦ୍‌ଘାଟନ କରନ୍ତୁ ବୋଲି। କାହାରି ପ୍ରତି ଅନୁରାଗବିହୀନ ହେବା କ'ଣ ମୋ ଦ୍ୱାରା ସମ୍ଭବ ନା ସମୀଚୀନ ? ପ୍ରତ୍ୟେକଙ୍କ ପ୍ରତି ସମ୍ବେଦନଶୀଳ ଉଦାର ଓ ସବୁ ଦୃଷ୍ଟିରୁ କୋମଳ ଭାବାପନ୍ନ ହେବା ମୋ ଲାଗି ନିଶ୍ଚିତ ଭାବରେ ଯେ କଲ୍ୟାଣକର ଏଥିରେ କିଏ ବା ଦ୍ୱିମତ ହେବେ ? ଯେପରି ଭାବମୟ, ସଂଗୀତମୟ, ପ୍ରେମପୂର୍ଣ୍ଣ, ଶ୍ରଦ୍ଧାଦୀପ୍ତ ସଂସାରଟିଏ ଗଢ଼ିଲି ଏକ ଈଶ୍ୱରୀୟ ପ୍ରେରଣା ବଳରେ ତାହା ମୋତେ ସମସ୍ତ ପ୍ରତିକୂଳ ପରିସ୍ଥିତି ଭିତରେ ଦାନ କଲା ଅଜସ୍ର ଶକ୍ତି ଓ ସାମର୍ଥ୍ୟ। ଅନ୍ୟମାନେ ପରଚର୍ଚ୍ଚା କରି ଇତର ଆନନ୍ଦ ଲାଭ କରୁଛନ୍ତି ବୋଲି ମୁଁ ସେମାନଙ୍କ ସହିତ ମିଶିବାକୁ ଯିବି କାହିଁକି ? ନୀରବତା ଓ ଏକୁଟିଆପଣ ସେଥିଲାଗି ମୋର ଅନ୍ତରଙ୍ଗ। ଅନ୍ୟମାନେ ମିଛ କହନ୍ତି ଓ ମିଥ୍ୟା ନ କହିଲେ, ପ୍ରତାରଣା ନ କଲେ, ଲାଞ୍ଚ ନ ଦେଲେ ଏ ପୃଥିବୀରେ ଚଳିହେବ ନାହିଁ ବୋଲି ଯେଉଁମାନେ ଭାବନ୍ତି ସେମାନଙ୍କ ସହିତ ଏକମତ ହେବାକୁ ଯିବି ବା କାହିଁକି ? ମୋର କ'ଣ କୌଣସି ନିଜସ୍ୱ ଇଚ୍ଛା, ଅଧିକାର କିମ୍ବା ସ୍ୱତନ୍ତ୍ରତା ନାହିଁ ? ମୁଁ ଏକୁଟିଆ ହୋଇଯାଇପାରେ, କ୍ଷତିଗ୍ରସ୍ତ ହୋଇପାରେ କିମ୍ବା ସହିବାକୁ ପଡ଼ିପାରେ ଅସହ୍ୟ ବେଦନା, ମାତ୍ର ସେଥିରେ ରହିଛି ଯେଉଁ ମହତ୍ ଆକାଂକ୍ଷାର ପରିତୃପ୍ତି, ତାହା ସମାଜରେ ବ୍ୟାପିଯାଇଥିବା ଅମାନବିକତା ସହିତ ମିଶିଯିବାରେ କଦାପି ନାହିଁ । ନିଜକୁ ଚତୁର, ପଣ୍ଡିତ, ଜ୍ଞାନୀ, ସାମାଜିକ ଓ ନିୟମ ପରିଚାଳିତ ମଣିଷ ଭାବରେ ଗଢ଼ିନାହିଁ। ସେହିପରି ଯେଉଁମାନେ ମୋ ଭଳି ଶାନ୍ତିପ୍ରିୟ, ନିରୀହ, ସୁନ୍ଦର ସେମାନଙ୍କ ସ୍ୱଚ୍ଛ ଦୁଇଟି ଆଖିର ଦର୍ଶନରେ ମୁଁ ପ୍ରେମମୁଗ୍ଧ। ଈଶ୍ୱରଙ୍କ ନିକଟରେ ମୁଁ ବାସ୍ତବରେ କୃତଜ୍ଞ ଯେ, ମୋର ନିରୀହତା ନଷ୍ଟ ହୋଇଯାଇନାହିଁ କାହାରି ସଂସ୍ପର୍ଶରେ ଆସି । ମୋତେ ଯେଉଁ ଗୀତ ଭଲ ଲାଗେ ତାହା ମୁଁ ଶୁଣେ । ଯେଉଁ ମଣିଷ ସହିତ ଭାବବିନିମୟ କଲେ ମୁଁ ଲାଭ କରେ ପରମ ପରିତୃପ୍ତି ସେମାନଙ୍କ ସହିତ ହୋଇଯାଏ ଏକାକାର। ଯେଉଁ ବହି ପଢ଼ିବାକୁ ଭଲ ଲାଗେ ମୋତେ ତାହା ହିଁ ପଢ଼େ । କାହାରି ଖ୍ୟାତି, ପ୍ରତିପତ୍ତି, ପ୍ରଭାବ ଦେଖି କାହାକୁ ନମସ୍କାର କରିପାରେନା। ମୋର ଇଚ୍ଛା ହେଲେ ରାସ୍ତାକଡ଼ରେ ବସିଥିବା ଭିକାରୀଟିଏକୁ ମଧ ଯୋଡ଼ ହସ୍ତରେ ପ୍ରଣାମ କରେ । ଲୋକେ କହନ୍ତି ଗାନ୍ଧୀଯୁଗ ଗଲାଣି, ଏ ଯୁଗରେ ଗାନ୍ଧୀ ଅଚଳ। ତାହା ଯଦିଓ ମୋତେ ବେଦନାବିଦ୍ଧ କରେ ତଥାପି ଗାନ୍ଧୀଙ୍କୁ ହୃଦୟ ଅଭ୍ୟନ୍ତରରେ ପ୍ରତିଷ୍ଠିତ କରି ଅପୂର୍ବ ଆନନ୍ଦ ଓ ବିଶ୍ୱାସ ରଖିଥାଏ ଯେ ଦିନେ ନା ବାଟ ଚାଲିବାରେ ପାଉଥାଏ । ଦିନେ ଆସିବ ଏ ପୃଥିବୀକୁ ଗାନ୍ଧୀଯୁଗ। ରାଷ୍ଟ୍ରନେତାମାନେ ଯୁଦ୍ଧର ହୁଙ୍କାର ଦେବା ବେଳେ ଛୋଟ ଛୋଟ ଘାସଫୁଲ ଆଉ ପ୍ରଜାପତିମାନଙ୍କୁ ଦେଖୁଥାଏ ମୁଁ । ଏହି ଧ୍ୱଂସାଭିମୁଖୀ ମଣିଷର ଚରିତ୍ରକୁ ସଂଶୋଧନ କରିବାର ମୋର ବା କି ଶକ୍ତି ଅଛି ? ପୃଥିବୀ ଯଦି କେତେଜଣ ଦାନବରୂପୀ ମାନବଙ୍କ ଦ୍ୱାରା ହୋଇଯାଏ ଧ୍ୱସ୍ତବିଧ୍ୱସ୍ତ ତାହାହେଲେ ସେହି ଚୂଡ଼ାନ୍ତ ନିଷ୍ପତ୍ତି ଈଶ୍ୱରଙ୍କ ଉପରେ ଛାଡ଼ିଦେଇ ମୁଁ ଗାନ କରେ ବୈଦିକ ସଂଗୀତ। ବସୁଧୈବ କୁଟୁମ୍ବକମ୍, ସର୍ବେ ଭବନ୍ତୁ ସୁଖୀନଃ –

ଏ ସବୁ କ'ଣ

କେବଳ ପାଣ୍ଡିତ୍ୟ ପ୍ରଦର୍ଶନ ପାଇଁ ରଚିତ ? ହେଉପଛେ ନିରୋଳା ପରିବେଶ, ନଜାଣନ୍ତୁ କେହି ମୁଁ କଲ୍ୟାଣକାମୀ ଆତ୍ମାଟିଏ ବୋଲି ତଥାପି ସେହି ପବିତ୍ର ଶ୍ଳୋକ ନିଶ୍ଚଳ ମନରେ ଆବୃତ୍ତି କରୁଥାଏ ବାରମ୍ବାର ।

ଋଷିଆର ନୋବେଲ ପୁରସ୍କାରପ୍ରାପ୍ତ ଆଲେକଜାଣ୍ଡର ସୋଲଝେନ୍‌ସିନ୍ କହିଥିଲେ ସାରା ପୃଥିବୀରେ ବ୍ୟାପିଯାଉ ମିଥ୍ୟାଚାର ଓ ଦୁର୍ନୀତି କିନ୍ତୁ ସେଥିରେ ମୋର ସମର୍ଥନ ନାହିଁ । ଏହି ଭାବନା ମଣିଷକୁ କରେ ମଙ୍ଗଳାକାଂକ୍ଷୀ । ଋଷିକବି ଟଲଷ୍ଟୟ ମୋର ଚିର ନମସ୍ୟ। ସେହିପରି ରୋମାଁରୋଲାଁ ଚିର ପୂଜ୍ୟ ମୋର। ଗୋଟିଏ କଥା କହିବି ଆପଣମାନଙ୍କୁ ? ମୁଁ ଯେଉଁଠି ବି ଥାଏ ଯୁଆଡ଼କୁ ବି ଯାଏ ମୋର ଚତୁର୍ଦ୍ଦିଗରେ କେଉଁମାନେ ଘେରି ରହିଥାଆନ୍ତି ? ପୃଥିବୀର ଏହି ମହାପୁରୁଷମାନେ ଓ ମହାନ୍ ଆତ୍ମାମାନେ ସୁରକ୍ଷାବଳୟ ସୃଷ୍ଟିକରି ମୋ ପରି ଅଧମକୁ ନେଇଯାଉ ଥାଆନ୍ତି ସେହି ସ୍ଥଳକୁ ଯେଉଁଠାକୁ ପହଞ୍ଚିବା ମୋର ଲକ୍ଷ୍ୟ ହେବା ଉଚିତ। ଯେକୌଣସି ବୟସର ଯେକୌଣସି ମଣିଷ ଭିତରେ ଦେଖେ ଯଦି ସାମାନ୍ୟ ଟିକିଏ ଆନ୍ତରିକତା, ସେଥିଲେ ମୁଗ୍ଧ ହୋଇଉଠେ ଅନ୍ତର୍ଚେତନା। ଏହି ସ୍ୱତନ୍ତ୍ର ରାଜ୍ୟଟି ସେମାନଙ୍କ ଅଧୁଷିତ। ଗଙ୍ଗାଧର ତାଙ୍କ 'ତପସ୍ୱିନୀ' ମହାକାବ୍ୟରେ ଲେଖିଛନ୍ତି 'ବାଲ୍ମିକୀ ଆଶ୍ରମ ରାଜ୍ୟରେ ଶାନ୍ତି ରାଜତ୍ୱ କରେ...।' ସେହିପରି ଏହି ଅକିଞ୍ଚନ ଦ୍ୱାରା ସୃଷ୍ଟି ହୋଇଥିବା ସ୍ୱତନ୍ତ୍ର ଦୁନିଆଟି ହେଉଛି ଶାନ୍ତର, ସହନଶୀଳତାର, ଶ୍ରଦ୍ଧାର ଓ ଶୁଭେଚ୍ଛାର ସ୍ୱର୍ଗୀୟ ପରିସର। ଏହି ରାଜ୍ୟଟିକୁ ବା ମୋର ସ୍ୱତନ୍ତ୍ର ପୃଥବୀଟିକୁ ମୁଁ ଯଦି ନିର୍ମାଣ କରିପାରି ନଥାନ୍ତି ତା'ହେଲେ ବାକ୍‌ରୁଦ୍ଧ ହୋଇ, ଶ୍ୱାସରୁଦ୍ଧ ହୋଇ କେବେଠାରୁ ପାଲଟିଯାଇ ସାରିଥାନ୍ତି ପାଉଁଶ। ମୁଁ ବଞ୍ଚିଛି, ସବୁ ସତ୍ତ୍ୱେ ତଥାପି ବୁଲ୍‌ବୁଲ୍ ପରି ଗାଇ ପାରୁଛି ଯଦି ଜୀବନର ଶ୍ରେଷ୍ଠ ସୁମିଷ୍ଟ ସଂଗୀତ ତାହା ହିଁ ବଞ୍ଚାଇ ରଖିଛି ଅଶେଷ ଆଶ୍ୱାସନା ଦେଇ । ମୁଁ ଜାଣେ କାହାରି ପାଇଁ କିଛି ହେଲେ କରିପାରିବାର ଶକ୍ତି ମୋ ନିକଟରେ ଅନୁପସ୍ଥିତ । ତଥାପି ମୁଁ ତ ଜଟାୟୁ ପକ୍ଷୀଟିଏ। ରାବଣ ସହିତ ସଂଗ୍ରାମ ନ କରିବି କିପରି ? ମୁଁ ତ ଛୋଟିଆ ନିରୀହ କୃଷ୍ଣଟିଏ। କଂସର ରାଜୁଡିକୁ ସ୍ୱୀକାର କରିପାରିବି କିପରି ! ମୁଁ ତ ଛୋଟ ଚଢ଼େଇଟିଏ, ଜଙ୍ଗଲ ଜଳିଯାଉଥିବା ବେଳେ ମୋର ଦୁଇ ପକ୍ଷରେ କେତେ ବୁନ୍ଦା ଜଳ ନେଇ ତା' ଉପରେ ଛିଞ୍ଚି ନ ପାରି ରହିବି କିପରି ? ନିଃଶବ୍ଦରେ ତିଆରି ହେଉଛି ଯେଉଁ ସେତୁବନ୍ଧ, ସେଥିରେ ଗୁଣ୍ଡୁଚିଟିଏର ଭୂମିକା ନେବା ଲାଗି କାହିଁକି ହେବି କୁଣ୍ଠିତ ?

ଏହି ହେଉଛି ମୋର ସ୍ୱତନ୍ତ୍ର ପୃଥିବୀ। ଯେଉଁ ପୃଥିବୀକୁ ଆପଣଙ୍କ ଆଗମନ ପାଇଁ ଅପେକ୍ଷା କରି ରହିଛି ମୁଁ ଅନେକ ଆଶାର ପ୍ରଦୀପ ଜାଳି ।


+ପରିଦର୍ଶକ ପ୍ରଫେସର ଉତ୍କଳ ବିଶ୍ୱବିଦ୍ୟାଳୟ


# ଇ-ପର୍ସନାଲିଟି : କେମିତି ବଦଳୁଛି ବ୍ୟକ୍ତିତ୍ୱ



**ବିପିନ ବିହାରୀ ରାଉତ**

ଦିନକୁ ଦିନ ସାମାଜିକ ଗଣମାଧ୍ୟମର ବ୍ୟବହାର ବୃଦ୍ଧି ପାଉଛି। ଏହି କ୍ରମରେ ଏବେ ଲୋକଙ୍କ ବ୍ୟକ୍ତିତ୍ୱରେ ପରିବର୍ତ୍ତନ ଆସୁଥିବା ଦେଖିବାକୁ ମିଳୁଛି। ଅର୍ଥାତ୍ ସୋସିଆଲ ମିଡ଼ିଆରେ ଲୋକଙ୍କ ବ୍ୟକ୍ତିତ୍ୱ ଗୋଟିଏ ପ୍ରକାର ଥିବାବେଳେ ବାସ୍ତବ ଜୀବନରେ ସେମାନେ ଆଉ ଏକ ପ୍ରକାରର ନଜର ଆସନ୍ତି। ସିଧା ତଥା ସରଳ ଭାଷାରେ କହିଲେ ସେମାନଙ୍କର ଇ-ପର୍ସନାଲିଟି ସେମାନଙ୍କୁ ବାସ୍ତବ ଜୀବନରୁ ଦୂରେଇ ନେଉଛି।

ଏକ ସଙ୍ଗରେ ଦୁଇ ପ୍ରକାର ଜୀବନ : ଏମିତି ବି ଦେଖିବାକୁ ମିଳୁଛି ଯେ କେତେକଙ୍କର ସାମାଜିକ ଗଣମାଧ୍ୟମରେ ଅନୁଗାମୀଙ୍କ ସଂଖ୍ୟା ଅଧିକ ଥିବାବେଳେ ବାସ୍ତବ ଜୀବନରେ ସେମାନଙ୍କର କେହି ଭଲ ସାଙ୍ଗ ମଧ ନଥାନ୍ତି। ଯଦିଓ ସେମାନେ ନିଜ ଖୁସିକୁ ସୋସିଆଲ ମିଡ଼ିଆରେ ଜାହିର କରିଥାନ୍ତି, ତଥାପି ଦୁଃଖ ବାଣ୍ଟିବା ଲାଗି ସେମାନଙ୍କ ପାଖରେ କେହି ନଥାନ୍ତି। ଏଭଳି ଲୋକ ଏକ ସଙ୍ଗରେ ଦୁଇ ପ୍ରକାର ଜୀବନ ଜିଅନ୍ତି। ଗୋଟିଏ ସେମାନଙ୍କର ଅସଲ ବ୍ୟକ୍ତିତ୍ୱ ହୋଇଥିବାବେଳେ ଅନ୍ୟଟି ଇ-ପର୍ସନାଲିଟି।

ଅସଲ ବ୍ୟକ୍ତିତ୍ୱ ଠାରୁ ଭିନ୍ନ : ଅନଲାଇନ ରହିବା ସମୟରେ ଲୋକଙ୍କର ଏଭଳି ବ୍ୟକ୍ତିତ୍ୱ ଦେଖିବାକୁ ମିଳିଥାଏ। ଯାହାକି ବାସ୍ତବ ଜୀବନ ଠାରୁ ଭିନ୍ନ। ସେହି ସମୟରେ ଜଣେ ବହୁତ କିଛି ଅନୁଭବ କରେ। ସେଥିପାଇଁ ଜାଣିପାରି ନଥାନ୍ତି ହଠାତ୍ କେମିତି ବ୍ୟବହାର କରାଯିବା ଦରକାର। ଏଭଳି ଲୋକମାନେ ସାମାଜିକ ଗଣମାଧ୍ୟମରେ ସତତ ଚେଷ୍ଟା କରନ୍ତି ସବୁ ପରିସ୍ଥିତିରେ ଖୁସି ତଥା ସବୁ କରିବାକୁ ସମର୍ଥ ଥିବା ଦେଖାଇବାକୁ।

କଣ୍ଟେଣ୍ଟ ତିଆରିରେ ବ୍ୟସ୍ତ : ଇ-ପର୍ସନାଲିଟି ଲୋକମାନେ ସବୁବେଳେ ସୋସିଆଲ ମିଡ଼ିଆରେ କଣ୍ଟେଣ୍ଟ ତିଆରି କରିବାରେ ଲାଗିଥାନ୍ତି। ଅର୍ଥାତ କୌଣସି ସ୍ଥାନ ବୁଲିବା କିମ୍ବା ରେଷ୍ଟୋରାଁରେ ଖାଇବା ପୂର୍ବରୁ ସେ ସବୁର ଫଟୋ ତଥା ଭିଡ଼ିଓ ପ୍ରଥମେ ସେୟାର କରିବାକୁ ଆଗ୍ରହ ପ୍ରକାଶ କରନ୍ତି।

ଅସଲ ଜୀବନ ସହ ତାରତମ୍ୟ ରହୁ : ବିଶେଷକରି ଡିଜିଟାଲ ଦୁନିଆ କରୋନା କାଳରେ ମହିଳାଙ୍କୁ ଆଗକୁ ନେବାରେ ସାହାଯ୍ୟ କରିଛି। ଅନ୍ୟପଟେ ସୋସିଆଲ ମିଡ଼ିଆ ବହୁ ଲୋକଙ୍କୁ ରୋଜଗାରକ୍ଷମ କରାଉଛି। ସେମାନଙ୍କ ଜୀବନ ବଦଳାଇବା ସହ ରାତାରାତି ଷ୍ଟାର ମଧ ପାଲଟୁଛନ୍ତି। ତେବେ ଇ-ପର୍ସନାଲିଟି ବା ଇ-ବ୍ୟକ୍ତିତ୍ୱ ଯେଭଳି ଅସଲ ବ୍ୟକ୍ତିତ୍ୱ ଉପରେ ଭାରି ନ ପଡ଼ିବ, ସେଥିରେ ତାରତମ୍ୟ ରହିବା ଦରକାର।


+ଶ୍ରୀବିହାର କଲୋନୀ,
ତୁଳସୀପୁର, କଟକ,





## ସାଧବବୋହୂ

**ପ୍ରହଲ୍ଲାଦ ପଣ୍ଡା**

ରିମଝିମ ବର୍ଷାର ଛତା ତଳେ,
ଠୁକୁ ଠୁକୁ ପାଦ ଥିରି ଥିରି ଚାଲି
ପା ଟ ଓଢଣୀ ବଧୂ ପରି
ଦେଖାଦିଏ ସାଧବବୋହୂ
ଘାସ ଗାଲିଚାରେ
ଧୂସର ମାଟି'ପ ରେ
ଆକାଶକୁ ସାଥି କରି
ଲୁଚିଯାଏ ବର୍ଷା କୋଳରେ
ନାଲି ପା ଟ ଶାଢ଼ୀ, ମଥାରେ ଓଢଣି
ନବାବିଭାହିତା ବଧୂପରି
ଜୁକୁଜୁକୁ ଅନାଏ ସାଧବ ବୋହୁ ଲା
ଗୋଟେ ଅହଂଶୂନ୍ୟ ତରୁଣୀ,
ପ୍ରକୃତିର ଅପରୂପ ରାଣୀ
ଅଳତା ଲଗା ଲକ୍ଷ୍ମୀପାଦରେ
ଶାନ୍ତ, ଶିଷ୍ଟ, ଭ ଦ୍ରା ମି ର
ପରିଚାୟକ ସାଧବବୋହୂ,
ସୌନ୍ଦର୍ଯ୍ୟ ର ଶିଳାପଦ୍ମ ଲା
ବର୍ଷା ଅବତାରଣ ରେ ତା 'ଆଗମନ
ଭରିଦିଏ ମନେ ପୁଲକ, ମହକ ଲା
ଚାଲ ଆମେ, ରଙ୍ଗେଇବା ଜୀବନ,
ସରଳ ପଣ ମଧୁଶାଳା ଓଠରେ
ଠିକ, ସାଧବ ବୋହୁ ପରି ଲା ।


ସମ୍ପାଦକ, ରୁପାଲି
ଓଡ଼ିଶୋ, ରସୁଲପୁର, ଯାଜପୁର
ମୋ: ୯୯୩୮୩୮୩୦୦୯


## ତ୍ୟାଗ...

**ରତିକାନ୍ତ ଜେନା**

ପାଇଲିନି ତତେ ଏଇ ଜୀବନରେ
ପ୍ରେମ ରହିଲା ମୋ ଅଧା.
ଆଖିରେ କାନ୍ଦଣା ମନରେ ଯନ୍ତ୍ରଣା
ହୃଦୟକୁ ଲାଗେ ବାଧା....

ସାରା ଜୀବନ ମୁଁ ଭଲପାଉଥିବି
ମନରେ ଲୁଚେଇ ତତେ.
କେବେ କହିବିନି ତତେ ସ୍ୱାର୍ଥପର
ଭୁଲିବୁନି କେବେ ମତେ....

ଦେଖି ତୋର ଫଟୋ ଖୁସି ହେଉଥିବି
ସବୁଦିନ ସବୁ ରାତି.
ପାଇଲିନି ତତେ ଏଇ ଜୀବନରେ
ହୃଦୟରେ ତୋର ସ୍ମୃତି....

ପ୍ରତି ମୁହୂର୍ତ୍ତରେ ମନେ ପଡିଯାଉ
ଖୋଜି ଖୋଜି ଯାଏ ଥକି.
ଜହ୍ନ ଆଲୋକରେ ନିଶବ୍ଦ ବେଳାରେ
ଚେହେରା ଦେଇଛି ଠକି....

ପ୍ରେମ ମାନେ ତ୍ୟାଗ ପ୍ରେମ ମାନେ
ଲାଜ.
ପ୍ରେମ ମନ୍ଦିରରେ ଖୋଜା.
ଗଙ୍ଗାର ଉତ୍ପତି ସ୍ଥାନଟି ଗଙ୍ଗୋତ୍ରୀ
ପବିତ୍ର ପ୍ରେମର ପୂଜା...

ଏକା ହସୁଥିବି ଏକା କାନ୍ଦୁଥିବି
ଲୁହ ଦେଉଥିବି ପୋଛି.
ଭାବନା ଘରରେ ତତେ ରଖି ପ୍ରିୟା
ଭାବୁଥିବି କିଛି କିଛି....

ଯେତେ ଖୋଜିଲେ ବି ପାଇବୁନି
ମତେ.
ରଖିବୁ ପ୍ରେମର ମାନ.
କୋଳରେ ଶୁଆଇ ଥରେ ଦେ କହି
କୁଆଡେ ଗଲା ମୋ ଧନ...


ଗୋପଚ୍ଛକ, କେନ୍ଦ୍ରାପଡ଼ା
ମୋ: ୭୦୭୭୨୮୬୫୮୦


## ମାଟି

**ଡ. ଦୀପକ କୁମାର ମିଶ୍ର**



ଏଠି ଏକାସଙ୍ଗେ ଜଳିପାରେ ନିଆଁ
ଜହ୍ନ ଓ ଜୁଇର,
ଶୈଶବର କ୍ରୀଡ଼ାମଗ୍ନ ଭୂଇଁ ତଳେ ବି
ଏଠି ଶୋଇପାରେ ନିଶ୍ଚିନ୍ତରେ ଶବ ।

ଏ ତ ଛାର ମାଟିର ଶରୀର
ଝାଟିମାଟି କାନ୍ଥରେ ଲେପାଥିବା
ଝୋଟି ପରି
ଧୋଇଯାଏ ଅସରାଏ ବର୍ଷାରେ
ଜୀବନର ସବୁତକ ରଙ୍ଗ ।

ଏଠି ଫଳେ ସୁନାର ଫସଲ
ଏଠି ହୁଏ ରତୁର ଘୂର୍ଣ୍ଣନ

ଏଠି ଯୁଦ୍ଧ, ରକ୍ତ, ବଧ , ମୁକ୍ତି ଓ
ଆବଦ୍ଧ
ଏଠି ତ ଡହଡ଼ହ ପତ୍ରଝଡ଼ା
ପୁଣି ପ୍ରେମର ପାର୍ବଣ ।

ଯେଉଁ ମାଟି ଉପରେ ଟାଣିଥିଲା ପ୍ରିୟା
ଦିନେ ମୌନ ସମ୍ମତିର ଗାର
ତା ଉପରେ ବୋହିଯାଏ ଆଜି
ହିଂସାର ନଈଟିଏ
ରଚି ବଢ଼ି ଓ ବିପ୍ଳାତ ।

ଛୁଞ୍ଚିମୁନର ମାଟି ପାଇଁ ପା'
ମହାଭାରତ ଯୁଦ୍ଧ
ଯେବେ କାଟିଦେଲା ଅଲକ୍ଷ୍ୟରେ
ହରିବୋଲ ହରିଆର ହିଡ଼
ଗଢ଼ିଗଲା ଗାଁ ମୁଣ୍ଡେ
ମୁଣ୍ଡ ପରେ ମୁଣ୍ଡ ।

ଟେଳାଏ ମାଟି ବି ରଚିପାରେ
ଲୀଳାମୟ ଦୃଶ୍ୟ
ଉଭା ଯେତେ ପୋତା ସେତେ
ସର୍ବଂସହା ମା' ମାଟି
ଧ୍ୱଂସ ମୁଖେ ଛିଡ଼ା ହୋଇ
ମଣିପାରେ ନିଜକୁ ଯେ ଧନ୍ୟ ।


ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦






ଧାରାବାହିକ ଉପନ୍ୟାସ



# ଦୁରନ୍ତ ଶିଖା

ଭାଗ-୫୪



ଡ ।ସିନ୍ଧୁ ସେନ୍

ଶୁଣିଥିଲି ପିତୃସତ୍ୟ ପାଳନ ପାଇଁ ସେମାନେ ବନବାସୀ ହୋଇଛନ୍ତି । ଏବେ ସେମାନେ ପଞ୍ଚବଟୀରେ ଆଶ୍ରମ ନିର୍ମାଣ କରି ରହୁଛନ୍ତି। ରାମଙ୍କ ବାହୁବଳର ସହାୟତାରେ ମୁନି, ଋଷିମାନେ ଏବେ ଯଜ୍ଞାନୁଷ୍ଠାନ କରିବା ପାଇଁ ସକ୍ଷମ ହୋଇ ପାରିଛନ୍ତି । ରାମଙ୍କ ବଳ ଆଗରେ ରାକ୍ଷସ ମାନଙ୍କର ଶକ୍ତି କିଛି ବି କାମ ଦେଉନି । ଯେଉଁଥିପାଇଁ ଏବେ ରାକ୍ଷସକୁଳ ଧ୍ୱସ୍ତବିଧ୍ୱସ୍ତ । ଯଜ୍ଞାନୁଷ୍ଠାନ ଭାଂଗିବା ପାଇଁ ସେମାନେ ଆଉ ପୂର୍ବପରି ସାହସ କରିପାରୁ ନାହାନ୍ତି । ମୁଁ କିଛି ଭାବିପାରୁ ନଥିଲି । ମଣିଷ ଯାହ ଭାବେ ତାହା ସବୁବେଳେ ଫଳପ୍ରଦ ହୁଏ ନାହିଁ । କାରଣ ଦୈବ ବୋଲି ଯେଉଁ ଶକ୍ତି ରହିଛି, ତାକୁ ମୁକାବିଲା କରିବା ଏତେ ସହଜ ନୁହେଁ । ବଡ଼ ବିଚିତ୍ର ଏ ଦୈବୀ ଶକ୍ତି। ଦୈବୀ ନିକଟରେ ସେ ଯେ କେତେ ଅସହାୟ, ତାହା ମଧ ସେ ଜାଣିପାରେନି । ମୋ ଅବସ୍ଥା ଠିକ୍ ସେଇଆ । ମୋତେ ଆଗାମୀ ସମୟକୁ ଅପେକ୍ଷା କରିବାକୁ ପଡ଼ିବ। ଏମିତିରେ କିଛିଦିନ ବିତିଗଲା । ଆମ ରକ୍ଷ ସଂସ୍କୃତିକର ବିପର୍ଯ୍ୟୟର ଘଟଣା ସବୁକୁ ଭୁଲିଯିବାକୁ ଚେଷ୍ଟା କରୁଥିଲି । କିନ୍ତୁ ଭୁଲିପାରୁ ନଥିଲି ରାମ ଲକ୍ଷ୍ମଣ ଭଳି ବେନିଭାଇଙ୍କୁ । ଭାବୁଥିଲି ଏଭଳି ଦୈବୀଶକ୍ତି ପ୍ରାପ୍ତ ବୀରପୁରୁଷଙ୍କୁ ବନବାସର ଆଦେଶ ଦେଲା କିଏ? କାହିଁକି ସେମାନେ ବନବାସୀ । ସେ ଦୁହେଁ ନିଶ୍ଚିତ ଭାବେ ରାଜକୁମାର । ତେବେ ହିଂସ୍ରଜନ୍ତୁ ପୂର୍ଣ୍ଣ ଜଂଗଲରେ ଘୁରି ବୁଲୁଛନ୍ତି କାହିଁକି ? ସେମାନଙ୍କ ପିତା ଏଭଳି ନିଷ୍ଠୁର ହୋଇପାରିଲେ କେମିତି? ଅରଣ୍ୟ ମଧ୍ୟରେ କେମିତି ଚଳୁଛନ୍ତି ସେମାନେ? ଏମିତି ଅନେକ ପ୍ରକାର ଭାବନା ଆନମନା କରୁଥିଲା ମୋତେ । ନା ମୁଁ ରାଜ୍ୟ ଶାସନରେ ମନୋନିବେଶ କରିପାରୁ ଥିଲି ନା ପ୍ରତିକାର ପାଇଁ କିଛି ଚିନ୍ତା କରିପାରୁ ଥିଲି । ମୋ ଶାସନରେ ପ୍ରଜାମାନଙ୍କ ପାଇଁ କିଛି ନୀତିନିୟମ ଥିଲା । ଅଭିଯୋଗକାରୀଙ୍କୁ ନିଜ ଅଭିଯୋଗ କହିବା ପାଇଁ ଅଗ୍ରାଧିକାର ଦିଆଯାଉଥିଲା । ଏତେ ବଡ଼ ସାମ୍ରାଜ୍ୟର ଅଧିପତି ମୁଁ ରାବଣ । ପ୍ରଜାମାନଙ୍କ ମନଜାଣି ଉପଯୁକ୍ତ ସେବା ପ୍ରଦାନ ନକରିପାରିଲେ ମୋର ରାଜା ହେବାର ମୂଲ୍ୟ କ'ଣ? ମୋ ଶାସନର ସ୍ୱତନ୍ତ୍ର ନୀତିନିୟମ ପାଇଁ ତ ମୁଁ ଲୋକପ୍ରିୟ ଶାସକ । ରାଜ୍ୟରେ ସମସ୍ତେ ସୁଖ, ଶାନ୍ତିରେ ରହନ୍ତୁ ଏହା ମୁଁ ସଦାସର୍ବଦା ଚାହିଁ ଆସିଛି । ତେଣୁ କୌଣସି ଅଭିଯୋଗ ଆସିଲେ ମୁଁ ତୁରନ୍ତ ଅଭିଯୋଗ ପ୍ରକୋଷ୍ଠରୁ ଖବର ନିଏ ଆଉ ସେବା ଯୋଗାଇ ଦେବାରେ ବିଳମ୍ବ କରେନା । ମୁଁ ରାଜା ଭାବେ ମୋ କର୍ତ୍ତବ୍ୟ ପ୍ରତି ସଦା ସଚେତନ । ସେଦିନ ଠିକ୍ ସେମିତି ଏକ ଭାବମୟ ପରିବେଶ ମଧ ରାଜଦରବାରରେ ବସିଥାଏ । ଅନୁଚର ଆସି ଖବର ଦେଲା କେହି ଜଣେ ମୋତେ ଦେଖା କରିବାକୁ ଚାହୁଁଛନ୍ତି । ଅଭିଯୋଗ ପ୍ରକୋଷ୍ଠରେ ଯିଏ ମୋତେ ଦେଖା କରିବାକୁ ଚାହୁଁଛନ୍ତି ସେ ଆଉ କେହି ନୁହଁନ୍ତି ଆମ ରାଜଜେମା । ମୁଁ ସ୍ତବ୍ଧ ହୋଇଗଲି । ରାଜଜେମାର ପୁଣି ଅଭିଯୋଗ କ'ଣ? ବିଚରୀ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ତ ନିଜ ଜୀବନକୁ ମଧ ନିଆଁରେ ଆହୁରି ଦେବାକୁ ମନସ୍ଥ କରିଥିଲା । ମୁଁ କିନ୍ତୁ ତାକୁ ମରିବାକୁ ନ ଦେଇ ଶାନ୍ତିରେ ବିଚରଣ କରିବାକୁ ଦଣ୍ଡକାରଣ୍ୟକୁ ପଠାଇ ଦେଇଥିଲି । ସେହିଦିନରୁ ସେ ଜଂଗଲରେ ବସବାସ କରି ଆସୁଥିଲା । କେବେବି କିଛି ଅଭିଯୋଗ କରି ନଥିଲା । ଏବେ କିନ୍ତୁ ତାର କିଛି ଅଭିଯୋଗ ଅଛି ମାନେ ଭଉଣୀ ଆମର ନିଶ୍ଚୟ କିଛି ଗୁରୁତର ଆଘାତ ପାଇଥିବ । ନ ହେଲେ ସେ ମୋ ପାଖକୁ ଧାଇଁ ଆସିଥାନ୍ତା କାହିଁକି?

କାଳବିଳମ୍ବ ନକରି ରାଜକର୍ମଚାରୀଙ୍କୁ ଭଉଣୀ ସୂର୍ପଣଖାକୁ ମୋ ନିକଟକୁ ଆଣିବାକୁ କହିଲି । ତାର ଗଣ୍ଡଦେଶରେ ଧାରଧାର ରକ୍ତର ଚିହ୍ନ । ନାସା ଓ କର୍ଣ୍ଣ କ୍ଷତାକ୍ତ । କେମିତି ଏକ ବିକୃତ ଦେଖାଯାଉଛି ମୁଖଶ୍ରୀ । ଦୁଇ ଆଖିରୁ ଝରଝର ହୋଇ ବହିଯାଉଛି ଅଶ୍ରୁଧାର । ମୁଁ କିଛି ଭାବିପାରୁ ନଥିଲି । କାହାର ଏମିତି ସାହସ ଅଛି ଯିଏ କି ମୋ ଭଉଣୀ ଉପରେ ଅସ୍ତ୍ରପ୍ରହାର କରି ପାରିବ । କ୍ରୋଧରେ ମୋର ସର୍ବାଙ୍ଗ ଥରି ଉଠୁଥିଲା । ସୂର୍ପଣଖା ତିନିଭାଇରେ ଗୋଟିଏ ବୋଲି ଭଉଣୀ । ପିଲାଟି ଦିନରୁ ବହୁତ ଆଦରରେ ବଢ଼ିଛି । ଆମ ତିନି ଭାଇଙ୍କର ସ୍ନେହର ଆସ୍ୱଦ । ଯାହା ଯେତେବେଳେ ଚାହିଁଛି ଆମେ ତିନିଭାଇ ଅକାତରେ ତା ହାତରେ ଅଜାଡ଼ି ଦେଇଛୁ । ବିଶେଷକରି ବିଦ୍ୟୁଜିହ୍ୱର ମୃତ୍ୟୁପରେ ମୋର ତା ପ୍ରତି ସ୍ନେହ, ମମତା ଆହୁରି ବଢ଼ି ଯାଇଥିଲା । ବିଦ୍ୟୁଜିହ୍ୱର ମୃତ୍ୟୁ ପାଇଁ ମୁଁ ହିଁ ଦାୟୀ ଥିଲି ପରିସ୍ଥିତିରେ ପଡ଼ି ମୁଁ ସିନା ବାଧ ହୋଇଥିଲି ତାକୁ ହତ୍ୟା କରିବା ପାଇଁ । ନେହଲେ କେହି ଭାଇ କ'ଣ କେବେ ତା ଭଉଣୀ ମଥାରୁ ସିନ୍ଦୁର ପୋଛି ଦେବାକୁ ଚାହେଁ । ମୋର ସେଇ ପାପ ପାଇଁ ସୂର୍ପଣଖାକୁ ସୁଖରେ ରଖିବି ବୋଲି ସେଦିନ ସଂକଳ୍ପ କରିଥିଲି । ସୂର୍ପଣଖା ମଧ ମୋ କଥାକୁ କେବେ ଅବମାନନା କରି ନଥିଲା । ସେଇ ଅଲିଅଳୀ ଭଉଣୀର ଆଜି ଏ କି ଦୁର୍ଦ୍ଦଶା । ନା ନା ମୁଁ କେବେବି ସେ ପାପୀଷ୍ଠକୁ ଛାଡ଼ିବିନି । ସେ ଯିଏ ବି ହେଇଥାଉ ନା କାହିଁକି, ସେ ମୋର ଶତ୍ରୁ । ମୋତେ ପ୍ରତିଶୋଧ ନେବାକୁ ପଡ଼ିବ । ବାସ୍ତବରେ ଗୋଟିଏ ପ୍ରତିଶୋଧର ଅଗ୍ନିସ୍ଫୁଲିଙ୍ଗରୁ ଆଉ ଗୋଟିଏ ପ୍ରତିଶୋଧର ଅଗ୍ନିକୁଣ୍ଡ ଜନ୍ମ ନେଇଥାଏ । ଇଚ୍ଛା ହେଉଥିଲା ଏଇ ମୁହୂର୍ତ୍ତରେ ସେଇ ଶତ୍ରୁର ହାତକୁ କାଟିଦେବାକୁ । କ୍ରୋଧରେ ମୁଁ ଉତ୍ତେଜିତ ହୋଇ ପଡୁଥିଲି । ଧୈର୍ଯ୍ୟର ବନ୍ଧ ମୋର ଭାଂଗି ଯାଉଥିଲା । ଅତିଶୟ ଉତ୍ତେଜନାରେ କ୍ରୋଧଭରା କଣ୍ଠରେ ଗର୍ଜନ କରି କହିଲି କହ ସୂର୍ପଣଖା ଚୁପ୍ ରହିଲୁ କାହିଁକି? କିଏ ସେହି ପାପୀଷ୍ଠ, ଯାହାପାଇଁ ତୋର ଏମିତି ଦୁର୍ଦ୍ଦଶା ? ମୋ କଥାରେ ସୂର୍ପଣଖା ଖୁବ୍ ଡରି ଯାଇଥିଲା ବୋଧହୁଏ । ଥରଥର କଣ୍ଠରେ କହୁଥିଲା ଭାଇ ସେ ତ ରାମଙ୍କ ଭାଇ ଲକ୍ଷ୍ମଣ । ପଞ୍ଚବଟୀ ବନରେ ଆଶ୍ରମ କରି ରହୁଛନ୍ତି । ତା ମୁହଁରୁ ଏସବୁ ଶୁଣି ମୁଁ କିଛିଟା ନରମି ଗଲି । ମୋ ମନର ଗର୍ବର ପହାଡ଼ଟା ଖଣ୍ଡଖଣ୍ଡ ହୋଇ ଯେମିତି ଭାଂଗିଗଲା । କୋଶଳର ରାଜା ଦଶରଥ ନନ୍ଦନ ରାମ । ଯେଉଁ ରାମଙ୍କ ବୀରତ୍ୱର ଗାଥା ଏଇ କିଛିଦିନ ଧରି ମୋ କାନରେ ବାଜୁଥିଲା ସେଇ ରାମ ତେବେ ଏବେ ମୋ ସହ ସିଧାସଳଖ ଶତ୍ରୁତା ଆରମ୍ଭ କରିଦେଲାଣି । ମୁଁ ତ କେବେବି ଭାବି ନଥିଲି ସୁରମ୍ୟ ରାଜପ୍ରସାଦ ଛାଡ଼ି ଆସିଥିବା ରାଜକୁମାର ଦ୍ୱୟ ଅରଣ୍ୟ ମଧ୍ୟରେ ଆରଣ୍ୟକ ବାସୀ ମାନଙ୍କ ସହ ଏମିତି ଶତ୍ରୁତା କାହିଁକି କରୁଛନ୍ତି । ଆମେ ରାକ୍ଷସକୁଳ ଏଠି ବେଶ୍ ଭଲରେ ଥିଲୁ । ସେମାନଙ୍କ ଆମ ଉପରେ ଆକ୍ରମଣ କରିବାର କାରଣ କ'ଣ? ତାଛଡ଼ା ବିନା ଦୋଷରେ ସୂର୍ପଣଖାକୁ ସେମାନେ ଏମିତି ଶାସ୍ତି ଦେବ ବା କାହିଁକି? ଭଉଣୀର କିଛି ଭୁଲ୍ ଆଉ ନାହିଁ ତ? ମୋତେ ଜାଣିବାକୁ ପଡ଼ିବ, ଏହା ପଛରେ କାରଣ କ'ଣ?

ସୂର୍ପଣଖା ମୋ ଆଗରେ ସବୁ ବର୍ଣ୍ଣନା କରୁଥିଲା କଥା କହିଲାବେଳେ ସେ ଜୋରରେ କାନ୍ଦୁଥାଏ । ତାର ବୈଧବ୍ୟ ଦୁଃଖକୁ ଭୁଲିବା ପାଇଁ ମୁଁ ହିଁ ତାକୁ ଅରଣ୍ୟରେ ମୁକ୍ତଭାବେ ବିଚରଣ କରିବାକୁ ଛାଡ଼ି ଦେଇଥିଲି । ସେ ମଧ ଅରଣ୍ୟ ମଧ୍ୟରେ ଆରାମରେ ଥିଲା । ହେଲେ ସେଇ ବୁଲିବା ମଧ୍ୟରେ ପଞ୍ଚବଟୀ ବନରେ ପ୍ରବେଶ କରିଥିଲେ । ଆଉ ରାମଙ୍କୁ ଭେଟିଥିଲେ । ରାମଙ୍କର ଅପରୂପ ସୌନ୍ଦର୍ଯ୍ୟରେ ବିମୁଗ୍ଧ ଭଉଣୀ ଆମର ତାଙ୍କୁ ବିବାହ କରିବା ପାଇଁ ଇଚ୍ଛା କରନ୍ତେ ରାମଚନ୍ଦ୍ର ତାଙ୍କର ପତ୍ନୀକୁ ଦେଖାଇ ସେ ଯେ ବିବାହିତ, ଏହା ଜଣାଇ ଦିଅନ୍ତି ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫

ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)



# ତ୍ରିପାଦମେଦିନୀ

ଜ୍ୟୋତ୍ସ୍ନାମୟୀ ପଣ୍ଡା



॥ ଭାଗ-୮୦ ॥

ବ୍ରହ୍ମାଙ୍କ ଅନ୍ତର୍ଦୃଷ୍ଟିରେ ଦୁଇ ଦାନବ ଶିଶୁଙ୍କ ପୂର୍ବ ଜନ୍ମର ଅଧ୍ୟାୟ ଆଲୋକିତ ହୋଇ ଉଠିଲା । ପ୍ରାୟ ଏକଶତ ବର୍ଷ ତଳର ଘଟଣା । ସେତେବେଳେ ସ୍ଥାନେ, ସ୍ଥାନେ ଗଢ଼ି ଉଠୁଥାଏ ସଭ୍ୟ ମାନବ ମାନଙ୍କ ନଗର ସଭ୍ୟତା । ତାହା ପୂର୍ବରୁ ମାନବ ପଶୁ ପତି ଶିବ ଏବଂ ପ୍ରକୃତିର ବିଭିନ୍ନ ଶକ୍ତିଙ୍କୁ ଦେବତା ରୂପେ ସ୍ୱୀକାର କରିଥାଏ । କ୍ରମେ ସନତ ବ୍ରହ୍ମାଙ୍କଠାରୁ ଯୋଗର ଜନ୍ମ ହେଲା । କେତେକ ସଭ୍ୟ ମାନବ ଯୋଗର ଏହି ବିଭିନ୍ନ ସ୍ତର ବା ଲୋକ ଅନୁସାରେ ଉପାସନା ଗୃହ ମାନ ନିର୍ମାଣ କଲେ ଓ ଦେବତା ମାନଙ୍କର ମୂର୍ତ୍ତି ଗଠନ କରି ଏହି ଉଚ୍ଚ ସ୍ଥାନରେ ସ୍ଥାପନ କଲେ । ପୃଥିବୀର ପ୍ରାଥମିକ ମୂର୍ତ୍ତି ପୂଜକ ମାନଙ୍କ ମଧ୍ୟରେ ଏମାନେ ଥିଲେ ଅନ୍ୟତମ । ଏହି ଧର୍ମ ପୀଠରେ ଜୟ, ବିଜୟ ଥିଲେ ଦ୍ୱାରରକ୍ଷୀ, ଯେଉଁମାନେ ଧର୍ମର ଉଚ୍ଚ ସ୍ତରକୁ ଯିବାପାଇଁ ଯୋଗ୍ୟ ପ୍ରାର୍ଥୀଙ୍କ ମନୋନୟନ କରୁଥିଲେ । ଏହି ଉଚ୍ଚ ସ୍ତରରେ କେବଳ ଯୋଗ ସାଧକ, ଋଷି ଓ ଧାର୍ମିକ ଧର୍ମାଧୀଶ ମାନଙ୍କର ସ୍ଥାନ ଥିଲା । ବ୍ରହ୍ମାଙ୍କ ଚାରି ପୁତ୍ର ଯୋଗ ମାର୍ଗରେ ବୈକୁଣ୍ଠ ପର୍ଯ୍ୟନ୍ତ ଗତି କରିଥିଲେ, କିନ୍ତୁ ସେମାନେ ନଗ୍ନ ଓ ଉନ୍ମାଦ ଥିବାରୁ ସେମାନଙ୍କୁ ଅସଭ୍ୟ ମନେ କରି ଏହି ଧର୍ମ ପୀଠ ର ସର୍ବୋଚ୍ଚ ସ୍ଥାନ ପର୍ଯ୍ୟନ୍ତ ପ୍ରବେଶ କରିବାକୁ ଅନୁମତି ମିଳି ନଥିଲା । କାରଣ ବିଷ୍ଣୁଙ୍କଠାରେ ନିର୍ମଳ ପ୍ରେମ ନଥିଲେ, ଯୋଗ ମାର୍ଗରେ ମଧ ବିଷ୍ଣୁ ଲାଭ ହୋଇପାରନ୍ତି ନାହିଁ । ଏହି ପରୀକ୍ଷାରେ ମଧ ବ୍ରହ୍ମାଙ୍କ ପୁତ୍ର ମାନେ ଉତ୍ତୀର୍ଣ୍ଣ ହୋଇଥିଲେ । ବିଷ୍ଣୁ ଦର୍ଶନ ନିମନ୍ତେ ଅଧୀର ଚାରି ପୁତ୍ର ଦ୍ୱାରପାଳମାନଙ୍କୁ ଅଭିଶାପ ଦେଇଥିଲେ । ସେମାନଙ୍କ ପ୍ରେମ ଯୁକ୍ତ ଯୋଗ ବଳରେ ବୈକୁଣ୍ଠ ଲୋକକୁ ଆକର୍ଷଣ କରିଥିଲେ ଓ ସେମାନଙ୍କ ଅନ୍ତର କଳ୍ପିତ ବିଷ୍ଣୁ ଓ ଲକ୍ଷ୍ମୀ ସ୍ୱୟଂ ନିଜେ ଆସି ସେମାନଙ୍କ ସାମ୍ନାରେ ସମସ୍ତଙ୍କୁ ଦର୍ଶନ ଦେଇଥିଲେ । ବିଷ୍ଣୁ ମଧ ଦୁଇ ଦ୍ୱାରପାଳ ମାନଙ୍କୁ ବ୍ରହ୍ମ ଅଭିଶାପରୁ ରକ୍ଷା କରି ପାରିନଥିଲେ । ସେହି ଦିନଠାରୁ ଏହି ବିଷ୍ଣୁ ପ୍ରେମୀ ଦଳ ହୁଏ ତ ସୁର ଓ ଅସୁର(ଏହି ଅସୁର ଶବ୍ଦର ଅର୍ଥ ବୋଧହୁଏ ଈଶ୍ୱର ଯଥା, ଈଶ୍ୱର ଅର୍ଯ୍ୟ ଐଶ୍ୱର୍ଯ୍ୟ) ଦୁଇ ଭାଗରେ ବି ଭକ୍ତ ହୋଇଥିଲେ । ଏହି ଦୁଇ ଦ୍ୱାର ପାଳ ଭାଇ ସେଠାରୁ ବାହାରି ଯାଇ ହୁଏତ ନିଜର ଏକ ଐଶ୍ୱର୍ଯ୍ୟ ଭରା ନଗର ସ୍ଥାପନ କରିଥିଲେ ଓ ନିଜ ନାମରେ ସ୍ୱତନ୍ତ୍ର ଦେବତା ତଥା ଶାସକଙ୍କୁ ନାମିତ କରିଥିଲେ । ମୃତ୍ୟୁ ପରେ ତାଙ୍କର ଆତ୍ମା ଦିତିଙ୍କ ଗର୍ଭରେ ପ୍ରବେଶ କଲା । ମୋର ଧାରଣା ଏହି ଚେତନା, ମଣିଷର ମସ୍ତିଷ୍କରେ ହିଁ ଥାଏ । ଏହି ଚେତନା ମାନବର ଜୀବିତ ଅବସ୍ଥାରେ ତଥା ମୃତ୍ୟୁ ପରେ ଶରୀରରୁ ବାହାରି ଯେ କୌଣସି ସ୍ଥାନ, ଯେ କୌଣସି ମାନବ ଶରୀରରେ ପ୍ରବେଶ କରିପାରେ ଏପରିକି ବହୁ ଦୂରବର୍ତ୍ତୀ ଅନ୍ୟ ଜଗତକୁ ଯାଇ ଜ୍ଞାନ ଲାଭ କରିପାରେ । ମୃତ୍ୟୁ ପରେ ମଧ ଏହା ମସ୍ତିଷ୍କର କାର୍ଯ୍ୟ ବନ୍ଦ ହେଲାପରେ ବି ସକ୍ରିୟ ଥାଏ । ଦେହ ସାଙ୍ଗରେ ଏହି ଚେତନା ଦେହର ସମସ୍ତ ଦର୍ଶନ, ଶ୍ରବଣ, ସ୍ପର୍ଶ, ସ୍ୱାଦ, ଶ୍ୱାସ ଆଦି ସ୍ନାୟୁ ସହ ସଂଯୋଗର କେନ୍ଦ୍ରସ୍ଥଳ ହୋଇଥାଏ । ଏହି ବିଜ୍ଞାନ ଜ୍ଞାନ ବଳରେ ଯୋଗୀ, ଋଷି ମାନେ ହୁଏତ ପରସ୍ପର ସହ ବାର୍ତ୍ତାଳାପ, ସ୍ପର୍ଶ, ଚିନ୍ତନ ଆଦି ପ୍ରେରଣ କରି ପାରୁଥିବା ବେଳେ, ବୈଜ୍ଞାନିକ ମାନେ ଅନ୍ଧ, ମୂକ ବଧିରଙ୍କୁ ସିନେମା ଦେଖାଇ ପାରିଛନ୍ତି ! ଭାଗବତ ପାଠରୁ ମୋ ମତରେ ମନ୍ଥନ ବା ଗୋଟିଏ ସ୍ଥାନର ଅଣୁକୁ ଅନ୍ୟ ଅଣୁରେ ପକାଇବା, ବିଭାଜନ ବା ବିଭକ୍ତ କରି ବା, ପାଳନ କରିବା, ମିଶ୍ରଣ କରିବା, ଏହି ଚାରିଟି ପଦ୍ଧତି ହିଁ ସୃଷ୍ଟି ପ୍ରସାରଣର ଚାରୋଟି ପ୍ରାକୃତିକ ମୌଳିକ ପଦ୍ଧତି ।( ମୁଁ ଏକ ସାଧାରଣ ମଣିଷ ଓ ବିଶେଷଜ୍ଞ ମାନେ ଏହା ସବିଶେଷ ଜାଣିଛନ୍ତି ।) ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ଯେ, ଆତ୍ମା ଅବିନାଶୀ । ଏହାକୁ ଅସ୍ତ୍ର, ଶସ୍ତ୍ର ଅଗ୍ନି, ଜଳ ଆଦି ବିନାଶ କରି ପାରନ୍ତି ନାହିଁ । ମଣିଷର ଶରୀର କେବଳ ପାପ ବା ପୂଣ୍ୟ କର୍ମ ସହ ଜଡ଼ିତ ହୁଏ ଓ ବାରମ୍ବାର ଦେହ ଧାରଣ କରି ଥାଏ । ଯେ ଆଉ ଦେହ ଧାରଣ କରେନାହିଁ ସେ ମୋକ୍ଷ ପାଏ । ସେହିପରି ଏହି ଦୁଇ ବିଷ୍ଣୁ ବିଶ୍ୱାସୀ ପୁଣ୍ୟାତ୍ମା ଦିତି ଓ କଶ୍ୟପଙ୍କ ଦସ୍ୟୁ ବୃତ୍ତି (ବା ମନ୍ଦ ଶକ୍ତି) କରୁଥିବା ପୂର୍ବଜଙ୍କ ଗୁଣସୂତ୍ର ଥିବା ଶୁକ୍ରାଣୁରେ ମିଳିତ ହୋଇ ଦିତିଙ୍କ ଗର୍ଭାଶୟକୁ ଚାଲିଯାଇଛନ୍ତି । ବ୍ରହ୍ମା ଜାଣି ପାରିଲେ ଯେ, ଯେଉଁ ଦୁଇ ଜଣ ଦ୍ୱାରପାଳଙ୍କ ପାଇଁ ଏହି ପବିତ୍ର ଚେତନା ମାନେ ଏହି ଦସ୍ୟୁ ଶୁକ୍ରାଣୁରେ ମିଳିତ ହୋଇ ଦିତିଙ୍କ ଗର୍ଭରେ ସ୍ଥାନ ପାଇଛନ୍ତି ସେମାନଙ୍କ ପାଇଁ ବିଶ୍ୱରେ ସନ୍ତ୍ରାସ ସୃଷ୍ଟି ହେବ, ତେଣୁ ଏହି ଅଶୁଭ ଲକ୍ଷଣ ମାନେ ତାହାର ପୂର୍ବ ସୂଚନା ଓ ଚୋଧର୍ମରେ ବ୍ୟକ୍ତି ସ୍ୱତନ୍ତ୍ରତା ଥାଏ, ମାତ୍ର ମାନବିକତା ସମସ୍ତଙ୍କ ପାଇଁ ସମାନ ଅଟେ । ସେହିପରି ଅନ୍ତର୍ବିଜ୍ଞାନରେ ବ୍ୟକ୍ତି ସ୍ୱତନ୍ତ୍ରତା ଥାଏ, କିନ୍ତୁ ବହି ର୍ବିଜ୍ଞାନ ର ପ୍ରମାଣ ସମସ୍ତଙ୍କ ପାଇଁ ସମାନ ହୋଇଥାଏ । ଗୋଟିଏ ଅମ୍ଳଜାନ ଓ ଦୁଇଟି ଉଦଜାନ ଅଣୁ ମିଶାଇ, ଧର୍ମ ଅନୁସାରେ କିଏ ଗୁଡ, କିଏ ମହୁ, କିଏ କ୍ଷୀର, କିଏ ଜଳ ବାହାର କରେନାହିଁ । ଯଦି କେହି ଏହି ପରି ବ୍ୟତିକ୍ରମ କରିପାରନ୍ତି, ସେ ସ୍ୱତନ୍ତ୍ର । ସେ ଅସାଧାରଣ !!

କୁକୁର, ଉଲ୍ଲୁକ, ଶୃଗାଳ ଆଦି ପ୍ରାଣୀ ମାନଙ୍କର ଚେତନା, ଦୃଷ୍ଟି ଓ ଘ୍ରାଣ ଶକ୍ତି ଆଦି ମଣିଷଠାରୁ ମଧ ବହୁଗୁଣରେ ଅଧିକ ଥାଏ । ସେମାନେ ଆଗାମୀ ପାଗ, ଜଳ, ବାୟୁ ପରିବର୍ତ୍ତନର ସଂକେତ ବହୁ ପୂର୍ବରୁ ପାଇ ପାରନ୍ତି, ଆତ୍ମାର ଉପସ୍ଥିତି ମଧ ଜାଣିପାରନ୍ତି । ଗାଈ ମାନଙ୍କ ରକ୍ତରେ କୌଣସି ନିର୍ଦ୍ଦିଷ୍ଟ ଜୀବା ଣୁ ପ୍ରବେଶ କଲେ ସେ ଦୁଗ୍ଧ ବଦଳରେ ରକ୍ତ ସ୍ରାବ କରେ । ଯଦି ଲୋହିତ ରକ୍ତ କଣିକା କମିଯାଏ, ତେବେ କ୍ଷୀର ଗୋଲାପି ବା ଲାଲ୍‌ରଙ୍ଗ ହୋଇଥାଏ । ହୁଏତ ବାରମ୍ବାର ପ୍ରଳୟ ଫଳରେ ସେତେବେଳେ ଗୋ ଖାଦ୍ୟର ଅଭାବ ଥିଲା । ଶୃଗାଳ ଆଦି ଜୀବମାନେ ମୃତର ହାଡରେ କେଟି ବାରୁ ପାଟିରେ ଥିବା ଫସଫରସ୍ ପବନ ବାଜିଲେ ଅଗ୍ନି ଜଳି ଉଠେ । ହୁଏତ ଏହି ସମୟରେ ମୃତ ସଂଖ୍ୟା ଅଧିକ ଥିଲା । ସମୁଦ୍ରର ଉଷ୍ମ ତା ବା ଶୀତଳତା ଦ୍ୱାରା ଜଳ ବାୟୁ ଶୁଷ୍କ ହେଲେ ଅଗ୍ନି ଉତ୍ପନ୍ନ ହୁଏ, ଯେପରି ଆଫ୍ରିକା ବା ଆମେରିକାରେ ଘଟିଛି, ହୋଇପାରେ, ପୃଥିବୀରେ କୌଣସି ଉଲ୍କା ପାତ ନହୋଇ ଏହି ପରି ଅଗ୍ନି ପ୍ରଳୟରେ ପୂର୍ବ ଜୀବଜନ୍ତୁ ମାନେ ଲୋପ ପାଇ ଥାଇପାରନ୍ତି !! ଝଡ ପୂର୍ବରୁ ଆକାଶ ଧୂସର ବା ଲାଲ୍ ହୋଇ ପାରେ । ( ମାତ୍ର ମୁଁ ଯେତେ ବେଳେ ପ୍ରଥମେ ଏହି ଉପନ୍ୟାସରେ( କରୋନା ସମୟରେ) ଏହି ଦିତିଙ୍କ ଗର୍ଭଧାରଣ ବିଷୟ ଲେଖିଥିଲି, ମୁଁ ଦେଖିଲି ଯେ, ଥରେ କୁଆଡୁ କେଜାଣି ଫେଣା ଭର୍ତ୍ତି ମହୁମାଛି ସନ୍ଧ୍ୟା ପରେ ଆସି ଆମ କାନ୍ଥ ସାରା ଛାଉଣୀ ହୋଇ ଯାଇଥିଲେ । ପ୍ରଥମ ଥର ବହୁତ ସଂଖ୍ୟାରେ ଏକ ନୂଆ ପ୍ରକାର ଜୋକ ମଧ ବାହାରିଲେ । ) ମୋର ବିଶ୍ୱା ସ ଯେ,ଏହା ପଛରେ କୌଣସି ଅନ୍ତର୍ବିଜ୍ଞାନ କାରଣ ଥାଇପାରେ !!

ଏହି ସମସ୍ତ ଅଶୁଭ ଲକ୍ଷଣ ମାନଙ୍କୁ ଦେଖି କଶ୍ୟପ ବେଳେ ବେଳେ ଦୀର୍ଘଶ୍ୱାସ ତ୍ୟାଗ କରୁଥିଲେ ଏବଂ ଭାବୁଥିଲେ ଭବି ତବ୍ୟ ରେ କ'ଣ ଅଛି କିଏ ଜଣେ ! ଏହି ସମୟରେ ଧାଇ ମୁଖରୁ ଦୁଇଟି ଯମଜ ସନ୍ତାନ ଜନ୍ମ ହେବାର ସମ୍ବାଦ ପାଇ ସେ ଆଶା ଓ ଆଶଙ୍କାର ଦ୍ୱନ୍ଦ ମଧ୍ୟରେ ଥାଇ, ଅତି କୁଣ୍ଠିତ ପଦକ୍ଷେପରେ ପ୍ରସୂତି ଗୃହ ଆଡକୁ ଚାଲିଲେ । କିନ୍ତୁ ନବଜାତ ଶିଶୁମାନଙ୍କର ବଳିଷ୍ଠ ବପୁ ଓ ସ୍ୱାସ୍ଥ୍ୟ ଦେଖି ତାଙ୍କର ମନ ଆ ନନ୍ଦରେ ପୂର୍ଣ୍ଣହୋଇଗଲା । ତାଙ୍କର ଦାନବ ବୀର୍ଯ୍ୟର ଶକ୍ତିରେ ସୃଷ୍ଟ ଏହି ଉଭୟ ପୁତ୍ରଙ୍କୁ କୋଳରେ ଧରି ସେ ନିରୀକ୍ଷଣ କରିବାରେ ଲାଗିଲେ । ପ୍ରଥମ ସନ୍ତାନର ଶରୀର ବଜ୍ର ପରି କଠିନ ଓ ଅଭେଦ୍ୟ ଜଣାଯାଉଛି । ତାର ଅନୁଜ ମଧ ତାଙ୍କର ଶ୍ୱଶୁର ଦକ୍ଷ ପ୍ରଜାପତିଙ୍କ ଭଳି ଅତ୍ୟନ୍ତ ସୁଦକ୍ଷ ମନେ ହେଉ ଛି । ତାଙ୍କର ମନ ସ୍ରଷ୍ଟା ଓ ପିତୃତ୍ୱର ଗୌରବରେ ପ୍ରଫୁଲ୍ଲ ହୋଇ ଉଠିଲା । ସେ ସହର୍ଷ ଦିତିଙ୍କ ଆଡେ ଦୃଷ୍ଟି ପାତ କରି କହିଲେ 'ହେ ପ୍ରାଣପ୍ରିୟା, ଆମର ଉନ୍ମତ୍ତ ରତି ଇଚ୍ଛାରୁ ସୃଷ୍ଟଏହି ପୁତ୍ର ମାନେ ଅତ୍ୟନ୍ତ ବଳବାନ ହୋଇଛନ୍ତି । ବଜ୍ର ପରି କଠିନ ବପୁ ହୋଇଥିବାରୁ ମୁଁ ମୋର ଜ୍ୟେଷ୍ଠପୁତ୍ରର ନାମ ହିରଣ୍ୟାକ୍ଷ ଓ ଅତ୍ୟନ୍ତ ସୁଦକ୍ଷ ଥିବାରୁ କନିଷ୍ଠ ପୁତ୍ରର ଶୁଭ ନାମ ହିରଣ୍ୟ କଶିପୁ,( କଶ୍ୟପ) ରଖୁଅଛି । ଏମାନେ ହିଁ ହେଉଛନ୍ତି ପୃଥିବୀର ଆଦି ଦାନବ' ।

ସ୍ୱଭାବରେ ସେମାନେ ପ୍ରଜାପତି କଶ୍ୟପ ଏବଂ ଦିତିଙ୍କଠାରୁ ସୃଷ୍ଟି ହୋଇଥିବାରୁ ଅତ୍ୟନ୍ତ ବଳଶାଳୀ ଥିଲେ । ପୁନଶ୍ଚ ସେମାନେ ଦିନକୁଦିନ ପର୍ବତ ଆକାରରେ ବଢିବାକୁ ଲାଗିଲେ । ଅତି ବାଳକ ବୟସରୁ ସେମାନ ଗଦାଯୁଦ୍ଧ, ମଲ୍ଲଯୁଦ୍ଧ, କୁସ୍ତି କସରତ ଓ ଲଢେଇ ଆଦି କରି ବନ ପ୍ରାନ୍ତରକୁ ଦଳି ପକାଉଥିଲେ । ପ୍ରତିଦିନ ସେମାନେ ପ୍ରଚୁର ମତ୍ସ୍ୟ, ମାଂସ ଓ ଖାଦ୍ୟ ଆହାର କରୁଥିଲେ । ସେମାନଙ୍କ ମସ୍ତକରେ ଥିଲା ସୁବର୍ଣ୍ଣର ମକୁଟ । ପରିଧାନ ଥିଲା ରକ୍ତବର୍ଣ୍ଣ । ଅସ୍ତ୍ର ଥିଲା ବିଶାଳ ସ୍ୱର୍ଣ୍ଣ ଖଚିତ ଲୌହ( କଶ୍ୟପଙ୍କ ସମୟରେ କଂସା ବାଦ୍ୟ ଥିଲା । ଅର୍ଥାତ୍ ତମ୍ବା ଓ ରସ ମଧ ଥିଲା । ବଳିଙ୍କ ସମୟରେ ଲୌହ ଥିଲା । କାରଣ ଚିତ୍ର କୁଟ ପର୍ବତରେ ଲୌହ, ରୂପା ଓ ସୁନା ଥିବା ତିନୋଟି ଶୃଙ୍ଗ ଥିଲା)ବା କଂସା ଆଦି ଧାତୁର ଗଦା । ସେମାନେ ଚାଲିଲେ ରୁଣ୍ଟ ଝୁଣ୍ଟ ଶବ୍ଦ ସହିତ ପଦ ପାତରେ ପୃଥିବୀ କମ୍ପି ଉଠୁଥିଲା । ସେମାନଙ୍କ କଠୋର ତପସ୍ୟା ଦେଖି ସ୍ୱର୍ଗ ପୁରର ଦେବତା ମାନେ ମଧ ତାଙ୍କୁ ଭୟ କରୁଥିଲେ ।

ସ୍ୱର୍ଗପୁର ! ଏହି ସ୍ୱର୍ଗପୁରକୁ ପ୍ରତିଷ୍ଠା କରିଥିଲେ ଅଦିତିଙ୍କର ସନ୍ତାନ ଦେବତାମାନେ । ଏହି ସ୍ୱର୍ଗ ପୁର କେଉଁଠି ଥିଲା ? ଦେବତା ମାନେ କେବେ ଜନ୍ମ ହୋଇଥିଲେ ?

+ ବାଲିଝରି, କାନପୁର, ବଡ଼ମ୍ବା, କଟକ

# ସେଦିନ ଥିଲା ନଅ ତାରିଖ



ସୁନନ୍ଦା ମହାନ୍ତି

ଶୀତ ସାଙ୍ଗକୁ କୁହୁଡିର ଆସ୍ତରଣ ପୁଣି ତା ସାଙ୍ଗକୁ ମେଘର ଆବରଣ ସହରଟିକୁ କେମିତି ଗୋଟେ ଧୂଆଁ ଧୂଆଁ କରି ରଖିଥିବା ସହରରେ ଲାଗୁଥିଲା ବର୍ଷା ଅଜାଡି ହୋଇପଡିବ ଯେମିତି । ଏମିତି ପାଗ ଦେଇଥିବା ଭିତରେ ସହର ପାଖ ବସ୍ତି ବାସିନ୍ଦାଙ୍କ ଭିତରେ ପ୍ରବଳ ଆଲୋଚନା ଚାଲିଥିଲା ସେଦିନ ଡିସେମ୍ବର ନଅ ତାରିଖ ଦିନ । ଅନାମକୁ କାଲି ରାତିରୁ ପୋଲିସ ବାନ୍ଧି ନେଇଛି । କାରଣ କଣ ସଠିକ ଜଣା ନପଡିଲେ ମଧ ବସ୍ତି ଉଚ୍ଛେଦକୁ ବିରୋଧ କରି ଅନାମ ରିକ୍ସାବାଲା ଜେଲ ଯିବା ଘଟଣାରେ ଆଜି ବସ୍ତିରେ ବାସ କରୁଥିବା ଓକିଲ ବାବୁ ନରହରି ମିଶ୍ର, ହୋମିଓପାଥୀ ଡାକ୍ତର ନବଘନ ସାମନ୍ତରାଏ, ଅସ୍ଥାୟୀ କଲେଜ ଶିକ୍ଷକ ରମାପଦ ବଳିଆର ସିଂ ଇତ୍ୟାଦି ବସ୍ତିରେ ଥିବା ପାଞ୍ଚ ପଚିଶ ଜଣା ଶୁଣା ଲୋକଙ୍କ ସହ ବସ୍ତିର ହୁଣ୍ଡା ପିଟା ଯୁବକଦଳ ମଧ ସାମିଲ ହୋଇଛନ୍ତି । ତାଙ୍କ ଭିତରେ ପ୍ରବଳ ଆଲୋଚନା ତଥା ପରାମର୍ଶ ବିମର୍ଷ ଚାଲିଛି । ବସ୍ତି ବାସିନ୍ଦା ସମସ୍ତେ ଓଡ଼ିଆ ଲୋକ । ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ବୁଡ଼ିଯାଉଥିବା ବେଳେ ଏଇ ବସ୍ତି ବାସିନ୍ଦା ଏକଜୁଟ ହୋଇ ଗଣେଷ ପୂଜା, ସରସ୍ୱତୀ ପୂଜା, ଦୁର୍ଗା ପୂଜା ଆଦି ବସ୍ତିରେ ମିଳିମିଶି କରି ଭାଇଚାରା ବଢ଼ାଇ ଚାଲିଛନ୍ତି । ଏଇ ବସ୍ତିରେ ମଣିଷ ହୋଇ ଆଜି କେତେ କାହାର ପୁଅ ଝିଅ ବଡ଼ ବଡ଼ ଉଚ୍ଚପଦସ୍ଥ ହୋଇ ଓଡିଶା ବାହାରେ ରହିଲେଣି । ଓଡିଶା ବାହାରେ ରହି ସେମାନେ ଓଡ଼ିଆ ଭାଷା ସାହିତ୍ୟକୁ ବିଶ୍ୱ ଦରବାରରେ ପହଞ୍ଚେଇବାକୁ ଆପ୍ରାଣ ଉଦ୍ୟମ ଜାରି କରିଚାଲିଛନ୍ତି । ପୁଣି ନିଜ ସହ ବିଦେଶୀ ପର୍ଯ୍ୟଟକ ଭାଇ ଭଉଣୀଙ୍କୁ ଧରି ବେଳେ ବେଳେ ବସ୍ତିକୁ ଆସି ନବଗ୍ରହ ପୂଜା, ନବରାତ୍ରୀର ଦୁର୍ଗାପୂଜା ଦେଖିବା ସହ ଅନାମ ରିକ୍ସାରେ ବସି କେତେ କୁଆଡେ ନଅ ଜାଗା ବୁଲି ଆସନ୍ତି । ଭୋଜି ଭାତରେ ସାମିଲ ହେଲାବେଳେ ନବରନ୍ ଖାଇବାକୁ ପସନ୍ଦ କରନ୍ତି ଓ ପଞ୍ଚାମୃତ ଭଳି ଭୋଗକୁ ଅମୃତ ଆକ୍ଷା ଦେଇ ଆମ ଓଡ଼ିଶାର ସଂସ୍କୃତି, କଳା, ସ୍ଥାପତ୍ୟ, ନଦୀ ହ୍ରଦର ଗୁଣଗାନ କରୁଥାନ୍ତି । ତେଣୁ ଏ ବସ୍ତି କେତେକାଂଶରେ ଓଡିଶାକୁ ଚିହ୍ନି ଚିହ୍ନେଇବାର ଦୃଷ୍ଟାନ୍ତ ରଖୁଥିଲା ବେଳେ ବସ୍ତିକୁ ନୋଟିସ ନଦେଇ ଧସେଇ ପଶିବା କୋଉ ନ୍ୟାୟରେ ଯାଏ ! ବିଚରା ଅନାମ ରିକ୍ସା ଥୋଇ ଘରେ ଥିଲା ବୋଲି ସିନା । ତା ସ୍ତ୍ରୀ ମଧ କମ ସଂଘର୍ଷ କରିନାହିଁ । ସ୍ୱାମୀଙ୍କୁ ବାନ୍ଧି ନେଇଯାଉଥିବାରୁ ସେ ମଧ ପୋଲିସକୁ କାମୁଡି ଦେବାରୁ ସ୍ୱାମୀ ଅନାମ ସ୍ତ୍ରୀକୁ ଲଗେଇ ଡିଉଟିରେ ଥିବା ପୋଲିସକୁ ଆକ୍ରମଣ କରିଛି ବୋଲି ସଂଗୀନ ଦଫା ମଧ ଲଗେଇଛି ଖବରରେ ସମସ୍ତେ କହିଲେ ଚାଲ ଆଗେ ଅନାମ ସ୍ତ୍ରୀ ଠାରୁ ଘଟଣା କଣ ବୁଝି ଆସିବା କହି ବାନରସେନା ପରି ଯୁବକ ଦଳ ଅନାମ ଘର ମୁହାଁ ଚାଲିଲେ । କେତେ କେତେ ନାରାବାଜିରେ ସହର ଫାଟି ପଡୁଥିଲା ଯେମିତି ।

ନଖାଇ ନପିଇ ଅନାମ ସ୍ତ୍ରୀ ଶାନ୍ତିଟା ପଡିଥିଲା ଘରେ । ବସ୍ତିର ମିଶ୍ରବାବୁଙ୍କୁ ଦେଖି ତା ଜୀବନ ପଶିଲା ଯେମିତି । କାନ୍ଦି କାନ୍ଦି କହିଲା ଏଣିକି ଆପଣଙ୍କ ଘରେ ବାସନ ମାଜିବି ଓକିଲ ବାବୁ ଆଜ୍ଞା ମୋ ସ୍ୱାମିଟାକୁ ମୁକୁଳେଇ ଆଣିବା ବ୍ୟବସ୍ଥା କର । ଆଗେ କଥାଟା କଣ କହ । କଥା ଆଉ କଣ କହିବି ବାବୁ ସେହି ସାମ୍ବାଦିକ ମହାନ୍ତି ବାବୁର ଏସବୁ ଫିସାଦି । ମୋ ଉପରେ ତାର ନଜର । ତା ସ୍ତ୍ରୀ ମରିଯିବା ପରେ ତା ଘରେ କାମ ପାଇଟି କରିବାକୁ କିଛି ଦିନ ଯାଉଥିଲି ଯେ ବାବୁ ସେ ପରା ମୋ ଅସହାୟତାର ସୁଯୋଗ ନେଇ ମତେ ଖରାପ ଇଙ୍ଗିତ କରେ । ମୋ ସ୍ୱାମୀ ପାଠ ଶାଠ ପଢି ସୁନ୍ଦର ହୋଇ କି ଲାଭ ଯଦି ପଇସା ରୋଜଗାର କରିବା ଉପାୟ ନଜାଣି ରିକ୍ସା ଟାଣି ତତେ କି ସୁଖ ଦେବ ବରଂ ତୁ ଆମ ଘରେ ରହିଯା କହିବାରୁ ମୁଁ ଆଉ ତାଙ୍କ ଘର କାମକୁ ଯାଉନଥିଲି ତ ତାର ରାଗ । କାଲି ବସ୍ତିରେ କେହି ନଥିବା ବେଳେ ପୋଲିସ ଧରି ଆମ ଘରେ ହାଜର । ମତେ ଟଣା ଓଟରା କରି କହିଲା ତୋରି ଘରୁ ଆଜି ବସ୍ତି ଉଚ୍ଛେଦ କାମ ଆରମ୍ଭ ହେବ । ଯୋଗକୁ ଅନାମ ଘରେ ଥିଲା ବୋଲି ବାହାରିପଡିଲା ଓ କହିଲା ଏ ବସ୍ତିରେ ନବରନ୍ ଅଛନ୍ତି । ଓକିଲ, ଡାକ୍ତର, ଇଞ୍ଜିନିଅର, ଶିକ୍ଷକ, କଣ୍ଟ୍ରାକ୍ଟର, ସାମ୍ବାଦିକ, ପତ୍ରକାର, ସାହୁକାର, ଡ୍ରାଇଭର ଇତ୍ୟାଦି ନବରନ୍‌ଙ୍କ ସହ ହଜାର ହଜାର ଶିକ୍ଷିତ ଯୁବକ ଅଛନ୍ତି । ସେମାନଙ୍କୁ ନଜଣେଇ ତୁମେ ଘର ଭାଙ୍ଗିବ କେମିତି ? ଅନାମ ଏସବୁ କହୁଥିଲା ବେଳେ ପୋଲିସ ବାବୁ ସେହି ସାମ୍ବାଦିକ ମହାନ୍ତି ବାବୁ ସହ ମିଶି ମୋ ହାତ ଧରି ଟଣା ଓଟରା କରି ଚାଲ ଥାନାକୁ କହିବାରୁ ଓ ମୋ ସ୍ୱାମୀଙ୍କୁ ବିନା ଦୋଷରେ ବାଡେଇବାରୁ ମୁଁ କାମୁଡି ଦେଇଥିଲି ତା ହାତକୁ ଅନ୍ୟ ଉପାୟ ନପାଇ । ସେମାନେ ମୋ ସ୍ୱାମୀଙ୍କୁ ଭିଡି ନେଲେ ଥାନାକୁ । ମିଛ ସତ ଦଫା ଲଗେଇ ଅନାମକୁ ହାଜତରେ ପୁରେଇ ଦେଲେ । ମୁଁ ଏଣିକି ମିଶ୍ର ବାବୁ ଆପଣଙ୍କ ଘରେ ଯାବତୀୟ ପାଇଟି କରିବି ମୋ ସ୍ୱାମିଟାକୁ ମୁକୁଳେଇବାର ବାଟ କର ଆଜ୍ଞା । ଟୋକା ଦଳ କେତେ ନାରାବାଜି ଦେଇ ଥାନା ଆଡକୁ ମାଡି ଚାଲୁଥିଲା ବେଳେ ମିଶ୍ର ବାବୁ ବୁଝେଇଥିଲେ ଆରେ ଆଜି ସହରର ଅବସ୍ଥା କଣ ହୋଇଛି ଦେଖୁଛଟି ? ଅପେକ୍ଷା କର କୋଉ ପାଣି କୁଆଡେ ଯାଉଛି ଦେଖି ଯାହା ଗୋଟେ ବ୍ୟବସ୍ଥା କରିବା ।

ଫେରିଗଲା ବେଳେ ଶାନ୍ତି ତାଙ୍କ ଗୋଡ଼ତଳେ ପଡି ଖାଲିପଡିଥିବା ରିକ୍ସାକୁ ଦେଖେଇ କହୁଥିଲା ମୋ ମରଦକୁ ମୁକୁଳେଇବାର ବାଟ କର ବାବୁ । ତା ଖାଲି ରିକ୍ସା ଦେଖି ମୋ ମୁର୍ଦ୍ଦନା ଫାଟିଯାଉଛି । ଫେରିଯାଉ ଯାଉ ଓ ସମସ୍ତଙ୍କୁ ଫେରେଇ ନେଉ ନେଉ ଓକିଲ ମିଶ୍ର ବାବୁ କହୁଥିଲେ ତୁ ଆଗ କାଲିଠୁ ଆମ ଘର କାମକୁ ଆସେ ଦେଖିବା । ଯାହା ହେଲେ ଗୋଟେ ଉପାୟ କରିବା ସେ ମହାନ୍ତି ବାବୁଙ୍କୁ କହି । ଶାନ୍ତି ଠିକ ବୁଝିଥିଲା ଏ ମିଶ୍ରବାବୁଙ୍କୁ । ମହାନ୍ତି ବାବୁ ଛଅ ହେଲେ ଏ ପରା ନଅ । ବିକଳରେ ଶାନ୍ତି ରିକ୍ସାବାଲା ସଙ୍ଘର ସଭାପତି କେଦାର ମାଝୀ ଘରକୁ ଯିବା ପୂର୍ବରୁ ନାକଗୁଣାଟାକୁ ଯତ୍ନରେ କାନିରେ ନଅ ଗଣ୍ଠି ଦେଇ ରଖି ଚାଲୁଥିଲା ରାସ୍ତାରେ ତ ଅବଧାନ ଦେଖାହେଲେ ବାଟରେ । ସବୁ ଶୁଣି କହିଲେ ଆଜି ସହରରେ କଣ ହୋଇଛି ଜାଣିଛୁ ତ? ନଅରାଷ୍ଟ୍ରର ନଅ ରାଷ୍ଟ୍ରପତି ଆସୁଛନ୍ତି ଆମ ଜଗନ୍ନାଥ ଦେଶକୁ । ଆଗକୁ ରାତି ପାହିଲେ ଦୁଇ ହଜାର ପଚିଶ ମସିହା ଆସୁଛି, ଯାହାର ସବୁ ଅଙ୍କ ଗଣିଲେ ସଂଖ୍ୟା ନଅ ହେବ । ନଅ ସଂଖ୍ୟା ଭାରି ଶୁଭ । ଦେଖିବୁ ତୋ ସ୍ୱାମୀ ଅନାମ ନିଶ୍ଚୟ ଫେରିଆସିବ କହି ହାତ ବଢ଼େଇ ନନା କହୁଥିଲେ ଦେଲୁ ଦେଲୁ ଦକ୍ଷିଣା କଣ ଅଛି ତୋ ପାଖେ ଆଜି ଅନୁକୂଳ ତୋରି ପାଖରୁ ହୋଇଯାଉ । ଶାନ୍ତି ଜଳଖିଆ ଖାଇବାକୁ ରଖିଥିବା ନଅ ଟଙ୍କାକୁ ଅବଧାନ ହାତରେ ଦେଇ ଧୂଆଁ ଧୂଆଁ ସହର ରାସ୍ତାରେ ଖୁବ ଜୋର ବର୍ଷାରେ ଆଗକୁ ବଢୁଥିଲା ଶାନ୍ତି ।



+ସାକ୍ଷୀଗୋପାଳ
ପୁରୀ

# ଫେବୃୟାରୀ ୨୧ରୁ ୨୩ ଅଖିଳ ଭାରତୀୟ ବିଶ୍ୱକର୍ମା ମହାସଂଘର ହୀରକ ଜୟନ୍ତୀ

ପୁରୀ, ୧୯/୨ (ନି।ପ୍ର): ଅଖିଳ ଭାରତୀୟ ବିଶ୍ୱକର୍ମା ମହାସଂଘର ହୀରକ ଜୟନ୍ତୀ ଚଳିତମାସ ୨୧ ରୁ ୨୩ ତିନି ଦିନ ଧରି ପୁରୀ ଟାଉନହଲ ଠାରେ ଅନୁଷ୍ଠିତ ହେବ। ଏ ସମ୍ପର୍କରେ ମଙ୍ଗଳବାର ମଧ୍ୟାହ୍ନରେ ଚକ୍ରତୀର୍ଥ ରୋଡ ସ୍ଥିତ ୟୁଥ ହଷ୍ଟେଲ ସଭାଗୃହରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଖିଳ ଭାରତୀୟ ସଭାପତି ଛେଦିଲାଲ ଶର୍ମା ବିଶ୍ୱକର୍ମା କହିଲେ ସାରା ଭାରତରେ ୧୯ ଲକ୍ଷ ବିଶ୍ୱକର୍ମା ରହିଛନ୍ତି । ସେମାନଙ୍କ ସାମାଜିକ, ରାଜନୈତିକ, ଆର୍ଥିକ ଓ ଧାର୍ମିକ ଉନ୍ନତି ପାଇଁ ସଂଘ ପ୍ରତି ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କୁ ଦାବି ଜଣାଇବ । ୧୯୧୮ ମସିହାରେ ପ୍ରଥମେ କଲିକତାରେ ଏହି ସଂଘ ଆରମ୍ଭ ହୋଇଥିଲା । ଏହାର ହୀରକ ଜୟନ୍ତୀ ଚାରିଧାମ ମଧ୍ୟରୁ ଅନ୍ୟତମ ଧାମ ପୁରୀର ଟାଉନହଲରେ ଅନୁଷ୍ଠିତ ହେବ । ଲୋକସଭା, ରାଜ୍ୟସଭା, ରାଜ୍ୟ ବିଧାନସଭା ଓ ଅନ୍ୟ ନିର୍ବାଚନରେ ବିଭିନ୍ନ ଦଳ ପକ୍ଷରୁ ବିଶ୍ୱକର୍ମାର ପ୍ରାର୍ଥୀଙ୍କୁ ସୁଯୋଗ ଦେବା ପାଇଁ ଦାବି କରିବେ । ନିଖିଳ ଉତ୍କଳ ବିଶ୍ୱକର୍ମା ସମିତିର ରାଜ୍ୟ ସଭାପତି ସୂର୍ଯ୍ୟନାରାୟଣ ମହାରଣା ସଭାପତିତ୍ୱ କରି କହିଲେ ଓଡ଼ିଶାରେ ବିଶ୍ୱକର୍ମା ଭାଇମାନଙ୍କ ଆର୍ଥିକ ଅବସ୍ଥା ଦୁର୍ବଳ ସ୍ଥିତିରେ ରହିଛି । ରାଜ୍ୟ ସାଧାରଣ ସମ୍ପାଦକ ମନୋରଞ୍ଜନ ମହାରଣା କହିଲେ ରାଜ୍ୟ ରାଜଧାନୀ ଭୁବନେଶ୍ୱର ଠାରେ ବିଶ୍ୱକର୍ମା ଭବନ, ବିଶ୍ୱକର୍ମା ସଂଗ୍ରହାଳୟ ଓ ବିଶ୍ୱକର୍ମା କୌଶଳ ବିକାଶ କେନ୍ଦ୍ର ପାଇଁ ଜମି ଯୋଗାଇ ଦେବା ପାଇଁ ସମ୍ମିଳନୀରେ ଆଲୋଚନା ହେବ । ଏହି ସମ୍ମିଳନୀରେ ଓଡ଼ିଶାରୁ ୫ଶହ ପ୍ରତିନିଧି ଓ ଭାରତର ବିଭିନ୍ନ ରାଜ୍ୟରୁ ୩ଶହ ପ୍ରତିନିଧି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ରାଜ୍ୟ ଉପସଭାପତି ଭାଗିରଥୀ ବିନ୍ଧାଣୀ, ଯୁଗ୍ମ ସମ୍ପାଦକ ପ୍ରମୋଦ ରଞ୍ଜନ ମହାରଣା, ପୁରୀ ସହର ସଭାପତି ହୃଷିକେଶ ମହାରଣା ଓ ସମ୍ପାଦକ ସଚ୍ଚିଦାନନ୍ଦ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ । ୨୨ ତାରିଖ ଶନିବାର ସଂଧ୍ୟାରେ ପୁରୀ ଲୋକସଭା ସାଂସଦ ଡ.ସମ୍ବିତ ପାତ୍ର, ପୁରୀ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ,ପୁରୀ ଏଇସପି ବିନିତ ଅଗ୍ରୱାଲ, ପୁରୀ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଏବଂ ୨୩ ତାରିଖ ସଂଧ୍ୟାରେ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତିଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଂଟିଆ, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ଓ ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସାମ୍ବାଦିକ ସମ୍ମିଳନୀରେ କର୍ମକର୍ତା ମାନେ ସୂଚନା ପ୍ରଦାନ କରିଛନ୍ତି ।

# ବିହାରକୁ ୪-୧ ଗୋଲରେ ହରାଇ ଭୁବନେଶ୍ୱର ଜଗା ୟୁନାଇଟେଡ ଦଳ ସେମିରେ ପ୍ରବେଶ

ସୋନପୁର, ୧୯/୨ (ନି।ପ୍ର): ୧୬ତମ ରାମଧୁନ କପ ସର୍ବ ଭାରତୀୟ ଫୁଟବଲ ଚାମ୍ପିୟନ ସିପ -୨୦୨୫ ଗାନ୍ଧୀ ଷ୍ଟାଡିୟମ ସୁବର୍ଣ୍ଣପୁର ଠାରେ ଆଜି ଦ୍ୱିତୀୟ ମ୍ୟାଚ ବିହାର ଦଳ ଓ ଭୁବନେଶ୍ୱର ଜଗା ୟୁନାଇଟେଡ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ମୁଖ୍ୟ ଅତିଥି ଭାବରେ ସୋନପୁର ଏସ ଡି ପି ଓ ଶ୍ରୀ ପ୍ରତାପ ଚନ୍ଦ୍ର ତ୍ରିପାଠୀ ଯୋଗ ଦେଇ ଆଜିର ମ୍ୟାଚ୍ କୁ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ସୋନପୁର ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଋଷି ମାଝୀ, ବକ୍ସର ବିହାର ଦଳ ର ଫ୍ରାଂଚାଇଜ୍ ଚନ୍ଦ୍ରମା ମୋଟର୍ସ ପ୍ରୋପାଇଟର ଶ୍ରୀ ପ୍ରଶାନ୍ତ ବାବୁ, ଭୁବନେଶ୍ୱର ଜଗା ୟୁନାଇଟେଡ ଦଳ ର ଫ୍ରାଂଚାଇଜ୍ ବଗଳା ଜ୍ୱେଲର୍ସ ପ୍ରୋପାଇଟର ରୁପେଶ ଅଗ୍ରୱାଲା, ଟ୍ରାକ୍ଟର ଅସୋସିଏସନ୍ ସଭାପତି କୋଶୋଳେଶ୍ୱର ବହିଦାର, ଉପଦେଷ୍ଟା ବୈକୁଣ୍ଠ ଶତପଥି, ଭେଟେରାନ ଫୁଟବଲର ଆଶାରାମ ନାଏକ, ସରୋଜ ଦାଶ, ମନୋଜ୍ ବାଗ, ବିଶ୍ୱାମିତ୍ର ନାଏକ୍, ତ୍ରିଲୋଚନ ଷାଣ୍ଢ, ବାବୁଲା ବେବର୍ତା, ପୁରୋଷୋତମ୍ ପାଣିଗ୍ରାହି ଯୋଗଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଆଜିର ଖେଳକୁ ମୁଖ୍ୟ ରେଫରୀ ଭାବେ ସୁବ୍ରତ ପୁରୋହିତ ପରିଚାଳନା କରିଥିବାବେଳେ ସୁଜିତ୍ ରାଜହଂସ, ଜିତୁ ପାତ୍ର ଲାଇନ୍ସ ମ୍ୟାନ ଓ ଫୋର୍ଥ ଅଫିସିଆଲ୍ ଭାବେ ସଞ୍ଜୀବ ସାହୁ ସହଯୋଗ କରିଥିଲେ। ପ୍ରବୁଦ୍ଧ କୁମାର୍ ଖେଳ ର ଧାରା ବିବରଣୀ ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ଭୁବନେଶ୍ୱର ଜଗା ୟୁନାଇଟେଡ ଦଳର ରକୀ ଓରାମଙ୍କୁ ପୁରସ୍କୃତ କରାଯାଇଛି। କ୍ଲବ୍ ସଂପାଦକ ପୀୟୂଷ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାକୁ ବିକାଶ ପଣ୍ଡା ସଂଯୋଜନା କରିଥିବା ବେଳେ ମନୋରଞ୍ଜନ ତ୍ରିପାଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ହଜାର ଦର୍ଶକ ଖେଳକୁ ଉପଭୋଗ କରିଥିବାବେଳେ ସୁବର୍ଣ୍ଣପୁରର ସମସ୍ତ ଫୁଟବଲ ପ୍ରେମୀ ଓ ରାମଧୁନ କ୍ଲବ ମଝିପଡ଼ାର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଭ୍ରଷ୍ଟାଚାର ବିରୋଧୀ ସଂଗଠନର ଆବାହକ ନିଯୁକ୍ତି

ଜୟପୁର, ୧୯/୨ (ନି।ପ୍ର): ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଙ୍ଗଠନର ରାଜ୍ୟ କମିଟିର ଅନୁମୋଦନ କ୍ରମେ ସାମାଜିକ କର୍ମୀ ଗଣତ୍ରେଟି ରାମବାବୁଙ୍କୁ କୋରାପୁଟ ଜିଲ୍ଲା ଆବାହକ ଭାବେ ନିଯୁକ୍ତି ଦିଆଯାଇଛି। ସଙ୍ଗଠନର ରାଜ୍ୟ ଆବାହକ ତଥା ବରିଷ୍ଠ ଆଇନଜୀବୀ ସୁବ୍ରତ କୁମାର ନନ୍ଦ ଏକ ପ୍ରେସ ବିବୃତିରେ ଏହା ପ୍ରକାଶ କରିବା ସଙ୍ଗେ ସଙ୍ଗେ ଆସନ୍ତା ଏକମାସ ମଧ୍ୟରେ ଜିଲ୍ଲାର ବିଭିନ୍ନ ଅଂଚଳ ଗସ୍ତ କରି ଜିଲ୍ଲା ସ୍ତରୀୟ କମିଟି ଗଠନ କରିବାକୁ ଗଣତ୍ରେଟି ରାମବାବୁଙ୍କୁ ଦାୟୀତ୍ୱ ଦିଆଯାଇଛି। କୋରାପୁଟ ଜିଲ୍ଲାରେ ବିଭିନ୍ନ ସରକାରୀ ଯୋଜନା ହେଉଥିବା ଦୁର୍ନୀତି ସମ୍ପର୍କରେ ତଥ୍ୟ ଅନୁସନ୍ଧାନ ପଇଁ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି।

## ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ଜିଲ୍ଲପାଳଙ୍କ ବୈଠକ

କେନ୍ଦ୍ରାପଡ଼ା, ୧୯/୨ (ନି।ପ୍ର): ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ବିଭାଗୀୟ ଅଧିକାରୀ ଙ୍କ ସହ ଏକ ବୈଠକ ଜିଲ୍ଲପାଳ ସ୍ମୃତି ରଂଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତିଙ୍କ ସମେତ ସମସ୍ତ ବିଡିଓ, ସମସ୍ତ ତହସିଲଦାର, ପୂର୍ତ୍ତ ବିଭାଗ ଯନ୍ତ୍ରୀ, ଗ୍ରାମ ଉନ୍ନୟନ ବିଭାଗ ଯନ୍ତ୍ରୀ ଓ ଜଳ ଯୋଗାଣ ପରିମଳ ବିଭାଗ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ। ଖରାଦିନ ଆସୁଥିବାରୁ ପାନୀୟ ଜଳ ଯୋଗାଣ, ଅଚଳ ନଳକୂପ ମରାମତି, ଜଳ ସଙ୍କଟ ଥିବା ଅଂଚଳରେ ଜନ ସାଧାରଣଙ୍କ ପାଇଁ ଟ୍ୟାଙ୍କରରେ ପାନୀୟ ଜଳ ଯୋଗାଣ ଆଦି ବିଷୟରେ ଆଲୋଚନା ହୋଇଥିଲା । ଏହା ସହ ରାସ୍ତାଘାଟ ମରାମତି ଓ ଆର୍ଥିକ ବର୍ଷ ଶେଷ ପୂର୍ବରୁ ଆରମ୍ଭ ହୋଇଥିବା କାର୍ଯ୍ୟକୁ ତୁରନ୍ତ ସାରିବା ପାଇଁ ବୈଠକରେ ଗୁରୁତ୍ୱ ଦିଆ ଯାଇଥିଲା । ସେହିଭଳି ବିଭିନ୍ନ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ଚୟନ ପ୍ରକ୍ରିୟାକୁ ତ୍ୱରାନିତ କରିବା ଓ ବିଭିନ୍ନ ଭତା ସମ୍ବନ୍ଧୀୟ ଆବେଦନ ପତ୍ର ଗୁଡିକୁ ଯାଂଚ କରି ଚୂଡାନ୍ତ ତାଲିକା ପ୍ରକାଶ କରିବା, କଚାଘର ସର୍ଭେ କାର୍ଯ୍ୟକୁ ତ୍ୱରାନିତ କରିବା, ତହସିଲରେ ବିଭିନ୍ନ ପ୍ରମାଣପତ୍ର ପ୍ରଦାନ କାର୍ଯ୍ୟକୁ ତ୍ୱରାନିତ କରିବା ସହ ବକେୟା ଜମିଜମା ମାମଲା ଗୁଡିକୁ ଫଏସଲା କରି ରାଜସ୍ୱ ଆଦାୟ ଲକ୍ଷ୍ୟକୁ ପୂରଣ କରିବା, ଭିନ୍ନକ୍ଷମ ମାନଙ୍କ ଭତା ପ୍ରଦାନ, ଟ୍ରାଇ ସାଇକେଲ ପ୍ରଦାନ ଆଦି କାର୍ଯ୍ୟ ସହିତ ବିଭିନ୍ନ ବିଭାଗରେ ପଡି ରହିଥିବା ପୁରୁଣା ମାମଲା ଗୁଡିକୁ ଫଏସଲା କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

# ଚାନ୍ଦଲି ପାହାଡ ପର୍ଯ୍ୟଟନସ୍ଥଳିକୁ ଜିଲ୍ଲାପାଳଙ୍କ ପରିଦର୍ଶନ: ଉନ୍ନୟନ ନେଇ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା

ବଲାଙ୍ଗିର, ୧୯/୨ (ନି।ପ୍ର): ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକଅନ୍ତର୍ଗତ ଦେଷଣ୍ଢର ଚାନ୍ଦଲିପାହାଡକୁ ରାଜ୍ୟ ସରକାର ଗତ ୧୦ ତାରିଖରେ ପର୍ଯ୍ୟଟନସ୍ଥଳି ଘୋଷଣା କରିଛନ୍ତି । ଆଜି ଏହି ପର୍ଯ୍ୟଟନସ୍ଥଳିର ବିକାଶ ନେଇ ଜିଲ୍ଲାପାଳ ଗୌରବଶୀବାଜୀ ଇସଲୱାର ଚନ୍ଦଲିପାହାଡ ଓ ଭୁଲିଆକଟକୁ ପରିଦର୍ଶନ କରିଛନ୍ତି । ଜିଲ୍ଲାପାଳ ଏହି ଅବସରରେ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରିବା ସହିତ ଏହାର ଉନ୍ନୟନ ନେଇ ଡ୍ରୋନସର୍ଭେ କରାଇବା ସହିତ ଡିପିଆର ପ୍ରସ୍ତୁତ କରିବାକୁ ଜିଲ୍ଲା ପର୍ଯ୍ୟଟନଅଧିକାରୀ ଓ ଦେଓଗାଁ ବିଡିଓଙ୍କୁ ନିର୍ଦ୍ଦେଶ କରିଛନ୍ତି । ଆଜି ଦିନ ୧୨ଟାରେ ଜିଲ୍ଲାପାଳ ଚାନ୍ଦଲି ପାହାଡରେ ପହଂଚିବା ପରେ ଚାନ୍ଦଲିପାହାଡ ମହୋତ୍ସବ କମିଟିର ଅଧ୍ୟକ୍ଷ ଲକ୍ଷ୍ମଣକୁମାର ମେହେର ଓ ଅଂଚଳବାସୀ ଜିଲ୍ଲାପାଳ ଶ୍ରୀ ଇସଲୱାରଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । ଆଲୋଚନା କାଳରେ ଶ୍ରୀ ମେହେର ଚାନ୍ଦଲି ପାହାଡରେ ଏକ ଯାତ୍ରୀନିବାସ, ସର୍ବସାଧାରଣ ଟୟଲେଟ, ପୂର୍ତରାସ୍ତାରୁ ଚାନ୍ଦଲିପାହାଡ ପର୍ଯ୍ୟନ୍ତ ଆଲୋକିକରଣ, ବ୍ୟାପକ ବନୀକରଣ, ଚାନ୍ଦଲିପାହାଡଠାରେ ଜଙ୍ଗଲ ବିଭାଗ ପକ୍ଷରୁ ଏକ ନର୍ସରୀ ସ୍ଥାପନ, ଭୁଲିଆକଟାର ପୁନଃରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ, ରାମନାଳାରେ ଦୁଇଟି ଚେକଡ୍ୟାମ ନିର୍ମାଣ କରିବା, ପାହାଡ ଉପରେ ଏକ ଭବ୍ୟ ହନୁମାନମନ୍ଦିର ନିର୍ମାଣ, ପାହାଡରେ ଥିବା ପ୍ରାକୃତିକ ଗୁମ୍ଫାଗୁଡିକର ସଫେଇ କାମ କରାଯିବାକୁ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଦାବି ରଖିଥିଲେ । ଖୁବ ଶୀଘ୍ର ଡିପିଆର ପ୍ରସ୍ତୁତ କରାଯାଇ ରାଜ୍ୟ ସରକାରଙ୍କୁ ଏଗୁଡିକର ପ୍ରସ୍ତାବ ଦିଆଯିବ ବୋଲି ଜିଲ୍ଲାପାଳ ଶ୍ରୀ ଇସଲୱାର ପ୍ରତିଶୃତି ଦେଇଥିଲେ । ଏଠାରୁ ସେ ଭୁଲିଆକଟା (ମେହେରକଟା)କୁ ମଧ୍ୟ ପରିଦର୍ଶନ କରି ଜଙ୍ଗଲବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କୁ ପଠାଯାଇଥିବା ୬ କୋଟି ୭୬ ଲକ୍ଷ ଟଙ୍କାର ଡିପିଆରକୁ କାର୍ଯ୍ୟାକାରୀ କରିବାକୁ ରାଜ୍ୟ ସରକାରଙ୍କୁ ଜିଲ୍ଲାପାଳ ପଠାଇବେ ବୋଲି କହିଥିଲେ । ପ୍ରକାଶ ଯେ, ଦେଷଣ୍ଢ ଅଂଚଳ ସରକାରଙ୍କ ଆଦିବାସୀ ମାଡା ପକେଟ ଯୋଜନାରେ ରହିଛି । କିନ୍ତୁ, ତଥାପି ଶହଶହ ସଂଖ୍ୟାରେ ଲୋକ ଏଠାରୁ ଦାଦନ ଖଟିବାକୁ ଯାଉଛନ୍ତି । ଚାନ୍ଦଲି ପାହାଡର ତଥା ଭୁଲିଆକଟାର ପର୍ଯ୍ୟଟନସ୍ଥଳିର ବିକାଶ ହେଲେ ଏହି ଅଂଚଳର ଲୋକ ଏଠାରୁ ରୋଜଗାର ପାଇବେ ବୋଲି ଉପସ୍ଥିତ ମହିଳାମାନେ ଜିଲ୍ଲାପାଳଙ୍କ ପାଖରେ ଦାବି କରିଥିଲେ । ଏହା ସହିତ ଦେଷଣ୍ଢ ଗାଁରେ ପାନୀୟଜଳର ସୁବିଧା ପାଇଁ ମଧ୍ୟ ମହିଳାମାନେ ଜିଲ୍ଲାପାଳଙ୍କ ପାଖରେ ଦାବି ରଖିଥିଲେ । ଏହି ପର୍ଯ୍ୟଟନସ୍ଥଳିକୁ ଖୁବଶୀଘ୍ର ଇକୋଟୁରିଜମରେ ସାମିଲ କରାଯିବାକୁ ପ୍ରସ୍ତାବ ପଠାଯିବ ବୋଲି ଆଲୋଚନା ହୋଇଥିଲା । ଜିଲ୍ଲାପାଳଙ୍କ ଆଜିର ଏହି ପରିଦର୍ଶନ ସମୟରେ ଦେଓଗାଁ ବିଡିଓ ପ୍ରୀୟରଂଜନ କୁମ୍ଭାର, ଜିଲ୍ଲା ପର୍ଯ୍ୟଟନଅଧିକାରୀ ଦାୟିତ୍ୱରେ ଥିବା ସଂସ୍କୃତି ଅଧିକାରୀ ରଶ୍ମୀରଂଜନ ମିଶ୍ର, ଦେଷଣ୍ଢ ସରପଂଚ ଯଶୋଦା ମେହେର, ପୂର୍ବତନ ସରପଂଚ ସ୍ୱୟଂମ୍ବର ମେହେର, ସଂଗଠକ ଘାସିରାମ ରଣା, ପୂର୍ବତନ ସରପଂଚ ସୁରେନ୍ଦ୍ର ସାଏ, ରାଧେଶ୍ୟାମ ମେହେର, ଦୀନବନ୍ଧୁ ମେହେର, ରଘୁ ରଣା, ଅଶୋକ କୁମାର ସାଏ, ଇନ୍ଦ୍ରଜିତ ରାଉତ, କଳାକାର ବେହେରା, ରବିନ୍ଦ୍ର ସାଏ, ରାଜେନ୍ଦ୍ର ସାଏ, ମନୋରଂଜନ ନାଏକ, ତ୍ରୀଲୋଚନ ରଣା ଓ ବିରବଲ ରଣା, ଗୌରାଙ୍ଗ ମେହେର, ବିଦ୍ୟାଧର ନାଏକ, ସନ୍ତୋଷିନୀ ରଣା, ଜ୍ୟୋସ୍ନା ନାଏକ, ଗୋପିନାଥ ରାଉତ ପ୍ରମୁଖଙ୍କ ସହ ଶତାଧିକ ପୁରୁଷ/ମହିଳା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ମୋ ଜଗନ୍ନାଥ ସାଗର ଟ୍ରଷ୍ଟର ବୈଠକ

ଜୟପୁର, ୧୯/୨ (ନି।ପ୍ର): ଜୟପୁର ସ୍ଥିତ ଗୀତା ଭବନ ଠାରେ ' ମୋ ଜଗନ୍ନାଥ ସାଗର ଟ୍ରଷ୍ଟ ' ର ଆହ୍ୱାନ କ୍ରମେ ସମସ୍ତ ସହରର ବୃଦ୍ଧିଜୀବୀ ଗଣ ଉପସ୍ଥିତ ହୋଇ ସାଗରର ପୁନରୁଦ୍ଧାର ବିଷୟରେ ଆଲୋଚନା କରିଥିଲେ । ପ୍ରଥମେ ସଭାପତି ସ୍ୱାଗତ ଅଭିଭାଷଣ ଦେଇ ସାଗରର ଇତିହାସ ବିଷୟରେ ଅବଗତ କରାଇ ୨୦୧୩ ମସିହା ଠାରୁ ସାଗର ପୁନଃରୁଦ୍ଧାର ନିମିତ ଟ୍ରଷ୍ଟ ମାଧ୍ୟମରେ କରାଯାଇଥିବା ବିଭିନ୍ନ କାର୍ଯ୍ୟର ବିବରଣୀ ପ୍ରଦାନ କରିବା ସହ ସମିତିର ସଦସ୍ୟ ଗଣ ମୁଖ୍ୟମନ୍ତ୍ରୀଙ୍କୁ ସଂପର୍କ କରିବା ପରେ ମାନନୀୟ ମନ୍ତ୍ରୀ ସ୍ଥାନୀୟ କଲେକ୍ଟର ମୋହାଦୟଙ୍କୁ ପ୍ରଗତିର ସୂଚନା ମାଗିଥିବା ସତ୍ତ୍ୱେ କୌଣସି କାର୍ଯ୍ୟ ହେଉନଥିବା ସୂଚନା ଦେଇଥିଲେ । ଏହାପରେ ସମସ୍ତ ବୁଦ୍ଧିଜୀବି ନିଜନିଜ ମତା ମତ ଦେଇ ଜନଜାଗରଣ ସହ କାର୍ଯ ପ୍ରଗତି ନହେଲେ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେବେ ଓ ଗୋଟିଏ ଦିନ ପାଇଁ ଜୟପୁର ସହର ବନ୍ଦ କରିବା ନିମିତ ନିଷ୍ପତି ନିଆଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ସମିତି ର ସଦସ୍ୟ ରଜନୀକାନ୍ତ ନାୟକ, ସତିଶ ନନ୍ଦ, ନିରଞ୍ଜନ ପାଣିଗ୍ରାହି, ବାରିଗଡା ଚନ୍ଦ୍ର ଶେଖର, ହର ମିଶ୍ର, ରଘୁ ତ୍ରିପାଠୀ, କୁନ ମୁନ ପାଣିଗ୍ରାହି, ବିଜେପିର ଟାଉନ ସଭାପତି ଏସ. ମନୋଜ କୁମାର, ହିମାଂଶୁ ମହାପାତ୍ର, ବଦ୍ୟନାଥ ମିଶ୍ର, ଧିରେନ୍ ମୋହନ ପଟ୍ଟନାୟକ, ସୁବାଷ ରାଉତ, ଅରୁଣ ଭଟ୍ଟ ମିଶ୍ର, ସୁଧୀର ତ୍ରିପାଠୀ, ସନ୍ତୋଷ ସାହୁ, ଝୁନୁ ପଣ୍ଡା, ଜାନକୀ ପାଣିଗ୍ରାହି, ନବକୃଷ୍ଣ ରଥ, କିରଣ କୁମାର ମିଶ୍ର, ପ୍ରଶାନ୍ତ ହୃଦୟ ସାହୁ, ରାଧେଶ୍ୟାମ ପରିଡ଼ା, ଭବାନୀ ଶଙ୍କର ମିଶ୍ର , ଦଣ୍ଡପାଣି ପଟ୍ଟନାୟକ, ସୁରେଶ ହୋତା, ଭଜନ ସିଂ, ସୁଧାକର ପଟନାୟକ, ପ୍ରତାପ ପଟ୍ଟନାୟକ, ସଞ୍ଜୟ ପାତ୍ର ସମସ୍ତଙ୍କ ପ୍ରୋତ୍ସାହନରେ 'ଜଗନ୍ନାଥ ସାଗର ସଂଘର୍ଷ ସମିତି' ଗଠନ କରାଗଲା । ସାଗରର ସମସ୍ତ ପୁନରୁଦ୍ଧାର କାର୍ଯ ସମିତି ମାଧ୍ୟମରେ କରିବା ନିଷ୍ପତି କରାଗଲା ।

# ଭାନପୁର ପଂଚାୟତ ଅନ୍ତର୍ଗତ ୯ ଖଣ୍ଡ ଗ୍ରାମବାସୀଙ୍କୁ ଏକତ୍ର କଲା ପୋଲିସର ଜନସମ୍ପର୍କ ଶିବିର

ବଲାଙ୍ଗୀର, ୧୯/୨ (ନି।ପ୍ର): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଭାନପୁର ପଂଚାୟତ ଅନ୍ତର୍ଗତ ବୁରୋମାଲ ଗ୍ରାମରେ ୯ ଖଣ୍ଡ ଗ୍ରାମବାସୀଙ୍କୁ ଏକତ୍ର କରି ଜିଲ୍ଲା ପୋଲିସ ପକ୍ଷରୁ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଏକଦା ମାଓଗଡ ଭାବେ ପରିଚିତ ଥିବା ଏହି ଅଂଚଳରେ ଲୋକଙ୍କ ସହ ସମ୍ପର୍କ କେମିତି ସୁଦୃଢ ହେବ ଓ ଲୋକଙ୍କ ବିଶ୍ୱାସ ଭାଜନ ହେବା ଏହି ଶିବିରର ମୂଳ ଉଦ୍ଦେଶ୍ୟ ଏବଂ ଲକ୍ଷ। ତେବେ ଏହି ପରିପ୍ରେକ୍ଷୀରେ ଜିଲ୍ଲା ପୋଲିସ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରଯାଇଥିଲା। ଏହି ଅବସରରେ ପାଟଣାଗଡ଼ ଏସ୍‌ଡିପିଓ ସଦାନନ୍ଦ ପୂଝାରୀ, ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଅତିରିକ୍ତ ତହସିଲଦାର ସତ୍ୟ ପ୍ରକାଶ ରାଉତରାୟ ଉପସ୍ଥିତ ଥିବା ବେଳେ ଜିଲ୍ଲା ପୋଲିସର ବହୁ ଅଧିକାରୀ, ସ୍ଥାନୀୟ ଥାନା ଅଧିକାରୀ ନରେନ୍ଦ୍ର ଛତ୍ର, ଖପ୍ରାଖୋଲ ଡିଭିଏଫ୍ ଦଳ ଇନ୍ସପେକ୍ଟର ଜୟନ୍ତ ମହାପାତ୍ର, ଖପ୍ରାଖୋଲ ଏସ୍‌ଓଜି ଟିମ ଇନଚାର୍ଜ ରମାକାନ୍ତ ଭୋଇ, ହରିଶଙ୍କର ଫାଣ୍ଡି ଇନଚାର୍ଜ ସେୱାନ କେରକେଟା, ଏଏସ୍‌ଆଇ ନବୀନ ଭୋଇଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ପୋଲିସ ଲୋକଙ୍କ ପାଇଁ ରହିଛି ଏବଂ ଲୋକେ ପୋଲିସକୁ ସହଯୋଗ କରିବା ସହ ନିଜର ସମସ୍ୟା ଜଣାଇଲେ ତାହର ସମାଧାନ ପୋଲିସ କରିବ ବୋଲି ଏସ୍‌ଡିପିଓ ଶ୍ରୀ ପୂଝାରୀ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିବା ବେଳେ ଲୋକଙ୍କ ପାଇଁ ୟୁଥ ବ୍ଲଡ଼ ଡୋନର ଗ୍ରୁପ ଏବଂ ମହାନଦୀ ନେତ୍ର ଚିକିତ୍ସାଳୟ ତରଫରୁ ମାଗଣା ଚକ୍ଷୁ ପରୀକ୍ଷା ଓ ମାଗଣା ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରି ସ୍ୱାସ୍ଥ୍ୟ ପରୀକ୍ଷା ସହ ଲୋକଙ୍କୁ, ଯୁବକ ଯୁବତୀ ଓ ଛାତ୍ର ଛାତ୍ରୀଙ୍କୁ ବିଭିନ୍ନ ସାମଗ୍ରୀ ପ୍ରଦାନ କରଯାଇଥିଲା। ଏହା ସହ ସ୍ଥାନୀୟ ଯୁବପିଢିଙ୍କୁ ନେଇ ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲୋକେ ମଧ୍ୟ ଏହି କାର୍ଯ୍ୟକ୍ରମକୁ ନେଇ ବିଶେଷ ଖୁସି ପ୍ରକାଶ କରିବା ସହ ପୋଲିସ ପ୍ରଶାସନର ନିକଟତର ହୋଇ ଥିବା ମତବ୍ୟକ୍ତ କରିଛନ୍ତି।

# ଫୁଲବାଣୀ ବନାଚଂଳ ଅନ୍ତର୍ଗତ ମୁଳାରୁଜାଙ୍ଗୀ ଗ୍ରାମରେ ଜଙ୍ଗଲ ନିଆଁ ଜନିତ ସଚେତନତା କାର୍ଯ୍ୟକ୍ରମ

କନ୍ଧମାଳ, ୧୯/୨ (ନି।ପ୍ର): କନ୍ଧମାଳରେ ଚଳିତ ବର୍ଷ ଶୀତର ପ୍ରକୋପ ନଗଣ୍ୟ ଥିବାବେଳେ ଫେବୃଆରୀ ମାସରୁ ହିଁ ଗ୍ରୀଷ୍ମ ଋତୁର ପ୍ରଭାବ ଅନୁଭୂତ ହେଉଛି। ଆଗକୁ ସମଗ୍ର କନ୍ଧମାଳରେ ଜଙ୍ଗଲ ନିଆଁ କୁ ରୋକିବା ପାଇଁ ଜଙ୍ଗଲ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା ଏବଂ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ଫୁଲବାଣୀ ବନାଚଂଳ ଅନ୍ତର୍ଗତ ମୁଳାରୁଜାଙ୍ଗୀ ଗ୍ରାମରେ ଆଜି ଜଙ୍ଗଲ ନିଆଁ ପ୍ରତିରୋଧ ଓ ନିରାକରଣ ସମ୍ପର୍କରେ ଏକ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଫଲବାଣୀ ବନଖଣ୍ଡ ଅଧିକାରୀ ପ୍ରଶାନ୍ତ କୁମାର ପଟେଲ ଯୋଗ ଦେଇ ଜଙ୍ଗଲ ଓ ପରିବେଶ ସୁରକ୍ଷା ହେଲେ ପ୍ରକୃତି ମଧ୍ୟ ସୁରକ୍ଷିତ ରହିବ ତେଣୁ ଯେକୌଣସି ବ୍ୟକ୍ତି ଅଜ୍ଞତା ବସତଃ କିମ୍ବା ଜାଣିଶୁଣି ନିଆଁ ଲଗାଉଛନ୍ତି ସେମାନେ ଆଇନତଃ ଅପରାଧୀ ଅଟନ୍ତି। ସେମାନଙ୍କୁ ଏଥିରୁ ବାରଣ କରିବା ସହିତ ଜଙ୍ଗଲରେ ନିଆଁ ଲାଗିଥିଲେ ତୁରନ୍ତ ତାକୁ ଲିଭାଇବା କିମ୍ବା ବନ ସଂରକ୍ଷଣ ସମିତି ଓ ଜଙ୍ଗଲ ବିଭାଗର ବନପାଳଙ୍କୁ ସୁଚନା ଦେବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ଅନ୍ୟତମ ଅତିଥି ଭାବେ ଫୁଲବଣୀ ର ବରିଷ୍ଠ ସମାଜସେବୀ ତଥା ସାମ୍ବାଦିକ ପ୍ରଶାନ୍ତ କୁମାର ବେହେରା ଯୋଗ ଦେଇ, ଜଙ୍ଗଲ ନ ରହିଲେ ଗ୍ରାମାଚଂଳର ଲୋକମାନଙ୍କ ଜୀବନ ଜୀବିକା ବାଧାପ୍ରାପ୍ତ ହେବା ସହ ପ୍ରକୃତରେ ବିପର୍ଯ୍ୟୟ ଦେଖା ଦେବ। ଏପରି ପରିସ୍ଥିତି ରହିଲେ ମନୁଷ୍ୟ ସମାଜକୁ ପାଣି ଓ ଅମ୍ଳଜନ ମମଧ ମିଳିବ ନାହିଁ। ଫଳରେ ମନୁଷ୍ୟ ଏବଂ ଜୀବ ଜଗତ ଲୋପ ପାଇଯିବ । ଜଙ୍ଗଲ ଗ୍ରାମବାସୀଙ୍କ ସମ୍ପଦ ଅଟେ ତାର ସୁରକ୍ଷା ସେମାନଙ୍କ ଦାୟିତ୍ୱ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଫୁଲବାଣୀ ବନାଚଂଳ ଅଧିକାରୀ ଶିବାନନ୍ଦ ଲେଙ୍କା ପରିଚାଳନା କରିଥିଲେ। ପରେ ଉପସ୍ଥିତ ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ବନ ସଂରକ୍ଷଣ ସମିତି ର ସଦସ୍ୟ ମାନଙ୍କୁ ଅଂଚଳର ବନପାଳ ସରୋଜ କୁମାର ମିଶ୍ର ଜଙ୍ଗଲ ସୁରକ୍ଷା ପାଇଁ ଏକ ଶପଥ ପାଠ କରାଇଥିଲେ। ଶେଷରେ ଫୁଲବାଣୀ ବନଖଣ୍ଡ ଅଧିକାରୀ ଉପସ୍ଥିତ ସମସ୍ତ ବନ ସଂରକ୍ଷଣ ସମିତି ଓ ମହିଳା ମାନଙ୍କୁ ବସ୍ତ୍ର ବିତରଣ କରିଥିଲେ। କାର୍ଯ୍ୟକ୍ରମରେ ବନ ସଂରକ୍ଷଣ ସମିତିର ସଭାପତି ହରପ୍ରସାଦ କହଁର ଓ ଜଙ୍ଗଲ ବିଭାଗ ର କର୍ମଚାରୀ ରଶ୍ମିରଞ୍ଜନ ପଟ୍ଟନାୟକ, ବିଦ୍ୟୁତଲତା କହଁର, ଗାୟତ୍ରୀ ଗୌଡ, ଲିଜା ପାଢ଼ୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

# ରବିଚନ୍ଦନ ମେମୋରିଆଲ କ୍ରିକେଟ ଉଦ୍‌ଯାପିତ ଚମ୍ପିୟାନ କୁଟୁମଡୋଲା ଦଳକୁ ପୁରସ୍କୃତ କଲେ ନରସିଂହ

ବଲାଙ୍ଗୀର, ୧୯/୨ (ନି।ପ୍ର): ମାଧିଆପାଲି ପଂଚାୟତ ର ବୀରମୁଣ୍ଡା ଠାରେ ରବିଚନ୍ଦନ ସ୍ମୃତି କମିଟି ତରଫରୁ ରବିଚନ୍ଦନ ମେମୋରିଆଲ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଅଛି। ୫ ଦିନ ବ୍ୟାପି ଚାଲିଥିବା ଏହି ପ୍ରତିଯୋଗିତାରେ ଏହି ଅଂଚଳର ୧୬ ଗୋଟି ଦଳ ଭାଗ ନେଇଥିଲେ। ଆଜି ଅନୁଷ୍ଠିତ ହୋଇଥିବା ଫାଇନାଲ ଖେଳ କୁଟୁମଡୋଲା ଓ ଖୁଂଟପାଲି ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସଂଘର୍ଷପୂର୍ଣ୍ଣ ଫାଇନାଲ ଖେଳରେ କୁଟୁମଡୋଲା ଏକାଦଶ ଖୁଣ୍ଟପାଲି ଏକାଦଶ ଠାରୁ ୫ ୱିକେଟ ରେ ବିଜୟୀ ହୋଇ ଚମ୍ପିୟାନ ଘୋଷିତ ହୋଇଅଛି। ଉଦ୍‌ଯାପନି ଉତ୍ସବରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଯୋଗଦେଇ କହିଥିଲେ ଏ ଅଂଚଳରେ ଖେଳ ପଡିଆ ନ ଥିବା ସତ୍ତ୍ୱେ ଖେଳାଳିମାନେ ହତୋତ୍ସାହିତ ନ ହୋଇ ଏହି ପ୍ରତିଯୋଗିତାକୁ ଦ୍ୱିତୀୟ ବର୍ଷରେ ପହଂଚାଇଛନ୍ତି। ସୁନ୍ଦରଗଡ ଜିଲ୍ଲାରେ ଯେପରି ଭିତିଭୂମି ନ ଥାଇ ଅତିତରେ ଅନେକ ହକି ଖେଳାଳି ବାହାରିଥିଲେ ଏବଂ ପରବର୍ତି ସମୟରେ ସରକାର ବାଧ ହୋଇ ସେ ଅଂଚଳର ହକି ଭିତିଭୂମିକୁ ବିକାଶ କରିଥିଲା ସେଥିରୁ ଆମକୁ ଅନେକ କିଛି ଶିଖିବାର ଅଛି। ଆମେ ଧର୍ଯ୍ୟହରା ନହୋଇ ଖେଳ ଓ ପ୍ରତିଯୋଗିତା ଆୟୋଜନକୁ ଜାରି ରଖିବା ଦରକାର। ଏହା ନିଶ୍ଚିତ ଭାବେ ଭବିଷ୍ୟତରେ ଆମକୁ ଭିତିଭୂମି ଯୋଗାଇବାକୁ ସହାୟକ ହେବ। ମୁଁ ଚେଷ୍ଟା କରିବି ଏ ଅଂଚଳରେ ଜମିର କିସମକୁ ଦେଖି କେଉଁଠି ଯୁବକମାନଙ୍କ ପାଇଁ ଏକ ଖେଳ ପଡିଆ ତିଆରି କରିହେବ ସେ ଦିଗରେ ପଦକ୍ଷେପ ନେବି ବୋଲି ଶ୍ରୀ ମିଶ୍ର କହିଥିଲେ। ଶ୍ରୀ ମିଶ୍ର ଚମ୍ପିୟାନ ଦଳକୁ ନଗଦ ରାଶି ୧୪ହଜାର ସହ ଚମ୍ପିୟାନ ଟ୍ରଫି ପ୍ରଦାନ କରିଥିଲେ। ରନର୍ସ ଦଳକୁ ୧୦ହଜାର ଟଙ୍କା ନଗଦ ରାଶି ପୁରସ୍କୃତ କରାଯାଇଥିଲା। ଫାଇନାଲ ଖେଳ ରେ ମ୍ୟାନ୍ ଅଫ୍ ଦି ମ୍ୟାଚ ବୁଲୁ ବାରିକ କୁ ପୁରସ୍କୃତ କରାଯାଇଥିଲା। ଏହି ପ୍ରତିଯୋଗିତାକୁ ବୀରମୁଣ୍ଡା ଅଂଚଳର ରୋଶନ ପ୍ରଧାନ, ମନୁ ନାଗ, ଶିଶୁପାଲ ସୁନା, ଋଷି ମହାନନ୍ଦ, ଟୁନା ନାଗ, ରଶ୍ମି ରଂଜନ ସାଗର ପରିଚାଳନା କରିଥିବା ବେଳେ ଗୌନ୍ତିଆ ତ୍ରିନାଥ ରାଉତ ଓ ଅନ୍ୟାନ୍ୟ ଲୋକେ ଉପସ୍ଥିତ ଥିଲେ।

## ଜିଲ୍ଲା କୋଷାଗାର ତରଫରୁ ସ୍ୱାସ୍ଥ୍ୟ ଶିବିର

କେନ୍ଦ୍ରାପଡ଼ା, ୧୯/୨ (ନି।ପ୍ର): କେନ୍ଦ୍ରାପଡା ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଅନୁରୋଧ କ୍ରମେ ଜିଲ୍ଲା କୋଷାଗାର ତରଫରୁ ପେନ୍‌ସନ୍‌ଭୋଗୀଙ୍କ ନିମନ୍ତେ ଏକ ସ୍ୱାସ୍ଥ୍ୟ ଶିବିର କୋଷାଗାର କାର୍ଯ୍ୟାଳୟ ପରିସରରେ ଆୟୋଜନ କରାଯାଇଥିଲା । ଏହି ସ୍ୱାସ୍ଥ୍ୟ ଶିବିରକୁ ଜିଲ୍ଲା କୋଷାଗାର ଅଧିକାରୀ ପ୍ରମୋଦ କୁମାର ରାଉତ ଉଦ୍‌ଘାଟନ କରିଥିଲେ। କେନ୍ଦ୍ରାପଡା ସହରା ଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅତିରିକ୍ତ ପ୍ରୋଗ୍ରାମ ମ୍ୟାନେଜର ମମତା ଦାସଙ୍କ ତତ୍ତ୍ୱାବଧାନରେ ଡାକ୍ତର ମିର୍ଜା ବାବର ବେଗ୍, ଡାକ୍ତର ସନ୍ଦୀପ ମହାନ୍ତି ଓ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀ ଏବଂ ଟେକ୍‌ନିସିଆନ୍‌ଙ୍କ ସହଯୋଗରେ ଶତାଧିକ ବରିଷ୍ଠ ନାଗରିକ ତଥା ପେନ୍‌ସନ୍‌ଭୋଗୀଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ଦେଇଥିଲେ ।

# ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର ରଣମେଳା ଏବଂ ଆର୍ଥିକ ସ୍ୱାକ୍ଷରତା କାର୍ଯ୍ୟକ୍ରମ

ବଲାଙ୍ଗୀର, ୧୯/୨ (ନି।ପ୍ର): ସ୍ଥାନୀୟ ଆରଆଇଟିଇ ବଲାଙ୍ଗୀର ଠାରେ ନାବାର୍ଡ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଏବଂ ବିଡିସିସି ବ୍ୟାଙ୍କ ମିଳିତ ସହଭାଗିତାରେ ଏକ ସ୍ୱତନ୍ତ୍ର ରଣମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଜିଏମ୍ ନାବାର୍ଡ ଡ.ସୁଧାଂଶୁ କେକେ ମିଶ୍ର, ଡିଜିଏମ୍ ନାବାର୍ଡ କମଳକାନ୍ତ ପଟ୍ଟନାୟକ, ଅଧ୍ୟକ୍ଷ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ସୂର୍ଯ୍ୟକାନ୍ତ ଦାଶ, ଡିଡିଏମ୍ ନାବାର୍ଡ ଡ. ବିବେକ କୁମାର ନାୟକ, ବିଡିସିସି ବ୍ୟାଙ୍କ ସଭାପତି ସ୍ମାରକ ରଂଜନ ମିଶ୍ର, ଏମ୍ ?ଡିସିଓ ବିଡିସିସି ହରିଶ ଦାଶ , ଏଲ୍‌ଡିଏମ୍ ବଲାଙ୍ଗିର ପ୍ରଶାନ୍ତ କୁମାର ବେହେରା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ରଣମେଳାରେ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ତରଫରୁ ଏଫ୍‌ପିଓ ୪୨ଟି ରଣ ୧କୋଟି ୫୩ଲକ୍ଷ ଟଙ୍କାର ରଣ ପ୍ରଦାନ କରାଯାଇଥିଲା। ବିଡିସିସି ବଲାଙ୍ଗିର ଦ୍ୱାରା ୨୨୦ ଗୋଟି ରଣ ୨କୋଟି ୭୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା ଓ ଅନ୍ୟାନ୍ୟ ବ୍ୟାଙ୍କମାନଙ୍କ ଦ୍ୱାରା କ୍ଷୁଦ୍ର ବ୍ୟବସାୟ, ସ୍ୱୟଂ ସହାୟକ ଗୋଷ୍ଠି, ଏଫ୍ ?ପିଓ ଫାଇନାନ୍ସ, କୃଷି ରଣ ୨୬୨ ଟି ୪କୋଟି ୨୩ ଲକ୍ଷ ଟଙ୍କା ବିଭିନ୍ନ ହିତାଧିକାରୀମାନଙ୍କୁ ଚେକ୍ ପ୍ରଦାନ କରାଯାଇଥିଲା। ଏହି ରଣମେଳା ଦ୍ୱାରା ବଲାଙ୍ଗିର ଜିଲ୍ଲାର କ୍ଷୁଦ୍ର ବ୍ୟବସାୟ, ମହିଳା ସ୍ୱୟଂ ସହାୟକ ଗୋଷ୍ଠି ଏବଂ କୃଷକମାନେ ବହୁତ ମାତ୍ରାରେ ଉପକୃତ ହେଲେ। ଉକ୍ତ ସଭାରେ ବଲାଙ୍ଗିର ଜିଲ୍ଲାର ସମସ୍ତ ବ୍ଲକରୁ ଉପସ୍ଥିତ ଥିବା ଅଗ୍ରଣୀ ଚାଷୀ ଭାଇ ଓ ଭଉଣୀମାନଙ୍କୁ ସମ୍ମାନିତ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସମସ୍ତ ସୁବିଧା କିପରି ଲୋକାଭିମୁଖି ହୋଇ ପାରିବ ସଭାରେ ବିସ୍ତୃତ ଭାବେ ଆଲୋଚନା କରାଗଲା। ଏହି ରଣ ସହାୟତାକୁ ଉପଯୋଗ କରି ମହିଳାମାନେ କିପରି ଆତ୍ମ ନିର୍ଭରଶିଳ ହେବେ ଓ ପରିବାରର ଅର୍ଥିକ ମାନଦଣ୍ଡ ଉନ୍ନତି କରିବେ ସେଥିପାଇଁ ନାବାର୍ଡ ଏବଂ ଗ୍ରାମୀଣ ଅଂଚଳରେ ଥିବା ବ୍ୟାଙ୍କ ଗୁଡିକ ସଦା ତର୍ପର ରହିବା ପାଇଁ ଉକ୍ତ ସଭାରେ ନାବାର୍ଡର ସିଜିଏମ୍ ଦର୍ଶାଇଥିଲେ। ବଲାଙ୍ଗୀରର କଳାକାରମାନଙ୍କ ଦ୍ୱାରା ଏକ ଲଘୁ ନାଟକ ସାମାଜିକ ସୁରକ୍ଷା, ସରକାରୀ ଯୋଜନା ଏବଂ ଡିଜିଟାଲ ଆର୍ଥିକ ସ୍ୱାକ୍ଷରତା ଓ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏହି ସଭାରେ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କର ଆଂଚଳିକ ପ୍ରବନ୍ଧକ ସୂର୍ଯ୍ୟକାନ୍ତ ସାହୁ, ସ୍ମୃତି ରଂଜନ ମିଶ୍ରେ, କମଲ ଲୋଚନ ପଟେଲ, ମନୋରଂଜନ ସ୍ୱାଇଁ, ମୁକେଶ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ

କେନ୍ଦ୍ରାପଡ଼ା, ୧୯/୨ (ନି।ପ୍ର): ଆଜି ଗୋପ ରାମମନ୍ଦିର ପରିସରରେ କେନ୍ଦ୍ରାପଡା ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀ ମାନଙ୍କର ଏକ ବୈଠକ ସଭାପତି ଡକ୍ଟର ଉପେନ୍ଦ୍ର ନାଥ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକର ପ୍ରାରମ୍ଭରେ ଉପଦେଷ୍ଟା ଅଧ୍ୟାପକ ଅଜୟ ସାମଲ ସମସ୍ତଙ୍କୁ ସ୍ୱାଗତ ଏବଂ ଅଭିନନ୍ଦନ କରିବା ସହ କେନ୍ଦ୍ରାପଡା ଜିଲ୍ଲା କୃଷି ଭିତିକ ହୋଇଥିବାରୁ କୃଷିର ବିକାଶ ପାଇଁ ସଂଗଠନ ତରଫରୁ ଶୀତଳ ଭଣ୍ଡାର ପ୍ରତିଷ୍ଠା, ଜଳସେଚନ ଓ ନିଷ୍କାସନର ସୁବିଧା, ଗୋଡାଉନ୍ ଘର ପତିଷ୍ଠା ଏବଂ ବିଶେଷ କରି ଅର୍ଥ ଉପାର୍ଜନ କରି ଫସଲ ଉପରେ ସରକାର ପ୍ରୋତ୍ସାହନ ଦେବାକୁ କୃଷି ବିଭାଗ ପାଖରେ ଦାବି କରିବାକୁ ପରାମର୍ଶ ଦେଇଥିଲେ। ଦିଲ୍ଲୀପ କୁମାର ମିଶ୍ର ଏ ବର୍ଷ ବିଭିନ୍ନ ସ୍ଥାନରେ ହୋଇଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେବା ସହ ଆଗାମୀ ଦିନରେ ଘରପୋଡି ଏବଂ ଅନ୍ୟାନ୍ୟ ଅସୁବିଧାରେ ପଡିଥିବା ଲୋକମାନଙ୍କୁ ସଂଗଠନ ତରଫରୁ ସହାୟତା ଦେବାପାଇଁ ମତାମତ ଉପସ୍ଥାପନ କରିଥିଲେ।

# ଜିଲ୍ଲାସ୍ତରୀୟ ଇ-ଡ୍ୟାର୍ କର୍ମଶାଳା ଉଦ୍‌ଘାଟିତ




ଭଦ୍ରକ, ୧୯/୨ (ନି.ପ୍ର): ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ସମ୍ମିଳନୀ କକ୍ଷରେ ସୋମବାର ଭଦ୍ରକ ଜିଲ୍ଲାର ସମସ୍ତ ଥାନା ଅଧିକାରୀଙ୍କ ନିମନ୍ତେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅରୁପ ବେହେରାଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ଆଇ-ର୍ୟାଡ୍ ଓ ଇ-ଡ୍ୟାର୍ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି । ଆଇଆଇସି ସଡ଼କ ସୁରକ୍ଷା ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଉକ୍ତ ତାଲିମ ଶିବିରକୁ ଶ୍ରୀ ବେହେରା ଆରମ୍ଭ କରିଥିଲେ । ଦୀର୍ଘ ୩ ବର୍ଷ ଧରି ଭଦ୍ରକ ଜିଲ୍ଲାର ସମସ୍ତ ଥାନାରେ ଆଇ-ର୍ୟାଡ (ଇଣ୍ଟେଗ୍ରେଟେଡ୍ ରୋଡ ଆକ୍ସିଡେଣ୍ଟ ଡେଟାବେସ୍) ସଫଳତାର ସହ କାର୍ଯ୍ୟକ୍ଷମ ହୋଇ ପାରିଥିବାରୁ ଜିଲ୍ଲାର ସମସ୍ତ ଥାନା ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଉପଯୁକ୍ତ ବୈଷୟିକ ସହାୟତା ପ୍ରଦାନ କରିଥିବା ହେତୁ ଏନ୍‌ଆଇସି ଭଦ୍ରକ ଜିଲ୍ଲା କେନ୍ଦ୍ରକୁ ଧନ୍ୟବାଦ ଜଣାଇଥିଲେ । ବର୍ତ୍ତମାନ କାର୍ଯ୍ୟକ୍ଷମ ହେବାକୁ ଯାଉଥିବା ଇ-ଡ୍ୟାର(ଇ-ଡିଟେଲ୍‌ଡ୍ ଆକ୍ସିଡେଣ୍ଟ ରିପୋର୍ଟ) ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିବା ସହ ଏହାର ସଫଳ ରୂପାୟନ ନିମନ୍ତେ ଥାନାଧିକାରୀଙ୍କର ସହାୟତା କାମନା କରିଥିଲେ । ଅନୁଷ୍ଠିତ କର୍ମଶାଳାରେ ତାଲିମ ସମୟରେ ଜିଲ୍ଲା ରୋଲଆଉଟ୍ ପରିଚାଳକ (ଡ଼ିଆରଏମ)ଆଦିତ୍ୟ ବାରିକ ସିଷ୍ଟମର ଏକ ବ୍ୟାପକ ପରିଚୟ ପ୍ରଦାନ କରିଥିଲେ। ଦୁର୍ଘଟଣା ତଥ୍ୟ ରିପୋର୍ଟିଂକୁ ସୁଗମ କରିବାରେ ଏହାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅଂଶଗ୍ରହଣକାରୀଙ୍କୁ ଦୁର୍ଘଟଣା ବିବରଣୀ ସଠିକ୍ ଭାବରେ ପୂରଣ କରିବା ପ୍ରକ୍ରିୟା ଉପରେ ମାର୍ଗଦର୍ଶନ କରାଯାଇଥିଲା ଏବଂ ସମନ୍ୱିତ ସଡ଼କ ଦୁର୍ଘଟଣା ଡାଟାବେସ୍ (ଆଇଆରଏଡ଼ି) ସିଷ୍ଟମ ବିଷୟରେ ମଧ୍ୟ ସୂଚନା ପ୍ରଦାନ କରିଥିଲେ , ଯାହା ସଡ଼କ ସୁରକ୍ଷା ଏବଂ ନୀତି ନିର୍ଦ୍ଧାରଣରେ ଉନ୍ନତି ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଦୁର୍ଘଟଣା ରିପୋର୍ଟ ପରିଚାଳନାରେ ପୋଲିସ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି କରିବା, ସଠିକ୍ ତଥ୍ୟ ସଂଗ୍ରହ ସୁନିଶ୍ଚିତ କରିବା ଏବଂ ଉତ୍ତମ କାର୍ଯ୍ୟକାରୀତା ଏବଂ ବିଶ୍ଳେଷଣ ପାଇଁ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରିବା ଏହି ତାଲିମର ଲକ୍ଷ୍ୟ ଥିଲା। ଆୟୋଜିତ କର୍ମଶାଳାକୁ ତଦାରଖ କରିଥିଲେ ଜିଲ୍ଲା ଡ଼ିଆଇଓ ଭିଜୟ କୁମାର ।

OFFCE OF THE MUNICIPAL COUNCIL, TALCHER
Dist :- Angul
Phone no- (06760) 240259 E-mail ID : e.o.talcher@gmail.com
Letter No 469 Date 18.02.25

QUOTATION CALL NOTICE

Sealed quotations are invitied form Authorized Firms/ Dealers/Suppliers/ Manufacturer for "Supply of Laboratory Chemicals with Glassware & lab defunct equipment repair for Faecal Sludge Treatment Plant of Talcher Muncipality" The rate to be inclusive of the installation, handling and transportation/ delivery charges (exclusive of GST) as per list attached in Annexure -A. The quotationer are essentially required to enclose their GST Registration certificate, PAN Card. Firm Registration Certificate etc. The quotationer shall be required to produce the original copy of the required document before the undersigned at the time of opening of Quotation. The sealed quotation should be super scribed on the cover as "Quotations for supply of Laboratory Chemicals with Glassware & lab defunct equipment repair for Facial Sludge Treatment Plant of Talcher Municipality"
The quotation will be received on or before dt. 27.02.2025 at 12.00 PM on Speed Post / Registered Post/ By hand and the same will be opened on dt. 27.02.2025 at 12.00PM on speed post / Registered post \ By Hand and the same will opened on dt. 27.022025 at 2.00P.M. in present of respective quotationers of their authorized representatives.
The authority reserves the right to reject any or all the quotations without assigning any reason thereof.

Executive Officer
Talcher Municipality
OIPR : 13077/11/0025/2425

ବିବେକାନନ୍ଦ ଶିକ୍ଷାକେନ୍ଦ୍ର
ବସ୍ତା, ବାଲେଶ୍ୱର
COR No- VSKBBB/182/2022
ନାମଲେଖା ଆରମ୍ଭ

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି କି, ବିବେକାନନ୍ଦ ଶିକ୍ଷାକେନ୍ଦ୍ର ବସ୍ତା, ବାଲେଶ୍ୱରରେ ନାମ ଲେଖାଇବାକୁ ଇଚ୍ଛୁକ ଥିବା ଛାତ୍ରଛାତ୍ରୀମାନଙ୍କର ଅଭିଭାବକ ଅବିଭାବିକାଙ୍କ ନିମନ୍ତେ ଶିକ୍ଷାଧିକାର ଆଇନ୍ ୨୦୦୯ ଧାରା ୧୨(ସି) ଅନୁଯାୟୀ ନିଃଶୁଳ୍କ ନାମ ଲେଖା ଶିକ୍ଷାବର୍ଷ ୨୦୨୫-୨୬ ପାଇଁ www. rteparadarshiodisha.gov.in ପୋର୍ଟାଲ ମାଧ୍ୟମରେ ଆବେଦନ ଗ୍ରହଣ କରାଯାଉଅଛି। ସାମାଜିକ ଓ ଆର୍ଥିକ ଅନଗ୍ରସର (ଅନୁସୂଚିତ ଜାତି ଜନଜାତି, ସାମାଜିକ ଶୈକ୍ଷିକ ଅନଗ୍ରସର, ଭିନ୍ନକ୍ଷମ, ଏଚଆଇଭି ଆକ୍ରାନ୍ତ ପିତାମାତାଙ୍କ ଶିଶୁ, ଶିଶୁ ଶ୍ରମିକ ଓ ପଥପ୍ରାନ୍ତ ଶିଶୁମାନଙ୍କ ପାଇଁ ୨୫% ସ୍ଥାନ ସଂରକ୍ଷଣ ରହିଛି। ଶିଶୁବାଟିକା (+୩) ଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ।

ପ୍ରଧାନ ଆଚାର୍ଯ୍ୟ
ବିବେକାନନ୍ଦ ଶିକ୍ଷାକେନ୍ଦ୍ର
ବସ୍ତା, ବାଲେଶ୍ୱର

ଯୋଗାଯୋଗ - ୯୯୩୭୨୫୫୯୯୦ / ୯୯୩୮୪୪୨୦୮୪
୭୨୦୫୯୬୦୧୪୪ / ୯୦୪୦୨୦୪୨୦୯

ଦେବର୍ଷି ଶିକ୍ଷା ନିକେତନ
ସ୍ଥାପିତ-୨୦୨୨
ଖପରାପଦା, ଆଜିମାବାଦ, ବାଲେଶ୍ୱର
Udise code - 21081301571
ନାମଲେଖା ଆରମ୍ଭ

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି କି, ଦେବର୍ଷି ଶିକ୍ଷା ନିକେତନ ଖପରାପଦା, ଆଜିମାବାଦ, ବାଲେଶ୍ୱରରେ ନାମ ଲେଖାଇବାକୁ ଇଚ୍ଛୁକ ଥିବା ଛାତ୍ରଛାତ୍ରୀମାନଙ୍କର ଅଭିଭାବକ ଅବିଭାବିକାଙ୍କ ନିମନ୍ତେ ଶିକ୍ଷାଧିକାର ଆଇନ୍ ୨୦୦୯ ଧାରା ୧୨(ସି) ଅନୁଯାୟୀ ନିଃଶୁଳ୍କ ନାମ ଲେଖା ଶିକ୍ଷାବର୍ଷ ୨୦୨୫-୨୬ ପାଇଁ www. rteparadarshiodisha.gov.in ପୋର୍ଟାଲ ମାଧ୍ୟମରେ ଆବେଦନ ଗ୍ରହଣ କରାଯାଉଅଛି। ସାମାଜିକ ଓ ଆର୍ଥିକ ଅନଗ୍ରସର (ଅନୁସୂଚିତ ଜାତି ଜନଜାତି, ସାମାଜିକ ଶୈକ୍ଷିକ ଅନଗ୍ରସର, ଭିନ୍ନକ୍ଷମ, ଏଚଆଇଭି ଆକ୍ରାନ୍ତ ପିତାମାତାଙ୍କ ଶିଶୁ, ଶିଶୁ ଶ୍ରମିକ ଓ ପଥପ୍ରାନ୍ତ ଶିଶୁମାନଙ୍କ ପାଇଁ ୨୫% ସ୍ଥାନ ସଂରକ୍ଷଣ ରହିଛି। ପ୍ରିନର୍ସରୀ ଶ୍ରେଣୀଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ। ହଷ୍ଟେଲ ସୁବିଧା ମଧ୍ୟ ଅଛି (ପୁଅ/ଝିଅ)।

ଶିକ୍ଷକ/ଶିକ୍ଷୟିତ୍ରୀ ଆବଶ୍ୟକ

ପ୍ରଧାନ ଆଚାର୍ଯ୍ୟ
ଦେବର୍ଷି ଶିକ୍ଷା ନିକେତନ
ଖପରାପଦା, ଆଜିମାବାଦ, ବାଲେଶ୍ୱର

ଯୋଗାଯୋଗ - ୭୭୩୫୯୩୩୭୫୧/ ୭୬୦୮୮୯୫୦୦୫

# ଜୈବ ବିଜନନ ପ୍ରକ୍ରିୟାରେ ଅପପୁଷ୍ଟିର ଦୂରୀକରଣ ଓ ଜୀବିକା ସୃଷ୍ଟି ଦ୍ୱାରା ଓଡିଶାର ବିକାଶ କାର୍ଯ୍ୟକ୍ରମ




ଭୁବନେଶ୍ୱର, ୧୯/୨(ନି.ପ୍ର) : ଆଜି ପର୍ଯ୍ୟନ୍ତ ବିଶ୍ୱର ଅଧିକାଂଶ ସ୍ଥାନରେ ଅପପୃଷ୍ଟି ଦୂର ହୋଇପାରି ନାହିଁ। ବର୍ତ୍ତମାନ ପୁଣି ପୋଷଣହୀନତା ଯୋଗୁଁ ଅନେକ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଏହାକୁ ରୋକିବା କ୍ଷେତ୍ରରେ ଜୈବ ବିଜନନ ପ୍ରକ୍ରିୟା ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହା ଦ୍ୱାରା ଖାଦ୍ୟ ଶସ୍ୟରେ ବାଓଟେକ୍ନୋଲୋଜି ତଥା ଅନ୍ୟାନ୍ୟ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ କରି ପୋଷକର ବୃଦ୍ଧି କରାଯାଇପାରିବ। ଫଳରେ ଗ୍ରାମୀଣ କ୍ଷେତ୍ରରେ ଅପପୃଷ୍ଟି କମିବା ସହିତ ଉତ୍ତମ ପୋଷକଯୁକ୍ତ ଶସ୍ୟ ମିଳିପାରିବ ବୋଲି 'ହାରଭେଷ୍ଟପ୍ଲସ' ଓଡ଼ିଶା ପକ୍ଷରୁ 'ଜୈବ ବିଜନନ ପ୍ରକ୍ରିୟାରେ ଅପପୃଷ୍ଟିର ଦୂରୀକରଣ ଏବଂ ଜୀବିକା ସୃଷ୍ଟି ଦ୍ୱାରା ଓଡ଼ିଶାର ବିକାଶ' ଶୀର୍ଷକ କର୍ମଶାଳାରେ ଯୋଗଦେଇ ଅତିଥିମାନେ ମତ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଖାଦ୍ୟଶସ୍ୟରେ ପଡୁଥିବା ପ୍ରଭାବ ଏବଂ ଖାଦ୍ୟସୁରକ୍ଷା କ୍ଷେତ୍ରରେ ଆସୁଥିବା ବିଭିନ୍ନ ପ୍ରତିବନ୍ଧକ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ କୁମାର ତାଲୁକଦାର, ନୀତି ଆୟୋଗ (ଜାତୀୟ ପୃଷ୍ଟି ଓ ସ୍ୱାସ୍ଥ୍ୟ ବୈଷୟିକ ବୋର୍ଡ)ର ସଦସ୍ୟ ରାଜ ଭଣ୍ଡାରି, 'ଗ୍ରୀନ ଷ୍ଟେଜ'ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ପ୍ରତ୍ୟୁଷ କୁମାର ପଣ୍ଡା, ପୋଷକ ଉପଦେଷ୍ଟା ବସନ୍ତ କର ପ୍ରମୁଖ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଖାଦ୍ୟ ଶସ୍ୟର ଉତ୍ପାଦନରେ ପଡୁଥିବା ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ଜୈବ ବିଜନନ ଓ କୃଷିର ପରିବର୍ତ୍ତନରେ ବିଭିନ୍ନ ଅନୁଷ୍ଠାନଗୁଡ଼ିକର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଜୈବ ବିଜନନର ପ୍ରସାର ପାଇଁ 'ମହାଶକ୍ତି ଫାଉଣ୍ଡେସନ' ଓ 'ହାରଭେଷ୍ଟପ୍ଲସ ଓଡ଼ିଶା' ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। 'ହାରଭେଷ୍ଟପ୍ଲସ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅରୁଣ ବରାଳ ଯୋଗଦେଇ ଏହି ପ୍ରକ୍ରିୟା ଫଳରେ କମ୍ ମୂଲ୍ୟରେ ସମସ୍ତଙ୍କୁ ଅଧିକ ପୋଷଣଯୁକ୍ତ ଖାଦ୍ୟ ମିଳି ପାରିବ ବୋଲି କହିଥିଲେ। ଦ୍ୱିତୀୟ ଅଧିବେଶନରେ ବସନ୍ତ କର, ଗୋବିନ୍ଦ ରାଜ, ସି ଏନ ନୀରଜା, ପି ଜେ ମିଶ୍ରଙ୍କ ଭଳି ବହୁ ଗବେଷକ ଯୋଗଦେଇ ଦେଶରେ ଏହି ପ୍ରକ୍ରିୟା ପାଇଁ ଆରମ୍ଭ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ।

# ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଉଦଳା , ୧୯/୨ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ନୁଦଡ଼ିହା ଗ୍ରାମସ୍ଥିତ ମେଘାସନ ମହାବିଦ୍ୟାଳୟ ପରିସରେର ଚଳିତ ଫେବୃଆରି ୧୧ ତାରିଖ ମଙ୍ଗଳବାର ଠାରୁ +୩ ପ୍ରଥମ ବର୍ଷ ଛାତ୍ରୀ ମାନଙ୍କ ଉେଦେଶ୍ୟେର ଆରମ୍ଭ ହୋଇଥିବା ବାଳିକା ଆତ୍ମରକ୍ଷା ତାଲିମ ଶିବିର ଆଜି ୧୯ ତାରିଖ ବୁଧବାର ଦିନ ଉଦ୍‌ଯାପିତ ହୋଇ ଯାଇଛି । ୭୬ ଜଣ ଛାତ୍ରୀ ଉକ୍ତ ଶିବିରେର ତାଲିମ ନେଇଥିବା ବେେଳ ପ୍ରଶିକ୍ଷିକା ଭାବେର ସୁଶ୍ରୀ ଚମ୍ପାବତୀ ଓ ପଲ୍ଲବି ତାଲିମ ପ୍ରଦାନ କରିଛନ୍ତି । ମହାବିଦ୍ୟାଳୟର ଅଧକ୍ଷ ପ୍ରେମାଦ କୁମାର ରାଉତ ଉଦ୍ ?ଯାପନ ଉତ୍ସବେର ମୁଖ୍ୟ ଅତିଥି ଭାବେର ଯୋଗ ଦେଇ ମହିଳାଙ୍କ ଉପେର ପୁରୁଷ ଜାତିର ଅତ୍ୟାଚାର ଆେଦୗ କମିନାହିଁ, ଯେଉଁଥିପାଇଁ ବାଳିକା ମାନଙ୍କ ପେକ୍ଷ ଏହି ତାଲିମ ଆଜି ଜରୁରି ହୋଇ ପଡ଼ିଛି ବୋଲି ବ୍ୟକ୍ତ କରିେଥ‌ିେଲ । କାର୍ଯ୍ୟକ୍ରମ ସେଂଯାଜିକା ଅଧାପିକା କମଳିନି ପଣ୍ଡା ମଂଚପରିଚାଳନା ଦାୟିତ୍ୱ ତୁଲାଇବା ସହ, ସ୍ୱାମି ମଦ୍ୟପାନ କରି ଘେର ସହଧର୍ମିଣୀଙ୍କୁ ମାଡ଼ ମାରିବା ଆଜି ନିତିଦିନିଆ ଘଟେଣାର ପରିଣତ ହୋଇଛି । ଏପରି ସ୍ୱାମୀଙ୍କ ପାଇଁ ଉକ୍ତ ତାଲିମ 'ପେ୍ୟାଟନ ମେଡ଼ିସିନ' ଭଳି କାମେର ଆସିବ ବୋଲି ଭାଷଣ ମାଧେମର କହିେଥ‌ିେଲ । ଅନ୍ୟମାନଙ୍କ ମେଧ‌୍ୟର ଅଧାପକ ଡ଼. ନିରଂଜନ ପାଠୀ, ଫନି ଭୂଷଣ ପୁଥାଳ, ସେରାଜ କୁମାର ମହାନ୍ତି ପ୍ରମୁଖ ମଂଚାସୀନ ଅତିଥି ଭାବେର ଯୋଗେଦଇ ଏହି ତାଲିମ ସାରା ଜୀବନ ଦରକାରେର ଆସିବ ତେଣୁ ଏହାକୁ ନିୟମିତ ଅଭ୍ୟାସ କରିବାକୁ ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇେଥ‌ିେଲ। ଶେଷେର ଛାତ୍ରୀ ମାନଙ୍କୁ ପ୍ରମାଣପତ୍ର ବଂଟନ ସହ ତାଲିମ ଶିବିରର ଯବନିକା ପଡ଼ିଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ରେଖା ଗୁପ୍ତା ...

ଦୀର୍ଘ ୨୭ ବର୍ଷର ବ୍ୟବଧାନ ପରେ ଦିଲ୍ଲୀରେ କ୍ଷମତା ହାସଲ କରିବାରେ ସକ୍ଷମ ହୋଇଥିଲା ବିଜେପି। କ୍ରମାଗତ ତୃତୀୟ ଥର କ୍ଷମତା ହାତେଇବା ଲକ୍ଷ୍ୟରେ ଥିବା ଆପକୁ ମାତ ଦେଇଥିଲା । ବିଜେପି ୪୮ ଓ ଆପ ୨୨ଟି ଆସନ ହାତେଇଥିବା ବେଳେ କଂଗ୍ରେସ ଖାତା ଖୋଲି ପାରି ନ ଥିଲା। ବିଜେପି ସାଂସଦ ବୈଜୟନ୍ତ ପଣ୍ଡା ନିର୍ବାଚନ ପ୍ରଭାରୀ ଦାୟିତ୍ୱ ତୁଲାଇଥିଲେ। ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା, ଗୃହମନ୍ତ୍ରୀ ଅମିତ ଶାହ ଓ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡାଙ୍କ ସହଯୋଗରେ ଦିଲ୍ଲୀରେ ବିଜେପି କ୍ଷମତାକୁ ଆଣିବା ପାଇଁ ପ୍ରସ୍ତୁତ ହୋଇଥିଲା ରଣନୀତି। ଦୁର୍ନୀତିକୁ ନେଇ ଅରବିନ୍ଦ କେଜ୍ରିୱାଲଙ୍କ ପ୍ରତି ଥିବା ଜନ ଆକ୍ରୋଶ ବିଜେପିକୁ କ୍ଷମତାକୁ ଫେରିବାରେ ସାହାଯ୍ୟ କରିଥିଲା। ମଦ ଦୁର୍ନୀତି, ଜଳ ବୋର୍ଡରେ ବ୍ୟାପକ ଦୁର୍ନୀତି, ମହଲା ହେଲଥ୍ ସ୍କିମରେ ହୋଇଥିବା ବ୍ୟାପକ ଦୁର୍ନୀତି ଆପକୁ ଅଡୁଆରେ ପକାଇଥିଲା ।

### କିଟ୍ କାଣ୍ଡକୁ ନେଇ ...

କିନ୍ତୁ ଅଚ୍ୟୁତ ଏହି ପ୍ରସଙ୍ଗରେ ଏଯାଏଁ ମୁହଁ ଖୋଲିବାକୁ ନାରାଜ । ଏହାରି ଭିତରେ ଦୋଷୀକୁ ଦଣ୍ଡ ନେଇ ରାଜନୈତିକ ବୟାନବାଜି ଚାଲୁଥିବା ବେଳେ ଆଜି ନେପାଳୀ କାଉନସେଲରଙ୍କ ସହ କଥା ହୋଇ ମୃତ ଛାତ୍ରୀଙ୍କୁ ନ୍ୟାୟ ମିଳିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ମୁଖ୍ୟମନ୍ତ୍ରୀ । କିଟ୍ କାଣ୍ଡକୁ ନେଇ ଲଗାତାର ତୃତୀୟ ଦିନ ଲାଗି ଉତ୍ତେଜନା ଦେଖିବାକୁ ମିଳିଛି । କିଟ୍ କ୍ୟାମ୍ପସରୁ କାଠମାଣ୍ଡୁ, ଓଡ଼ିଶାରୁ ନେପାଳ , ସବୁଠି ଅସନ୍ତୋଷ, ଉଦବେଗ, ହଲ୍ଲାବୋଲ୍ । କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ କୁଶପୁତ୍ତଳିକା ପୋଡ଼ି, ଗିରଫ ଦାବି । କିଟ୍ ୟୁନିଭର୍ସିଟି ଫାଟକ ସାମ୍ନାରେ ନେପାଳ ଛାତ୍ରଛାତ୍ରୀଙ୍କୁ ନ୍ୟାୟ ଦାବିରେ ଗର୍ଜୁଛନ୍ତି ଭିନ୍ନ ଭିନ୍ନ ସଂଗଠନ । ତଥାପି ନିରବ କିଟ୍ ମୁଖ୍ୟ ତଥା ପୂର୍ବତନ ବିଜେଡି ସାଂସଦ ଅଚ୍ୟୁତ ସାମନ୍ତ । ଗତ ରାତିରୁ ଆଜି ସକାଳ ଯାଏଁ ଧାରଣା ଦେଇଥିଲା ନବ ନିର୍ମାଣ ଛାତ୍ର ସଂଗଠନ । ସେମାନଙ୍କ ସହ ଆଲୋଚନା ପାଇଁ ପହଞ୍ଚିଥିଲେ ଅଚ୍ୟୁତ। କିନ୍ତୁ ମିଡିଆ ପ୍ରଶ୍ନକୁ ସାମ୍ନା ନକରି ମୁହଁ ଆଡ଼େଇ ଚାଲି ଯାଇଥିଲେ । ଅନ୍ୟପଟେ କିଟ୍ ବିରୋଧରେ ବଢ଼ିଚାଲିଛି ବିଭିନ୍ନ ସଂଗଠନର ଆନ୍ଦୋଳନ । ନ୍ୟାୟ ଦାବିରେ ଗତକାଲି ଦିନତମାମ ଧାରଣା ସହ ସଂଧ୍ୟାରେ ବିଦେଶୀ ଛାତ୍ରଛାତ୍ରୀ କ୍ୟାଣ୍ଡେଲ୍ ରାଲି କରିଥିଲେ । ଆଜି ବି ବିଭିନ୍ନ ସଂଗଠନ କିଟ୍ ଗେଟ୍ ଆଗରେ ଧାରଣା ଦେଇଛନ୍ତି । କେବଳ କ୍ୟାମ୍ପସ ନୁହେଁ, ଲୋୟର ପିଏମଜିରେ ଅଚ୍ୟୁତ ସାମନ୍ତଙ୍କ କୁଶ ପୁତ୍ତଳିକା ଦାହ କରି ବିକ୍ଷୋଭ ପ୍ରଦର୍ଶନ କରିଛି ଏବିଭିପି । ଅଚ୍ୟୁତଙ୍କ ଗିରଫଦାରି ଦାବି କରିଛି ଏବିଭିପି । ତେବେ ଆନ୍ଦୋଳନ ସମୟରେ ପୋଲିସ୍ ସହ ମୁହାଁମୁହିଁ ହୋଇଥିଲେ ସଂଗଠନର ସଦସ୍ୟ । କିଟ୍ ମୁଖ୍ୟ ସିନା ପ୍ରସଙ୍ଗକୁ ନେଇ ମୁହଁ ଖୋଲୁନାହାନ୍ତି । କିନ୍ତୁ ସୋସିଆଲ୍ ମିଡ଼ିଆରେ ଭାଇରାଲ୍ ହେଉଥିବା ନୂଆ ନୂଆ ଭିଡ଼ିଓ କିଟ୍ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତାକୁ ନେଇ ପ୍ରଶ୍ନ ଉଠାଉଛି । କିଟ୍ କ୍ୟାମ୍ପସ-୬, କୁଇନ୍ସ ହଷ୍ଟେଲର ୧୮ ନମ୍ବର ରୁମରେ ସଂପୃକ୍ତ ନେପାଳୀ ଛାତ୍ରୀ ଆତ୍ମହତ୍ୟା କରିଥିବା ଜାଣିବା ପରେ କର୍ମଚାରୀମାନେ କବାଟ ଭାଙ୍ଗି ପଶିବାର ଭିଡିଓ ଭାଇରାଲ ହୋଇଛି । ଭିଡିଓରେ ଦେଖିବାକୁ ମିଳିଛି ଅପମୃତ୍ୟୁ ଘଟଣାରେ ପୋଲିସ୍ ବଦଳରେ ନିଜେ ନିଜେ ମାମଲତି ଦେଖାଇ ମୃତଦେହକୁ ଉଦ୍ଧାର କରିଛନ୍ତି । ଏଭଳି କରିବାକୁ କିଏ ଏମାନଙ୍କୁ ଦେଲା ଅନୁମତି ? ପୋଲିସ ବଦଳରେ ମୃତଦେହକୁ ଉଦ୍ଧାର ପାଇଁ କାହିଁକି ଏତେ ବ୍ୟଗ୍ର କିଟ୍ କର୍ମଚାରୀ ? ଏଭଳି ନାନା ପ୍ରଶ୍ନ ଏବଂ ସନ୍ଦେହ ଭିତରେ ଓଟିଭି ଫୋରସାଇଟରେ ବି ଉଠିଛି 'କିଟ୍' ପ୍ରସଙ୍ଗ । ରାଜ୍ୟ ସରକାର କାହିଁକି ଆକ୍ସନ ନେଉନାହାନ୍ତି ବୋଲି ଆଇନ ମନ୍ତ୍ରୀଙ୍କୁ ପ୍ରଶ୍ନ ହୋଇଥିଲା । ଏହାର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଉଚ୍ଚସ୍ତରୀୟ କମିଟି ଗଠନ କରି ତଦନ୍ତ ଚାଲିଛି । ଯିଏ ବି ଦୋଷୀ ହେବେ କାର୍ଯ୍ୟାନୁଷ୍ଠାନ ନିଆଯିବ ।

### ଖରାରୁ ମିଳିବ ...

ଉତ୍ତର ଏବଂ ଉପକୂଳରେ ମଧ ୨୨ ଏବଂ ୨୩ ତାରିଖରେ ବର୍ଷା ସମ୍ଭାବନା ରହିଛି । କିଛି କିଛି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ଏବଂ କୁଆପଥର ବର୍ଷା ସମ୍ଭାବନା ଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଆସନ୍ତାକାଲି ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ, ବାଲେଶ୍ୱର, ଯାଜପୁର ଏବଂ ଢେଙ୍କାନାଳ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ହୋଇଛି । ସେହିପରି ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଗଞ୍ଜାମ, ଗଜପତି, ନୟାଗଡ଼, ଅନୁଗୁଳ, ଦେବଗଡ଼, ସମ୍ବଲପୁର ଏବଂ ଝାରସୁଗୁଡ଼ା ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଅପରପକ୍ଷରେ ଫେବ୍ରୁଆରୀରୁ ଟାଇଁ ଟାଇଁ ଖରା ଅନୁଭୂତ ହେଉଛି । ଫେବ୍ରୁଆରୀରୁ ଚେତାବନୀ ଦେଉଛି ତାତି । ଏମିତିକି ପାରଦ ୩୭ ଡିଗ୍ରୀ ପାର୍ କରିଛି । ଏହାକୁ ନେଇ ରାଜ୍ୟବାସୀଙ୍କ ମଧ୍ୟରେ ଭାଳେଣି ମଧ ପଡ଼ିଗଲାଣି । ଏବେଠୁ ଯଦି ଏତେ ଗରମ ତ ମେ ଜୁନ୍ ରେ ଅବସ୍ଥା କଣ ହେବ ତାକୁ ନେଇ ରାଜ୍ୟବାସୀ ଚିନ୍ତିତ ରହିଛନ୍ତି । ତେବେ ପାଣିପାଗ ବିଭାଗର ପୂର୍ବାନୁମାନ ସତ ହେଲେ ଲୋକମାନଙ୍କୁ କିଛି ପରିମାଣରେ ଆଶ୍ୱସ୍ତି ମିଳିବ ।

### ମାନିଲେ ବରିଷ୍ଠ...

ବିଜେଡି ଏହି ପ୍ରସଙ୍ଗରେ ଆଗକୁ ଆସୁନାହିଁ । କିଟର ମୁଖ୍ୟ ଅଚ୍ୟୁତ ସାମନ୍ତ ବିଜେଡିର ପୂର୍ବତନ ସାଂସଦ ହୋଇଥିବାରୁ କିଟ୍ ଚୁପ୍ ରହିଛି କି ବୋଲି ପ୍ରଶ୍ନ ହେବାରୁ ସେ କହିଥିଲେ, ସେ ରାଜନୀତିରୁ ସନ୍ନ୍ୟାସ ନେଇ ସାରିଛନ୍ତି । ସେ ଏବେ ଆଉ ବିଜେଡିରେ ନାହାନ୍ତି । ଆମ ଦଳର ଉପମୁଖ୍ୟ ସଚେତକ ପ୍ରତାପ ଦେବ ଏ ସଂପର୍କରେ ବିଧାନସଭାରେ ଉଠାଇଛନ୍ତି । ଯିଏ ଦୋଷ କରିଛନ୍ତି, ସେମାନଙ୍କୁ ଦଣ୍ଡ ଦେବା ଦାୟିତ୍ୱ ସରକାରଙ୍କର । ସେମାନେ ଆରେଷ୍ଟ ହେଉଛନ୍ତି ୬ଟା ବେଳେ ବେଲ୍ ପାଉଛନ୍ତି ୮ଟା ବେଳେ । ଏହା ସେମାନଙ୍କୁ ପଚାର ବୋଲି କହି ପୃଥ୍ୱୀରାଜ ହରିଚନ୍ଦନଙ୍କ ଆଡକୁ ସେ ଇଶାରା ଦେଇଥିଲେ । ସରକାର ତଦନ୍ତ କମିଟି ଗଠନ କରିଛନ୍ତି, ଅନ୍ୟ କେସ ଭଳି ତଦନ୍ତ ରିପୋର୍ଟ କୁଆଡେ ଯିବ ବୋଲି ସେ ପ୍ରଶ୍ନ କରିଛନ୍ତି । ତେବେ ବିରୋଧୀ ଦଳ ହିସାବରେ ଏ ସଂପର୍କରେ ଚାପ ସୃଷ୍ଟି କରିବା ତାଙ୍କର କାମ ବୋଲି ସେ ସ୍ୱୀକାର କରିଛନ୍ତି ।

### କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀଙ୍କୁ ...

ଗତବର୍ଷ ସେପ୍ଟେମ୍ବର ୨୫ରେ କର୍ଣ୍ଣାଟକ ସ୍ୱତନ୍ତ୍ର ଅଦାଲତ ଲୋକାୟୁକ୍ତଙ୍କୁ ତଦନ୍ତ କରିବାକୁ ଅନୁମତି ଦେଇଥିଲେ । ୨୭ରେ ସିଦ୍ଧରମୈୟା ଓ ପତ୍ନୀଙ୍କ ନାଁରେ ଏଫଆଇଆର ରୁଜୁ କରିଥିଲା ଲୋକୟୁକ୍ତ । ତେବେ ମାମଲାରେ ମୁଖ୍ୟମନ୍ତ୍ରୀ ଓ ତାଙ୍କ ପତ୍ନୀଙ୍କ ନାଁରେ ଯଥେଷ୍ଟ ପ୍ରମାଣ ନଥିବା କହିଛି ଲୋକାୟୁକ୍ତ। ଦୁନୀତି ନିବାରଣ କର୍ମ ସ୍ନେହମୟୀ କ୍ରିଷ୍ଣା ଦୁର୍ନୀତି ଅଭିଯୋଗ ଆଣିଥିଲେ । ତେବେ ସ୍ନେହମୟୀଙ୍କୁ ଜବାବ ରଖିବାକୁ କହିଛନ୍ତି ଲୋକାୟୁକ୍ତ । ଏହା ପରେ ଲୋକାୟୁକ୍ତ ଚୂଡାନ୍ତି ରିପୋର୍ଟ ଦାଖଲ କରିବେ । ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ପାର୍ବତୀଙ୍କ ନାଁରେ ମହିଶୁରରେ ଥିବା ଜମିକୁ ମୁଦା ଅଧିଗ୍ରହଣ କରିବ କରି ଏହାଠାରୁ ଅଧିକ ଦାମର ଜମି ଆବଣ୍ଟନ କରିବା ଯୋଗୁଁ ୪୫ କୋଟି କ୍ଷତି ହୋଇଥିଲା ବୋଲି ଅଭିଯୋଗ ପତ୍ର ଦାଖଲ କରିଥିଲା ।ଏଥିରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ଜମିଥିଓା ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଥିଲା

### ମହାକୁମ୍ଭକୁ ନେଇ...

କରିନଥିଲେ କିନ୍ତୁ ବିଜେପି ସରକାର ସଫଳତାର ସହ ଆୟୋଜନ କରିବାକୁ ନେଇ ବିରୋଧୀ ଇର୍ଷାନିତ୍ୱ ହେଉଥିବା କହିଛନ୍ତି ଯୋଗୀ ।ସେପଟେ ୟୁପି ସରକାର ନିଜ ବିଫଳତା ଲୁଚାଉଥିବା କହି ଟାର୍ଗେଟ କରିଛନ୍ତି ସପା ଓ ଟିଏମସି ଜାନୁଆରୀ ୧୩ରୁ ଆରମ୍ଭ ହୋଇଥିବା ମହାକୁମ୍ଭ ଫେବ୍ରୁଆ ୨୬ରେ ଶେଷ ହେବ । ଏହା ଭିତରେ ଭିଭିଆଇପି ବ୍ୟକ୍ତିବିଶେଷଙ୍କ ସହ ବିରୋଧୀ ଦଳ ନେତାମାନେ ପହଁଚି ତ୍ରିବେଣୀ ସଙ୍ଗମରେ ବୁଡ ପକାଉଛନ୍ତି । ତେବେ ଅଘଟଣକୁ ପ୍ରସଙ୍ଗ କରି ଯୋଗୀ ସରକାରଙ୍କୁ ଟାର୍ଗେଟ କରିବାକୁ କୌଣସି ଗୋଟିଏ ବି ମୌକା ହାତ ଛଡା କରୁନାହାଁନ୍ତି ବିରୋଧୀ।

# କରୋନା ମହାମାରୀ ସମୟରେ ନର୍ସମାନଙ୍କ ତ୍ୟାଗ ଅଭୂତପୂର୍ବ: ସୋଆ ଉପସଭାପତି

ଭୁବନେଶ୍ୱର , ୧୯/୨ (ନି.ପ୍ର): ହସ୍ପିଟାଲ୍‌ରେ ରୋଗୀଟିଏ ନର୍ସମାନଙ୍କର ଚିକିତ୍ସା ଓ ସେବା ଦ୍ୱାରା ହିଁ ସୁସ୍ଥତା ପାଇଥାଏ । କରୋନା ମହାମାରୀ ସମୟରେ ସେମାନଙ୍କର ତ୍ୟାଗ ସମ୍ପୂର୍ଣ୍ଣ ସମାଜ ଉପଲବ୍ଧି କରିଛି ବୋଲି କହିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସ । ସୋଆ ପରିଚାଳିତ ସମ୍ ନର୍ସିଂ କଲେଜର ଚଳିତ ଶିକ୍ଷା ବର୍ଷର ପ୍ରଥମ ବର୍ଷ ବିଏସ୍‌ସି ନର୍ସିଂ ଏବଂ ଜିଏନ୍‌ଏମ୍ ଛାତ୍ରଛାତ୍ରୀମାନଙ୍କର ଶପଥ ଗ୍ରହଣ ଏବଂ ପ୍ରଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀମତି ଦାସ କହିଥିଲେ ଯେ ଏଭଳି କାର୍ଯ୍ୟକ୍ରମ ନର୍ସିଂ ବୃତିରେ ଅଧ୍ୟୟନ ପାଇଁ ଆସିଥିବା ଛାତ୍ରଛାତ୍ରୀମାନଙ୍କ ଜୀବନରେ ଏକ ନୂଆ ଅନୁଭୂତି ଆଣିଦେବ । କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ କଲେଜ ପକ୍ଷରୁ ଆୟୋଜିତ ପର୍ସନାଲିଟି ପ୍ରତିଯୋଗିତାର ମହିଳା ବିଭାଗରେ କଲେଜର ଦୁଇ ଜଣ ଆନ୍ତର୍ଜାତୀୟ ଛାତ୍ରୀ ବିଏସ୍‌ସି ନର୍ସିଂ ପ୍ରଥମରେ ଅଧ୍ୟୟନ କରୁଥିବା ଲିଲେ ଥାଣ୍ଡୋଲଉଥୁସିବୋଣ୍ଡଜା 'ମିସ୍ ଏସ୍‌ଏନ୍‌ସି' ଆଖ୍ୟା ହାସଲ କରିଥିବା ବେଳେ ବିଏସ୍‌ସି ନର୍ସିଂର ପ୍ରଥମ ବର୍ଷର ଆଉ ଜଣେ ବିଦେଶୀ ଛାତ୍ରୀ ଫେଥ ଲିକାନ୍‌ଡୋମୁନିଉ ଦ୍ୱିତୀୟ ରନର ଅପ୍ ଆଖ୍ୟା ହାସଲ କରିଛନ୍ତି । ଥାଣ୍ଡୋଲଉଥୁସିବୋଣ୍ଡଜା ଆଫ୍ରିକାର ସ୍ୱାଜିଲ୍ୟାଣ୍ଡ ଦେଶରୁ ଆସିଥିବା ବେଳେ ଲିକାନ୍‌ଡୋମୁନିଉ ଜାମ୍ବିଆର ନାଗରିକ । ସେହିପରି ବିଏସ୍‌ସି ନର୍ସିଂ ଚତୁର୍ଥ ବର୍ଷର ଛାତ୍ରୀ ସୁଶ୍ରୀ ଦେବସ୍ମିତା ଦାସ ପ୍ରଥମ ରନର ଅପ୍ ଆଖ୍ୟା ହାସଲ କରିଛନ୍ତି । ସେମାନଙ୍କୁ ପୁରସ୍କୃତ କରିବା ଅବସରରେ ଶ୍ରୀମତି ଦାସ ନିଜର ଖୁସି ବ୍ୟକ୍ତ କରିଥିଲେ । ବିଦେଶରୁ ଆସି ସୋଆରେ ଅଧ୍ୟୟନ କରୁଥିବା ଛାତ୍ରୀ ନିଜ ପ୍ରତିଭାର ପରିପ୍ରକାଶ କରିବା ଆମ ପାଇଁ ଗର୍ବର ବିଷୟ ବୋଲି ସେ କହିଛନ୍ତି । ଏହି ଅବସରରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିବା ଷ୍ଟେଟ୍ ଆଡଭାନ୍ସ ରିସର୍ଚ୍ଚ ଏଜେନ୍ସି (ସାରା), ଓଡ଼ିଶାର ଗଭର୍ଣ୍ଣିଂ ବଡି ସଦସ୍ୟା ଶ୍ରୀମତି କାନ୍ତା ମହାନ୍ତି କହିଥିଲେ ଯେ ନର୍ସମାନେ କୋଭିଡ ସମୟରେ ନିଜ ଜୀବନକୁ ବାଜି ଲଗାଇ ଜନସାଧାରଣଙ୍କର ଜୀବନ ରକ୍ଷା କରିଥିଲେ । ତେଣୁ ନୂତନ ଭାବରେ ଏହି ପାଠ୍ୟକ୍ରମରେ ପ୍ରବେଶ କରି ଶପଥ ଗ୍ରହଣ କରିବା ପାଇଁ ଆସିଥିବା ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଏହି ଶପଥ ଗୋଟିଏ ଦିନ ନୁହେଁ ବରଂ ସାରା ଜୀବନ ପାଇଁ ଏକ ସମର୍ପଣ ବୋଲି ସେ କହିଥିଲେ । ତେବେ ବର୍ତମାନର ଛାତ୍ରଛାତ୍ରୀମାନେ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ (ଏଆଇ) ରୁ ବାହାରି ଇମୋସ୍‌ନାଲ୍ ଇନ୍‌ଟେଲିଜେନ୍ସକୁ ଅଧିକ ଗୁରୁତ୍ୱ ଦେବା ଦରକାର ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଡାଇରେକ୍ଟର ଅଫ୍ ମେଡିକାଲ୍ ଏଜୁକେସନ୍ ଆଣ୍ଡ ଟ୍ରେନିଂ ଓଡ଼ିଶାର ଅତିରିକ୍ତ ନିର୍ଦ୍ଦେଶକ ପ୍ରଫେସର (ଡାକ୍ତର) ବ୍ରଜକିଶୋର ଦାଶ, ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ଓ ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଯୋଗ ଦେଇ ବକ୍ତବ୍ୟ ରଖିଥିବା ବେଳେ ପ୍ରଫେସନାଲ ଗେଷ୍ଟ ଭାବେ ସୋମି, ଓଡ଼ିଶା ଶାଖାର ସଚିବ ପ୍ରଫେସର ଅମ୍ରିତା ଲେଙ୍କା ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମରେ ସମ୍ ନର୍ସିଂ କଲେଜର ଡିନ୍ ପ୍ରଫେସର ସସ୍ମିତା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ନିର୍ଦ୍ଦେଶିକା ପ୍ରଫେସର ପ୍ରଭାତୀ ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ ଏବଂ ଆଡିସ୍‌ନାଲ୍ ଡିନ୍ (ପ୍ଲେସ୍‌ମେଂଟ ଆଣ୍ଡ ଟ୍ରେନିଂ) ପ୍ରଫେସର ତପତୀ ଶାହା ବକ୍ତବ୍ୟ ରଖିଥିଲେ । ସମ୍ ନର୍ସିଂ କଲେଜର ଆସୋସିଏଟ୍ ପ୍ରଫେସର ଦେବଯାନୀ ନାୟକ ଛାତ୍ରଛାତ୍ରୀମାନଙ୍କୁ ଫ୍ଲୋରେନ୍ସ ନାଇଟିଙ୍ଗେଲ୍ ଶପଥ ପାଠ କରାଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଆସୋସିଏଟ୍ ପ୍ରଫେସର ମନୀଷା ପ୍ରହରାଜ ଧନ୍ୟବାଦ ଅର୍ପଣ କରିଥିଲେ ।

ଗୁରୁବାର, ଫେବୃଆରୀ ୨୦, ୨୦୨୫

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଶ୍ରୀମା ଶ୍ରୀ ଅରବିନ୍ଦ ଯୋଗ ସାଧନା କେନ୍ଦ୍ରର ପ୍ରଥମ ବାର୍ଷିକ ଉତ୍ସବ

ବଡ଼ସାହି , ୧୯/୨ (ନି.ପ୍ର): ଏହି ବ୍ଲକ ଅଧିନ ବିଜିପୁର ମାନଗୋବିନ୍ଦପୁର ମାଣତ୍ରୀ ମୟୂରଭଞ୍ଜ ସ୍ଥିତ ଶ୍ରୀମା ଶ୍ରୀଅରବିନ୍ଦ ଯୋଗ ସାଧନା କେନ୍ଦ୍ର ପ୍ରଥମ ବାର୍ଷିକ ଉତ୍ସବ ଆଧ୍ୟାତ୍ମିକ ଚେତନା ସହ ସଂସାର ର କଲ୍ୟାଣ ,ସାମାଜିକ ସଦଭାବନା ସୃଷ୍ଟି ସାଧନ ନିମନ୍ତେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଯୋଗ ଶିକ୍ଷା,ମାତୃପାତାକା ଉତ୍ତୋଳନ ସହ ମାତୃବନ୍ଦନା, ଦୂର୍ଗା ସ୍ତୋତ୍ର ପଠନ ସହିତ ପ୍ରଦୀପ ପ୍ରଜ୍ୱଳନ କରି ବାର୍ଷିକ ଉତ୍ସବ ର ଶୁଭାରମ୍ଭ କରାଯାଇଥିଲା। ଡାକ୍ତର କିଶୋର ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏଥିରେ ମୂଖ୍ୟ ଅତିଥି ରୂପେ ବରିଷ୍ଠ ଶିକ୍ଷକ ତଥା ଆଧ୍ୟାତ୍ମିକ ଚେତନା ର ଶ୍ରେଷ୍ଠ ବ୍ୟକ୍ତା ସମ୍ମାନୀୟ ଶ୍ରୀକାନ୍ତ ଜେନା , ଓ ତଥା ଦିବ୍ୟ ଚେତନା ର ଶ୍ରେଷ୍ଠ ବ୍ୟକ୍ତା ଭ୍ୱେନ୍ଦ୍ର ଭାଇ ବହୁମୂଲ୍ୟ ଦିଗଦର୍ଶନ ମୂଳକ ଅଭିଭାଷଣ ସମସ୍ତଙ୍କ ହୃଦୟକୁ ସ୍ୱାନ୍ତନା,ଆନନ୍ଦ ପ୍ରଦାନ କରିଥିଲା। ଏଥିରେ ମୂରଲୀ ଭାଇ,ଚିତ୍ତ ଭାଇ,ନନ୍ଦୀ ଭାଇ ଦ୍ୱିଲ୍ଲୀପ ଭାଇ,ପରେଶ ଦଳେଇ, ସର୍ବେଶ୍ୱର ଜେନା, କରୁଣାକର ମହାପାତ୍ର, ସନ୍ତୋଷ ଖଣ୍ଡା, ,ବାବୁ ପରିଡ଼ା ନୀଳକଣ୍ଠ ନାୟକ , ଅନିରୁଦ୍ଧ ରାଉତ, ମୌସୁମୀ, ଅନୀତା, ସବିତା, ସୁଜିତା , ଲାବଣ୍ୟ ତଥା ଦୂରଦୂରାନ୍ତରୁ ଆସିଥିବା ବହୁ ବିଦ୍ୱାନ ନିଜ ନିଜର ଅଭିଭାଷଣ ମନ୍ତ୍ରମୁଗ୍ଧ କରିଥିଲା ସମଗ୍ର ପରିବେଶକୁ।ଡ଼ା. ବିଜୟ ଆଚାର୍ଯ୍ୟ, ରଂଜିତ ନାୟକ ଗରିବଙ୍କୁ କମ୍ବଳ ବଣ୍ଟନ କରିଥିଲେ । ଶେଷରେ ସ୍ୱେଡନର ଅସ୍ଥିଶଲ୍ୟ ବିଶେଷଜ୍ଞ ଡ଼ାକ୍ତର ରବିନାରାୟଣ ଦାସ ନିଜର ରୋଗ ଓ ରୋଗୀ ସେବା ବିଷୟରେ ନିଜର ବହୁମୂଲ୍ୟ ଭାଷଣ ପ୍ରଦାନ କରିଥିଲେ । ସମସ୍ତଙ୍କୁ ପ୍ରସାଦ ସେବନ ସେବା ପ୍ରଦାନ ପରେ, ବହୁ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ମାନଙ୍କୁ ଶ୍ରୀମା ଶ୍ରୀ ଅରବିନ୍ଦଙ୍କ ଜୀବନ ଦର୍ଶନ ସଂପର୍କରେ ଶିକ୍ଷା ଦେଇ ଆଦର୍ଶ ତଥା ଉତ୍ତମ ନାଗରିକ ସୃଷ୍ଟି ହେବା ନିମନ୍ତେ ଦିଗଦର୍ଶନ ଦିଆଯାଇଥିଲା। ବହୁ ଦୂରରୁ ଆସିଥିବା ଶ୍ରୀ ମା ଶ୍ରୀଅରବିନ୍ଦ ଅନୁଗାମୀ ଭାଇ ଅପା ମାନଙ୍କୁ ଧନ୍ୟବାଦ ସହ ମାତୃ ପତକା ଅବତରଣ କରି ଉତ୍ସବ ଶେଷ କରାଯାଇଥିଲା।

## ନୋସିରେ ୫୦ତମ ଫେସବୁକ କବିତା ଆସର ପାଳନ ପାଇଁ ପ୍ରସ୍ତୁତି ବୈଠକ



ବାଲେଶ୍ୱର, ୧୯/୨ (ନି.ପ୍ର): ସ୍ଥାନୀୟ ଗୋପବନ୍ଧୁ ପାର୍କରେ ନୋସି କଲଚ୍ୟୁରାଲ ଏକାଡେମି ର ମୁଖ୍ୟ ଉପଦେଷ୍ଟା ଶିଳ୍ପୀ କେଶୁ ଦାସଙ୍କ ଆହ୍ୱାନ କ୍ରମେ ଫେସବୁକ କବିତା ଆସରର ୫୦ତମ ସୁବର୍ଣ୍ଣ ଆସର ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ୧୮/୨/ ୨୫ ସନ୍ଧ୍ୟାରେ। ସମସ୍ତ ଉପସ୍ଥିତ କବି ଓ କବୟିତ୍ରୀ ଙ୍କ ନିଷ୍ପତ୍ତି କ୍ରମେ ଫକୀର ମୋହନ ସାହିତ୍ୟ ପରିଷଦର ସମ୍ପାଦକ ଡ଼ଃ ରତ୍ନାକର ସିଂହ 'ସୁବର୍ଣ୍ଣ ଆସର' ର ସଭାପତି ଭାବରେ ମନୋନୀତ ହୋଇଥିବା ବେଳେ ଗଗନ ସେଠୀ ମୁଖ୍ୟ ସଞ୍ଚାଳକ ଭାବରେ ମନୋନୀତ ହେଲେ। ନୋସିର ସଭାପତି ପି କେ ଦାବେ, ଉପସଭାପତି ସୁବ୍ରତ ନାୟକ, ଓରି ପଲର ମୁଖ୍ୟ ଆକାଂକ୍ଷା ବେହେରା, ଇମାମି ର ଜିଏମ ଏଚ ଆର ୟୁନୁସ୍ ସୋଲାଙ୍କୀ ପ୍ରମୁଖ ଉପଦେଷ୍ଟା ଭାବରେ ଗ୍ରହଣ କରାଯାଥିବା ବେଳେ ସଂଗଠକ ଭାବରେ ରଞ୍ଜିତ ପୃଷ୍ଟି, ସୁଶାନ୍ତ ପରିଡାଙ୍କୁ ଦାୟିତ୍ୱ ଦିଆଯାଇଛି। ୫୦ତମ ଫେସବୁକ କବିତା ଆସରର ସୁବର୍ଣ୍ଣ ଆସର ନୋସି ଉତ୍କଳା ମୁକ୍ତମଞ୍ଚ, ନୋସି ବିଜିନେସ ପାର୍କ, ବାଲେଶ୍ୱରରେ ଆଗାମୀ ୧ ଓ ୨ ମାର୍ଚ୍ଚ ୨୦୨୫ (ଶନିବାର ଓ ରବିବାର) ଦୁଇ ଦିନ ଧରି ପାଳନ କରାଯିବା ପାଇଁ ସ୍ଥିର କରାଯାଇଥିବା ବେଳେ ଛାତ୍ରଛାତ୍ରୀଙ୍କ କବିତା ପାଠୋତ୍ସବ , ଶାସ୍ତ୍ରୀୟ ସଙ୍ଗୀତ ଆସର , ସାମ୍ପ୍ରତିକ ସମୟରେ ସାମାଜିକ ଗଣମାଧ୍ୟମର କବିତାର ଭୂମିକା ସମ୍ବନ୍ଧୀୟ ଆଲୋଚନା, ନିମନ୍ତ୍ରିତ ବିଶିଷ୍ଟ କବିଙ୍କ କବିତା ପାଠୋତ୍ସବ ସହ ସମ୍ବର୍ଦ୍ଧନା ଉତ୍ସବ, ନୃତ୍ୟଗୀତର ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି କରାଯିବ ବୋଲି ସିଦ୍ଧାନ୍ତ ନିଆଯାଇଛି। ଏହି ବୈଠକରେ କବି ପ୍ରବୀର କମିଳା, ଅଜିମ ବାଲେଶ୍ୱରୀ, ଦେବାଶିଷ ସିଂହ, ତୃପ୍ତି ରାଣୀ ପାତ୍ର, କ୍ରିଷ୍ଣା ମହାନ୍ତି, ଝରଣା ଦାସ, ରଞ୍ଜିତ ଦାସ, ସୁବ୍ରତା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

## ୩ ଲକ୍ଷ ୨୮,୯୩୨ ଜଣ ମୃତ ବ୍ୟକ୍ତିଙ୍କ ନାଁରେ ଉଠୁଥିଲା ରାସନ

ଭୁବନେଶ୍ୱର, ୧୯/୨ (ନି.ପ୍ର): ୩ ଲକ୍ଷ ୨୮,୯୩୨ ଜଣ ମୃତ ବ୍ୟକ୍ତିଙ୍କ ନାଁରେ ଉଠୁଥିଲା ରାସନ। ରାଜ୍ୟ ସରକାରଙ୍କ ପକ୍ଷରୁ ଇକେୱାଇସି ପ୍ରକ୍ରିୟା ପରେ ୩ ଲକ୍ଷ ୨୮ ହଜାର ୯୩୨ ଜଣ ମୃତ ବ୍ୟକ୍ତିଙ୍କ ନାଁକୁ ବାଦ ଦିଆଯାଇଛି ବୋଲି ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣ ପାତ୍ର । ସର୍ବାଧିକ କେନ୍ଦୁଝରରେ ୩୫ ହଜାର ୫୫୦ ଜଣ ମୃତ ବ୍ୟକ୍ତି ରାସନ କାର୍ଡ ହାତେଇ ଥିବା ବେଳେ ଗଞ୍ଜାମରେ ୨୫ ହଜାର ୭୮୯,ମୟୁରଭଞ୍ଜ ରେ ୨୩ ହଜାର ୭୯୯, ରାୟଗଡ଼ା ରେ ୨୨ ହଜାର ୪୧୧ ଜଣ ମୃତ ବ୍ୟକ୍ତିଙ୍କ ନାଁରେ ଉଠୁଥିଲା ଚାଉଳ।

## ଜିଲ୍ଲାସ୍ତରୀୟ ନିପୁଣ ଓଡିଶା ମେଳା ୨୦୨୫ ଉଦ୍‌ଯାପିତ



ବାରିପଦା, ୧୯/୨ (ନି.ପ୍ର): ସମଗ୍ର ଶିକ୍ଷା, ମୟୂରଭଞ୍ଜ ଆନୁକୁଲ୍ୟରେ ଜିଲ୍ଲାସ୍ତରୀୟ ନିପୁଣ ଓଡିଶା ମେଳା ୨୦୨୫ ସ୍ଥାନୀୟ ସହିଦ ସ୍ମୃତି ଭବନ, ବାରିପଦା ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଜିଲ୍ଲାସ୍ତରୀୟ ନିପୁଣ ଓଡିଶା ମେଳା ୨୦୨୫ ଆୟୋଜନ ଅବସରରେ ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ଓ ସୃଜନଶୀଳତା ପ୍ରସଙ୍ଗକୁ ନେଇ ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ସହ ବିଭିନ୍ନ ପ୍ରତିଯୋଗୀତା ଆୟୋଜନ କରଯାଇଥିଲା । ନିପୁଣ ଓଡିଶା ମେଳାର ପ୍ରମୁଖ ଅଂଶୀଦାର ଭାବରେ ୧ମ, ୨ୟ ଓ ୩ୟ ଶ୍ରେଣୀର ଛାତ୍ରଛାତ୍ରୀ, ପିତାମାତା, ଶିକ୍ଷା ବିଭାଗର କର୍ମକର୍ତ୍ତା, ପଞ୍ଚାୟତରାଜ ବିଭାଗର ସଦସ୍ୟ ସଦସ୍ୟା, ଗଣ ମଧ୍ୟମର ସଦସ୍ୟ ଓ ବେସରକାରୀ ସଂସ୍ଥାର ଅଧିକାରୀ ତଥା ପ୍ରତିନିଧିଗଣ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥିଭାବେ ମାନ୍ୟବର ଲୋକସଭା ସାଂସଦ, ମୟୂରଭଞ୍ଜ ଶ୍ରୀଯୁକ୍ତ ନବଚରଣ ମାଝୀ ଯୋଗଦାନ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଶଶୀଧର ସିଂହ ଓ ଶ୍ରୀମତୀ ଦୀପ୍ତି ନାଏକ ପ୍ରମୁଖ ଯୋଗଦାନ କରିଥିଲେ । ମାନ୍ୟବର ସାଂସଦ ମୟୂରଭଞ୍ଜ ତାଙ୍କ ଉଦବୋଧନରେ ବିକଶିତ ଭାରତର ସ୍ୱପ୍ନ ସାକାର କରିବାକୁ ହେଲେ ତୃଣମୂଳ ସ୍ତରରୁ ଏହି ବିକାଶ ହେବା ଅବଶ୍ୟକ ଏବଂ ଏହା ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଶିକ୍ଷା, ସ୍ୱଚ୍ଛତା ଶିକ୍ଷା ଓ ପିତାମାତାଙ୍କୁ ସଚେତନ କରିବା ଦ୍ୱାରା ସମ୍ଭବ ବୋଲି ମତବ୍ୟକ୍ତ କରିବା ସହ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ପ୍ରାଥମିକ ସ୍ତରରେ ବହୁଭାଷୀ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରି ସମଗ୍ର ଭରତ ବର୍ଷରେ ମୟୂରଭଞ୍ଜ ଜିଲ୍ଲା କୁ ଏକ ନମ୍ବର ଜିଲ୍ଲାରେ ପରିଣତ କରିବାକୁ ଉପସ୍ଥିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ ଶିକ୍ଷା ବିଭାଗର ଅଧିକାରୀଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ଓ ସୃଜନଶୀଳତା ପ୍ରସଙ୍ଗ ଉପରେ ଏକ ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀର ଆୟୋଜନ କରଯାଇଥିଲା । ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଶିକ୍ଷଣ ସାମଗ୍ରୀ ଗୁଡିକୁ ଉପସ୍ଥିତ ଛାତ୍ରଛାତ୍ରୀ, ପିତାମାତା, ପଞ୍ଚାୟତରାଜ ସଦସ୍ୟ, ବେସରକାରୀ ଅନୁଷ୍ଠାନର ସଦସ୍ୟଗଣ ବୁଲି ଦେଖିଥିଲେ । ଆୟୋଜିତ ପ୍ୟାନେଲ ଆଲୋଚନାରେ "ସର୍ବଶ୍ରେଷ୍ଠ ବିଦ୍ୟାଳୟ ପାଇଁ ମୋ ପରିକଳ୍ପନା" ଶୀର୍ଷକ ଉପରେ ଆଲୋଚନା କରାଯାଇଥିଲା ।

## ଏସଡିପିଓଙ୍କୁ ଶୁଭେଚ୍ଛା ଜଣାଇଲେ ସମସ୍ତ ଆଇଆଇସି



ବାସୁଦେବପୁର, ୧୯/୨ (ନି.ପ୍ର): ବାସୁଦେବପୁର ରେ ନୂତନ ଏସ ଡି ପି ଓ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ବିଚିତ୍ରାନନ୍ଦ ସେଠୀ। ଏହି ଅବସରରେ ବାସୁଦେବପୁର ଥାନା ଅଧିକାରୀ ଲୋପାମୁଦ୍ରା ନାୟକ, ନାୟିକାଣିଡିହି ଥାନା ଅଧିକାରୀ ସଲ ଖାନ ମୂର୍ମୁ, କଷିଆ ମେରାଇନ୍ ଥାନା ଅଧିକାରୀ ସାବିତ୍ରୀ ପଣ୍ଡା, ଚୂଡ଼ାମଣି ମେରାଇନ୍ ଥାନା ଅଧିକାରୀ ବନାନୀ ବେହେରା ପ୍ରମୁଖ ନୂତନ ଏସ ଡି ପି ଓ ବିଚିତ୍ରାନନ୍ଦ ସେଠୀ ଙ୍କୁ ଫୁଲତୋଡ଼ା ଦେଇ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ନୂତନ ଏସ ଡି ପି ଓ ଶ୍ରୀ ସେଠୀ ସମସ୍ତ ଆଇ ଆଇ ସି ଓ ଅଫିସ୍ ଷ୍ଟାଫ୍ ପୋଲିସ୍ ଷ୍ଟାଫ୍‌ଙ୍କ ସହିତ ମଧୁର ବାର୍ତ୍ତାଳାପ କରିଥିଲେ। ପୋଲିସ୍ ଷ୍ଟାଫ୍ ପୁନମ ଦେବୀ ବେହେରା, ଅଧିକାରୀ ଦାସ ମହାପାତ୍ର, ଏମ ଏମ କେ ସିଂ, ଶୁଭେନ୍ଦୁ ମହାନ୍ତି, ଲକ୍ଷ୍ମୀକାନ୍ତ ଉପାଧ୍ୟାୟ, ସୁନ୍ଦର ମୋହନ ସୋରେନ୍, ରଞ୍ଜନ କୁମାର ଚକ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ବିଭିନ୍ନ ସମସ୍ୟା କୁ ଠିକ୍ ଭାବରେ ସମାଧାନ କରିବା ସହିତ ଲୋକ ମାନଙ୍କ ମଙ୍ଗଳ ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ଏସ ଡି ପି ଓ ଶ୍ରୀ ସେଠୀ ପ୍ରକାଶ କରିଥିଲେ।

## ଛତ୍ରପତି ଶିବାଜୀଙ୍କର ଜୟନ୍ତୀ ପାଳିତ

ବେତନଟୀ, ୧୯/୨ (ନି.ପ୍ର): ବେତନଟୀ ଧର୍ମଶାଳା ଠାରେ ଶିବାଜୀ କ୍ଲବ ତରଫରୁ ଛତ୍ରପତି ଶିବାଜୀଙ୍କର ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛତ୍ରପତି ଶିବାଜୀଙ୍କର ଫଟୋଚିତ୍ରରେ ପୁଷ୍ପମାଲ୍ୟ ଓ ଧୂପ ଦ୍ୱୀପ ପ୍ରଦାନ କରାଯାଇଥିଲା ଏବଂ ଶିବାଜୀ କ୍ଲବର ଦିବଂଗତ ସଦସ୍ୟ ମାନଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଶିବାଜୀ କ୍ଲବର ସଦସ୍ୟ କବି ମନୋଜ କୁମାର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ପାଳନ ଉତ୍ସବରେ ପଦ୍ମମାଳୀ ମହିଳା ସଙ୍ଗଠନର ସମ୍ପାଦିକା ପ୍ରଭାତୀ ମହାନ୍ତି, କାର୍ଯ୍ୟକାରୀ ସଭାପତି ଗୀତାଞ୍ଜଳୀ ଭୂୟାଁ, ଉପସଭାପତି ସୋନା ଖାତୁନ, କୋଷାଧ୍ୟକ୍ଷା ବିନୋଦିନୀ ମହାନ୍ତ, ସଦସ୍ୟା ମିନତୀ ସାହୁ, ସାମ୍ବାଦିକ ହରିଶ୍ଚନ୍ଦ୍ର ସାମଲ ପ୍ରମୁଖ ଅତିଥି ଭାବରେ ଯୋଗଦାନ କରି ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ଶିବାଜୀ କ୍ଲବର କୋଷାଧ୍ୟକ୍ଷ ଉପେନ୍ଦ୍ରନାଥ ମହାନ୍ତ, ସଦସ୍ୟ ଗଙ୍ଗାଧର ମହାନ୍ତ, ଜଗମୋହନ ମହାନ୍ତ, କରୁଣାକର ମହାନ୍ତ,କୃଷ୍ଣଚନ୍ଦ୍ର ମହାକୁଡ ଓ ଲାଲମୋହନ ନାଏକ ପ୍ରମୁଖ ବିଭିନ୍ନ କାର୍ଯ୍ୟ ପରିଚାଳନା କରିଥିଲେ ।

## ପୋଲ ନିର୍ମାଣ ସ୍ୱତ୍ତ୍ୱେ ନୂଆ ବଜାର ରେଳ ଫାଟକ ଖୋଲିବା ଦାବି

### ରେଳ ଧାରଣା ଅତିକ୍ରମ ବେଳେ ଦୁର୍ଘଟଣା



ଜଳେଶ୍ୱର, ୧୯/୨ (ନି.ପ୍ର): ଜଳେଶ୍ୱର ସହରକୁ ପ୍ରମୁଖ ପ୍ରବେଶ ପଥ ନୂଆ ବଜାର ରେଳ ପୋଲ ନିର୍ମାଣ ଫଳରେ ଯାତାୟାତ ସୁଗମ ହୋଇଛି। ପୂର୍ବରୁ ଲୋକେ ଦୀର୍ଘ ସମୟଧରି ହନ୍ତସନ୍ତ ହୋଇ ସହରକୁ ପ୍ରବେଶ କରୁଥିଲେ। କିନ୍ତୁ ରେଳ ପୋଲ ନିର୍ମାଣ ଫଳରେ ଯାନ ଦ୍ୱାରା ଚଳାଚଳ ସୁବିଧା ହେଉଥିବା ବେଳେ ପାଦଚଲା ଓ ସାଇକେଲ ଆରୋହୀଙ୍କ ପକ୍ଷରେ ଘୋର ଅସୁବିଧା ପରିଲକ୍ଷିତ ହେଉଛି ।କାରଣ ପୁରୁଣା ରେଳ ଲେବୁଲ କ୍ରସିଂ କୁ ରେଳ ବିଭାଗ ଉଚ୍ଛେଦ କରି ରାସ୍ତାରେ ଲୁହା ବାଡ଼ କରିଛି। ଫଳରେ ଦୁଇ ପଟରେ ଥିବା ଶହଶହ ଛାତ୍ର ଛାତ୍ରୀ, ବୟସ୍କ, ସାଧାରଣ ଲୋକେ ବ୍ୟସ୍ତ ବହୁଳ, ବିପଦପୂର୍ଣ୍ଣ ,ସମୟ ସାପେଖ ପୋଲରେ ଅତିକ୍ରମ କରିବା ଦୁରୁହ ହେଉଛି। ପ୍ରତିଦିନ ସେହି ପୋଲ ତଳ ରେଳ ଧାରଣା ଉପର ଗଳା ରାସ୍ତାରେ ଛାତ୍ର ଛାତ୍ରୀ ଯାଉଥିଲେ ହେଁ ବଡ଼ ବଜାର ଲୁଗା ଦୋକାନ ର କର୍ମଚାରୀ ସାଇକେଲ ସହ ରେଳ ଧାରଣା ପାରିହେବା ବେଳେ ମାଲବାହୀ ଟ୍ରେନରେ ଦୁର୍ଘଟଣା ର ଶୀକାର ହୋଇଛନ୍ତି । ମ୍ୟୁନିସିପାଲଟି ଅଧିନ ନହଞ୍ଜରା ଗ୍ରାମର ସୁଜିତ୍ ବେହେରା ଙ୍କୁ ଗୁରୁତର ଅବସ୍ଥାରେ ଲୋକେ ଉଦ୍ଧାର କରି ଜେକେ ଭଟ୍ଟର ହସ୍ପିଟାଲ ରେ ଭର୍ତ୍ତି କରିଥିଲେ ।ପରେ ଗୁରୁତର ଙ୍କୁ ବାଲେଶ୍ୱର ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଯୋଗ୍ୟ ଜଳେଶ୍ୱର ସହର ପରିଧି,ଜନ ସଂଖ୍ୟା ଦୃଷ୍ଟିରୁ ଅଧିକ ଯାତାୟାତ ର ସୁଗମ ଲାଗି ନଗରପାଳ ପ୍ରତିପ୍ କୁମାର ପ୍ରଧାନ ଓ କେତେକ କାଉନସିଲର,ଜନ ସାଧାରଣ ରେଳ ବିଭାଗ ଓ ଜିଲ୍ଲା ପାଳ ଙ୍କୁ ପୁରୁଣା ରେଳ ଫାଟକ ଖୋଲିବା ପାଇଁ ଦାବି ଜଣାଇଥିଲେ। କିନ୍ତୁ ବିଭାଗୀୟ କୃର୍ପକ୍ଷଙ୍କ ଏଥିପ୍ରତି ଦୃଷ୍ଟି ଦେବା ପରିବର୍ତ୍ତେ ପୁରୁଣା ରାସ୍ତା କୁ ରେଳବାଇ ପଖରୁ ଲୁହା ବାଡ଼ କରି ଅବରୋଧ କରାଯାଇଛି ।ଏହା ସ୍ୱତ୍ତ୍ୱେ ଆବଶ୍ୟକତା ଅନୁସାରେ ବହୁ ଲୋକେ ପ୍ରତ୍ୟହ ଗଳା ରାସ୍ତା ରେ ଚଳପ୍ରଚଳ କରୁଛନ୍ତି। ଜଳେଶ୍ୱର ସହର ରାସ୍ତା ଘାଟ ବେଶେଷ ସରଳ ନଥିବାରୁ ଅନ୍ୟ ସ୍ଥାନରେ ମଧ୍ୟ ରେଳ ପୋଲ ତଳ ରାସ୍ତା ରେ ଯାତାୟାତ ହେଉଛି ।ଏଣୁ ଏକ କିଲୋ ମିଟର ଲମ୍ବ ରାସ୍ତା ଅତିକ୍ରମ ପରିବର୍ତ୍ତେ ଲୋକେ ଗଳା ରାସ୍ତା କୁ ସହଜ ମଣୁଛନ୍ତି ।୨ଟି ମହା ବିଦ୍ୟାଳୟ, ବ୍ୟାଙ୍କ, ସ୍କୁଲ୍, ହସ୍ପିଟାଲ, ପୌର କାର୍ଯ୍ୟାଳୟ ଓ ଅନ୍ୟ ପ୍ରତିଷ୍ଠାନ ଓ ସଂସ୍ଥା କୁ ଯିବା ଲାଗି ଲୋକେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ତେଣୁ ସମସ୍ତ ଦିଗକୁ ଲକ୍ଷ୍ୟ କରି ଜଳେଶ୍ୱର ଭଳି ପେଣ୍ଡସ୍ଥଳୀ କୁ ଯାତାୟତ ଲାଗି ସମସ୍ତ ରାସ୍ତା ସହିତ ନୂଆ ବଜାର ପୁରୁଣା ରେଳ ଫାଟକ ଖୋଲିବାକୁ ସାଧାରଣ ରେ ଦାବି ହୋଇଛି।

## ରାଜ୍ୟରେ ଅଛନ୍ତି ୪୮ ଲକ୍ଷ ୬୫, ୮୫୦ ଜଣ ଚାଷୀ

ଭୁବନେଶ୍ୱର, ୧୯/୨ (ନି.ପ୍ର): ରାଜ୍ୟରେ ଅଛନ୍ତି ୪୮ ଲକ୍ଷ ୬୫, ୮୫୦ ଜଣ ଚାଷୀ । ଏନେଇ ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ଉପ ମୁଖ୍ୟମନ୍ତ୍ରୀ କେଭି ସିଂ ଦେଓ । ରାଜ୍ୟରେ ୪୮ ଲକ୍ଷ ୬୫ ହଜାର ୮୫୦ ଜଣ ଚାଷୀ, ୯ ଲକ୍ଷ ୫ ହଜାର ୧୮୪ ଭାଗଚାଷୀ, ୮ ଲକ୍ଷ ୮୭ ହଜାର ୨୭୨ ଜଣ କ୍ଷୁଦ୍ର ଚାଷୀ ଓ ୩୬ ଲକ୍ଷ ୩୬ ହଜାର ୬୫୮ ଜଣ ନାମମାତ୍ର ଚାଷୀ ଅଛନ୍ତି । ରାଜ୍ୟରେ ପ୍ରଧାନମନ୍ତ୍ରୀ କିସାନ ସମ୍ମାନ ନିଧି ଯୋଜନାରେ ଅକ୍ଟୋବର ୨୦୨୪ ପର୍ଯ୍ୟନ୍ତ ୩୧,୫୧,୭୦୦ ଚାଷୀ ଉପକୃତ ହୋଇଛନ୍ତି । ସେହିଭଳି ସିଏମ କିଷାନ ମାଧ୍ୟମରେ ୪୫,୫୭,୭୩୩ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୩୯, ୩୦୩ ଭୂମିହୀନ କୃଷି ପରିବାର ଉପକୃତ ହୋଇଛନ୍ତି ।

## ବାଲେଶ୍ୱରରେ ବାସ୍ତୁ ପ୍ରଶିକ୍ଷଣ ଶିକ୍ଷା ଦାନ ଅନୁଷ୍ଠିତ



ବାଲେଶ୍ୱର, ୧୯/୨ (ନି.ପ୍ର): ରାଜସ୍ଥାନର ପ୍ରସିଦ୍ଧ ବାସ୍ତୁବିତ ଆଚାର୍ଯ୍ୟ ପଙ୍କଜ ଗୋୟଲଙ୍କ ସହଯୋଗୀ ଶ୍ରୀ ଜୟଦେବ ଜେନାଙ୍କ ସୌଭାଗ୍ୟ ଚକ୍ର ଜ୍ୟୋତିଷ କେନ୍ଦ୍ର ଭୀମପୁର ତରଫରୁ ଏକ ବାସ୍ତୁ ପ୍ରଶିକ୍ଷଣ ଶିକ୍ଷା କାର୍ଯ୍ୟକ୍ରମ ହୋଟେଲ ଚନ୍ଦ୍ରଭାଗାରେ ଅନୁଷ୍ଠିତ ହୋଇଯାଇଛି । ଆରମ୍ଭରେ ଶିକ୍ଷୟତ୍ରୀ ବୃନ୍ଦାବତୀ ଦାସ ଜଗନ୍ନାଥଙ୍କ ବନ୍ଦନା ଗାଇଥିଲେ । ଶ୍ରୀ ଜୟଦେବ ନାୟକ ବାସ୍ତୁ ପ୍ରଶିକ୍ଷଣ ମାଧ୍ୟମରେ କେମିତି ବାସ୍ତୁ ପରୀକ୍ଷା କରିବେ, ବାସ୍ତୁର ଦିଗ ସମ୍ପର୍କରେ ସମ୍ପୂର୍ଣ୍ଣ ଶିକ୍ଷା ପ୍ରଦାନ କରିଥିଲେ । ଶ୍ରୀ ଗୌତମ କୁମାର ଜେନା, ସମୀର ଜେନା, ପ୍ରତାପ ନାୟକ, ଜୟ କୃଷ୍ଣ ଦାସ ଏହି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ । ଶେଷରେ ଜଗନ୍ନାଥ ସଂସ୍କୃତି ପ୍ରବଚକ ଶ୍ରୀ ଶାନ୍ତି ସ୍ୱରୂପ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଠିକାଦାରଙ୍କୁ ଅହେତୁକ ଅନୁକମ୍ପା: ଆରମ୍ଭ ହୋଇପାରୁନି ସାରଡାଙ୍ଗ-କୁଣ୍ଡି ରାସ୍ତା



ଖଇରା, ୧୯/୨ (ନି.ପ୍ର): ଶିଳାନ୍ୟାସକୁ ବର୍ଷେ ପୁରିଲାଣି । ତଥାପି ଖଇରା ଓ ସିମୁଳିଆ ୨ବ୍ଲକକୁ ସଂଯୋଗ କରୁଥିବା ସାରଡାଙ୍ଗ-କୁଣ୍ଡି ଭାୟା ବାରାକୁଟି ଆଦିବାସୀସାହି ରାସ୍ତା ନିର୍ମାଣ ଆରମ୍ଭ ହୋଇ ପାରିଲାନି । ସମାନ୍ୟ ବର୍ଷା ହେଲେ ଗ୍ରାମବାସୀ ଙ୍କ ଅବସ୍ଥା କହିଲେ ନସରେ । ଗତ ବର୍ଷା ଋତୁରେ ଗ୍ରାମବାସୀ ମାନେ ନିଜ ଉଦ୍ୟମରେ ରାସ୍ତାରେ କିଛି ମେଟାଲ ବିଛାଇ ଚଳପ୍ରଚଳର ବ୍ୟବସ୍ଥା କରିଥିଲେ । ପକ୍କାରାସ୍ତା ପାଇଁ ଗ୍ରାମବାସୀ ଡହଳବିକଳ ହେଉଥିବା ବେଳେ ରାସ୍ତାନିର୍ମାଣ ପ୍ରତି ଠିକାଦାରଙ୍କ ଗୁରୁତ୍ୱ ନାହିଁ। କନିଷ୍ଠ ଯନ୍ତ୍ରୀ ଙ୍କ ଠାରୁ ଆରମ୍ଭ କରି ମୁଖ୍ୟଯନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଗ୍ରାମବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିଦେବା ବଦଳରେ ଠିକାଦାର ଙ୍କୁ ସୁହାଇବା ଭଳି ପଦକ୍ଷେପ ନେଉଥିବାରୁ ରାସ୍ତା ନିର୍ମାଣ ହୋଇ ପାରୁନଥିବା ନେଇ ଗ୍ରାମର ଜଗବନ୍ଧୁ ମାଝୀ, ବାବୁ ମାଝୀ,ଭୀମ ମାରାଣ୍ଡି, ମୁନା ମାଝୀ,ଶିବ ସୋରେନ, କାଳନ୍ଦି ମାଝୀ,ଲକ୍ଷ୍ମଣ ମାଝୀ ଅଭିଯୋଗ କରିଛନ୍ତି। ପାଖାପାଖି ୩କିମି ରାସ୍ତା ପାଇଁ ୨କୋଟି ୬୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ଗତ ୨୦୨୪ ମସିହା ଜାନୁଆରୀ୨୩ ତାରିଖରେ ତତକାଳିନ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ରାସ୍ତାର ଶିଳାନ୍ୟାସ କରିଥିଲେ । ଶିଳନ୍ୟାସର କିଛି ଦିନ ପରେ ଠିକ ବର୍ଷାଋତୁରେ ଠିକାଦାର ଜେସିବିରେ ରାସ୍ତାକୁ ତାଡିଦେଇ ଛାଡି ଦେବା ପରେ ଆଉ ନିର୍ମାଣପାଇଁ ପଦକ୍ଷେପ ନେଇନଥିଲେ । ଯେଉଁଥିପାଇଁ ବର୍ଷାଦିନେ ମିର୍ଜାପୁର, ବାରାକୁଟି,ସାରଡାଙ୍ଗ ଗ୍ରାମବାସୀ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ । ଅଧୀକ ମୁନାଫା ପାଇଁ ରାସ୍ତା ପିଚ ବଦଳରେ କଂକ୍ରିଟ କରିବା ଉଦ୍ଦେଶ୍ୟରେ ଏଷ୍ଟିମେଟ ବଦଳାଇବାକୁ ଠିକାଦାର ଜଣକ ଦୌଡାଦୌଡି ଆରମ୍ଭ କରିବା ପରେ ରାସ୍ତାକାମ ପୁରାପୁରି ବନ୍ଦ ରହିଥିଲା । ଏବେ ରାସ୍ତା ନିର୍ମାଣରେ ଅନିଶ୍ଚିତତା ଦେଖାଦେଇଥିବା ବେଳେ ଉକ୍ତ ଠିକାଦାରଙ୍କ ଲାଇସେନ୍ସ ବାତିଲ ପାଇଁ ଗ୍ରାମବାସୀ ମାନେ ଦାବି କରିଛନ୍ତି । ଏ ସମ୍ପର୍କରେ ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ ସାହୁଙ୍କୁ ଯୋଗାଯୋଗ କରିବାରେ ରାସ୍ତାରେ ନଦୀଜଳ ପ୍ରବାହିତ ହେଉଥିବାରୁ ପିଚ ବଦଳରେ କଂକ୍ରିଟ ପାଇଁ ଦାବୀ ହୋଇଥିଲେ । ଏବେ ଏଷ୍ଟିମେଟ ସଂଶୋଧନ କାମ ସରିଛି । ଖୁବଶିଘ୍ର ନିର୍ମାଣ ଆରମ୍ଭ ହେବ ବୋଲି କହିଛନ୍ତି ।

## ବିଜେଡି ସମୟରେ ଚାଲିଥିଲା ବଡ଼ ଦୁର୍ନୀତି: ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର, ୧୯/୨ (ନି.ପ୍ର): ମୃତ ରାସନ କାର୍ଡ ହିତାଧିକାରୀ ନେଇ ଯୋଗାଣ ମନ୍ତ୍ରୀ ପ୍ରତିକ୍ରିୟା ରଖିଛନ୍ତି। ଲୋକ ମଲା ପରେ ବି ଚାଲିଥିଲା ପ୍ରକ୍ରିୟା । ମୃତ୍ୟୁର ୪ - ୫ବର୍ଷ ପରେ ମଧ୍ୟ ଉଠୁଥିଲା ଚାଉଳ। ବିଜେଡି ସମୟରେ ଚାଲିଥିଲା ବଡ଼ ଦୁର୍ନୀତି । ଇ-କେୱାଇସି ଶେଷ ପରେ ଆରମ୍ଭ ହେବ ତଦନ୍ତ । ରାଜ୍ୟରେ ୩ ଲକ୍ଷ ୨୮ ହାଜରରୁ ଅଧିକ ମୃତ ହିତାଧିକାରୀ ଚାଉଳ ନେଉଥିଲେ । ଏହା ଇ-କେୱାଇସି ଦ୍ୱାରା ଧାରା ପଡିଲା । ଏ ରାସନ କାର୍ଡ ଏବେ କଟା ସରିଛି । ଆୟକର ଦାତାଙ୍କୁ ମଧ୍ୟ ନୋଟିସ ହୋଇଛି । ଏବେ ଫିଜିକାଲ ଭେରିଫିକେସନ ଚାଲିଛି। ଲୋକ ମାନେ ମଲା ପର ଠାରୁ ୪-୫ ବର୍ଷ ପର୍ଯ୍ୟନ୍ତ ଏ ପ୍ରକ୍ରିୟା ଚାଲିଥିଲା। ଚାଉଳ କିଏ ଖାଉଥିଲା ତାର ତଦନ୍ତ ଚାଲିଛି। ଏଥିରେ କୋଟି କୋଟି ଟଙ୍କା ଦୁର୍ନୀତି ହୋଇଛି ।

## ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ



ବାସୁଦେବପୁର, ୧୯/୨ (ନି.ପ୍ର): ବାସୁଦେବପୁର ପୌର ପାଳିକା ଅନ୍ତର୍ଗତ ନବଗ୍ରହ ମନ୍ଦିର ନିକଟରେ ସେଣ୍ଟ ଜାଭିୟର ଆବାସିକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ ଭାରତୀୟ ଜନତା ପାର୍ଟିର ଯୁବ ନେତା ଉଦୟ ନାରାୟଣ ମଲ୍ଲିକ,ଶିକ୍ଷାବିତ୍ ଅଶୋକ କୁମାର ମହାନ୍ତି, ବରିଷ୍ଠ ଶିକ୍ଷକ ଅମୀୟ ପାଣିଗ୍ରାହୀ, ରେମୁଣା ଡ଼ାଏଟ ପ୍ରଶିକ୍ଷକ ଭବାନୀ ଶଙ୍କର ଦାସ । ସମସ୍ତ ଅତିଥି ଖୁବ୍ ସୁନ୍ଦର ବକ୍ତବ୍ୟ ପ୍ରଦାନ କରିଥିଲେ ଓ ବିଦ୍ୟାଳୟ କୁ ପ୍ରଶଂସା କରିଥିଲେ ।ଏହି ଉତ୍ସବରେ ବିଦ୍ୟାଳୟ ର ଅଧ୍ୟକ୍ଷ ଶୁଭମ୍ ଦାସ ରିଙ୍କୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟତ୍ରୀ ମମତା ପ୍ରିୟ ଦର୍ଶୀନି ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ରବି ନାରାୟଣ ଦାସ ସମସ୍ତ ଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ର ଛାତ୍ରୀ ମାନେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ ଅଭିଭାବକ ଯୋଗ ଦେଇଥିଲେ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida